R.N.I. REGN. No. 65000/96 POSTAL REGN. No. OR/BN-32/12-14

06 November 2025, Thursday

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨
ତିଥି : ପ୍ରତିପଦ
୦୬ ନଭେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

# ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ



## ଓଡ଼ିଆ ଜାତିର ସାହସ, ସଂକଳ୍ପ ଓ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ହେଉଛି ବାଲିଯାତ୍ରା: ମୁଖ୍ୟମନ୍ତ୍ରୀ

କଟକ,୫।୧୧(ସବ୍ୟୁ): ଶହ ଶହ ବର୍ଷ ତଳେ ଆଜିର ଦିନର କଳିଙ୍ଗର ସାଧାବମାନେ ସମୁଦ୍ରରେ ବୋଇତ ନେଇ ସୁଦୂର ଦେଶକୁ ନୌବାଣିଜ୍ୟ ପାଇଁ ଯାଉଥିଲେ । ସେମାନଙ୍କର ଶୁଭ ମନାସୀ, ସୁରକ୍ଷିତ ଯାତ୍ରା ଉଦ୍ଦେଶ୍ୟରେ ଆମ ସାଧବ ବୋହୂମାନେ ପୂଜାର୍ଚ୍ଚନା କରି ମେଲାଣି ଦେଉଥିଲେ । ବାଲିଯାତ୍ରା ଆମ ଓଡ଼ିଶାର କଳା ସଂସ୍କୃତି ଏବଂ ଧାର୍ମିକ ଭାବନା ସହ ଜଡ଼ିତ । ଓଡ଼ିଶାର ଗୌରବମୟ ଇତିହାସର ସୁନ୍ଦର ପରିଚୟ ହେଉଛି ଐତିହାସିକ ବାଲିଯାତ୍ରା କଟକ । ଏହି ଦିବସର ଗୁରୁତ୍ୱକୁ ବାଦ୍ ଦେଇ ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଚିନ୍ତା କରାଯାଇ ପାରିବ ନାହିଁ। ଧାର୍ମିକ, ସାଂସ୍କୃତିକ, ଅର୍ଥନୀତିକ, ପାରମ୍ପରିକ ସବୁ ଦୃଷ୍ଟିକୋଣରୁ ବାଲିଯାତ୍ରାର ବୈଶିଷ୍ଟ୍ୟତା ରହିଛି । ଓଡ଼ିଆ ଜାତିର ସାହସ, ସଂକଳ୍ପ ଏବଂ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ହେଉଛି ଏହି କଟକର ବାଲିଯାତ୍ରା ବୋଲି ଐତିହାସିକ ବାଲିଯାତ୍ରା-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଛନ୍ତି ।

ଗଣକବି ବୈଷ୍ଣବ ପାଣି ମଞ୍ଚରୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସମ୍ବୋଧନ କରି କହିଲେ ଯେ, ପୃଥିବୀର ସବୁଠୁ ବିପଜ୍ଜନକ ସମୁଦ୍ର ହେଉଛି ବଙ୍ଗୋପସାଗର । ପ୍ରାୟ ଅକ୍ଟୋବର ମାସରେ ବଙ୍ଗୋପସାଗରରେ ଝଡ଼ ବା ବାତ୍ୟା ଆସେ । ସେତେବେଳେ ବି ଅକ୍ଟୋବରରେ ଝଡ଼ ଆସିଲା ବେଳେ ସାଧବ ପୁଅ ନୌକାରେ ପାଲ ଟାଣି ଆହୁଲା ମାରି ନୌବାଣିଜ୍ୟ ପାଇଁ ଯାଉଥିଲେ ଏବଂ ସେଥିରେ ସଫଳତା ପାଉଥିଲେ । ଈଶ୍ୱରଙ୍କ ଅପାର କରୁଣାରୁ ଓଡ଼ିଶାରେ ଖଣି ଅଛି, ଜମି ଅଛି, ପାଣି ଅଛି, ଜଙ୍ଗଲ ଅଛି, ମାନବ ସମ୍ବଳ ଅଛି । ୪୮୦ କିଲୋମିଟର ସାମୁଦ୍ରିକ ଉପକୂଳ ରହିଛି । ଏସବୁ ଓଡ଼ିଶାର ଅର୍ଥନୀତିର ଅଭିବୃଦ୍ଧିକୁ ଦୃଢ଼ କରିବ । ରାଜ୍ୟରେ ଏବେ ବନ୍ଦରଭିତ୍ତିକ ଅର୍ଥନୀତି ପାଇଁ ସଂକଳ୍ପବଦ୍ଧ ହୋଇ କାମ କରାଯାଉଛି । ହଜାରେ ବର୍ଷର ତାରକସୀ ସହର କଟକ । ସାରା ବିଶ୍ୱରେ ଏହା ରୌପ୍ୟ ନଗରୀ ବା ସିଲଭର ସିଟି ଭାବେ ପରିଚୟ ହାସଲ କରିଛି । ସହରର ପ୍ରାଣ ହେଉଛି ଏଠାକାର ମହାନଦୀ ଓ କାଠଯୋଡ଼ି । ଏହା ବିନା କଟକ ସହରର କଳ୍ପନା କରାଯାଇ ପାରି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ କହିଛନ୍ତି । ସମ୍ମାନୀତ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ ଯେ, ଅତୀତକୁ ମନେ ରଖିବା, ଅତୀତକୁ ନେଇ ଗର୍ବ କରିବା, ଅତୀତର ସ୍ମୃତିକୁ ରୋମନ୍ଥନ କରିବା । କିନ୍ତୁ ବର୍ତ୍ତମାନକୁ ଗଢ଼ିବା ବେଳେ ଭବିଷ୍ୟତ ପିଢ଼ି ଉପରେ ବିଶ୍ୱାସ ରଖି ଆମେ ଆଗକୁ ବଢ଼ିବା । ସମ୍ମାନୀତ ଅତିଥି ଭାବେ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ କହିଲେ ଯେ, ବାଲିଯାତ୍ରା ପ୍ରତ୍ୟେକ ମୁହୂର୍ତ୍ତରେ (୯ ପୃଷ୍ଠାରେ)

# ସପ୍ତାହେ ଯାଏଁ ଆହୁରି ବଢ଼ିବ ଶୀତ

- ଫୁଲବାଣୀରେ ୧୨.୫ ଡିଗ୍ରୀ
- ଆଭ୍ୟନ୍ତରୀଣରେ ୧୦° ତଳକୁ ଖସିବ ପାରଦ
- ଦିଲ୍ଲୀ ତୁଳନାରେ ଭୁବନେଶ୍ୱରରେ ଅଧିକ ଥଣ୍ଡା
- ଭୁବନେଶ୍ୱରରେ ରାତିକ ଭିତରେ ଖସିଲା ୩.୮°

ଭୁବନେଶ୍ୱର, ୫ ।୧୧ (ସବ୍ୟୁ) : ଦେଶର ରାଜଧାନୀଠାରୁ ରାଜ୍ୟ ରାଜଧାନୀରେ ଅଧିକ ଥଣ୍ଡା ପଡ଼ିଛି । ଦିଲ୍ଲୀର ସଫଦରଜଙ୍ଗଠାରେ ସର୍ବନିମ୍ନ ରାତ୍ରିର ତାପମାତ୍ରା ୧୮.୪° ସେଲ୍‌ସିୟସ ଥିବାବେଳେ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୭° ସେଲ୍‌ସିୟସ ରେକର୍ଡ଼ ହୋଇଛି । ତେବେ ଫୁଲବାଣୀର ଜି.ଉଦୟଗିରିଠାରେ ରାତିର ତାପମାତ୍ରା ୧୨.୫° ରେକର୍ଡ଼ କରାଯାଇଛି । ଏହା ଚଳିତବର୍ଷର ସବୁଠୁ କମ ତାପମାତ୍ରା ରେକର୍ଡ଼ ହୋଇଛି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ପବନ ପ୍ରବାହିତ ହେଉଛି । ଫଳରେ ଥଣ୍ଡା ଆହୁରି ବଢ଼ିବ । ଏପରିକି ରାତ୍ରିର ତାପମାତ୍ରା ୪ରୁ ୬° (୯ ପୃଷ୍ଠାରେ)

# ଆକାଶରେ ଦେଖାଗଲା ସୁପରମୁନ୍



୨୦୨୫ର ସବୁଠୁ ବଡ଼ ଉଜ୍ଜ୍ୱଳ ପୂର୍ଣ୍ଣିମା

ଭୁବନେଶ୍ୱର, ୫ ।୧୧ (ସବ୍ୟୁ): ଆକାଶରେ ଏକ ସୁପରମୁନ୍ ଦେଖାଗଲା । ଯାହା ଚଳିତ ବର୍ଷର ଅନ୍ୟ ପୂର୍ଣ୍ଣିମା ଅପେକ୍ଷା ବଡ଼ ଓ ଉଜ୍ଜ୍ୱଳ । ଏହା ପୃଥିବୀର ସବୁଠାରୁ ନିକଟତମ ଚନ୍ଦ୍ର । ତେଣୁ ଏହାର ଉଜ୍ଜ୍ୱଳତା ବିଶେଷ ଭାବରେ ଦେଖିଲାଭଳି । ଏହାକୁ ସ୍ୱଷ୍ଟ ପାଗ ଏବଂ ଖୋଲା ଆକାଶ ତଳେ ଦେଖାଦେଇଛି । ଚଳିତ ବର୍ଷ ତିନୋଟି ସୁପରମୁନ୍ ଦେଖାଯାଉଛି । ଆଜି(ବୁଧବାର) ରାତିରେ ଦୃଶ୍ୟମାନ ହେବାକୁ ଥିବା ସୁପରମୁନ୍ ସବୁଠାରୁ ଉଜ୍ଜ୍ୱଳ । ଏହା ଅକ୍ଟୋବର ସୁପରମୁନ୍ ଅପେକ୍ଷା ବଡ଼ ଏବଂ ଉଜ୍ଜ୍ୱଳ । ଅନ୍ୟପକ୍ଷରେ ଡିସେମ୍ବର ସୁପରମୁନ୍ ଛୋଟ ହେବ ।

ପୂର୍ଣ୍ଣିମା ସମୟରେ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟତର ହେଲେ ଏହା ଏକ ସୁପରମୁନ୍ ହୁଏ । ଯାହାକୁ ପେରିଗି ବୋଲି କୁହାଯାଏ । (୯ ପୃଷ୍ଠାରେ)

## ହରିୟାଣାରେ ଭୋଟ୍ ଚୋରି ଅଭିଯୋଗ ଆଣିଲେ ରାହୁଲ

# ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଜାଲ୍ ଭୋଟ୍




### ଜଣେ ମହିଳା ୨୨ ଥର ଭୋଟ୍ ଦେଇଛନ୍ତି

### ଅଭିଯୋଗକୁ ଖଣ୍ଡନ କଲେ ଇସି

ନୂଆଦିଲ୍ଲୀ, ୫ ।୧୧ (ସବ୍ୟୁ) : ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ଲକ୍ଷ ଜାଲ ଭୋଟ ପଡ଼ିଛି । ମତଦାନରେ ୧୨.୫% ନକଲି ଭୋଟ ଥିବାବେଳେ ୯୩ ହଜାର ଠିକଣା ଅବୈଧ ଥିଲା । ଜଣେ ମହିଳା ୨୨ଥର ଭୋଟ ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅଭିଯୋଗ ଆଣିଛନ୍ତି । ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ପୂର୍ବରୁ ଏଚ୍-ଫାଇଲ୍ସ ନାମକ ଏକ ପ୍ରେଜେଣ୍ଟସନ ଉପସ୍ଥାପନ କରି ନିର୍ବାଚନ କମିଶନଙ୍କୁ ପୁଣି ରାହୁଲ ଟାର୍ଗେଟ କରିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଅଭିଯୋଗ କରିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ କୌଶଳ । ଏହା କରାଯାଇ କଂଗ୍ରେସର (୯ ପୃଷ୍ଠାରେ)

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ନେଇ କ୍ରାଇମସିନ ରିକ୍ରିଏସନ

ବ୍ରହ୍ମପୁର, ୫ ।୧୧ (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ୨ ଜଣ ସାର୍ପସୁଟରଙ୍କୁ ଧରି କ୍ରାଇମ ସିନ ରିକ୍ରିଏସନ କରାଇଛି ପୁଲିସ । ମଙ୍ଗଳବାର ଅପରାହ୍ନରେ ପୁଲିସ ସାର୍ପସୁଟର କୁରୁପତି ଭୂୟାଁ ଓ ବାଇକ ଚାଳକ ଚିଣ୍ଟୁ ପ୍ରଧାନଙ୍କୁ ହତ୍ୟା ଘଟଣାସ୍ଥଳ ବୈକୁଣ୍ଠନଗର ଛକକୁ ନେଇ ଘଟଣା ଦିନ ସେମାନେ ପୀତବାସଙ୍କୁ କେମିତି ହତ୍ୟା କରିଥିଲେ ସେ ବିଷୟରେ ସମସ୍ତ ଘଟଣା ଦର୍ଶାଇବାକୁ କହିଥିଲା । ତେବେ କ୍ରାଇମ ସିନ ରିକ୍ରିଏସନ ବେଳେ ଅଭିଯୁକ୍ତ ଚିଣ୍ଟୁ ଓ ଗୁଳି ମାରିଥିବା କୁରୁପତି ପୁଲିସକୁ ସେହି ରାତିର ଘଟଣା ସମ୍ପର୍କରେ କହିଥିଲେ । ରାତି ୯ଟା ୫୦ ବେଳେ କୁରୁପତି ଓ ଚିଣ୍ଟୁ ବୈକୁଣ୍ଠନଗର ଛକ ଠାରେ ପୀତବାସଙ୍କୁ ଅପେକ୍ଷା କରିଥିଲେ । ପୀତବାସ ନିଜ ସ୍କୁଟି ଯୋଗେ ହୋଟେଲରୁ ପାର୍ସଲ ଧରି ନିଜ ଘର ନିକଟରୁ ଅଳ୍ପ ଦୂରରେ ଥିବା ବୈକୁଣ୍ଠନଗର ଛକ ବୁଲାଣି ବୁଲୁଥିବା ବେଳେ କୁରୁପତି ବାଇକରୁ ଓହ୍ଲାଇ ବଡପାଟିରେ ପଣ୍ଡା ବାବୁ ନମସ୍କାର (୯ ପୃଷ୍ଠାରେ)

# ଆଜି ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ୍

## ୬ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ସମୟ ଘଣ୍ଟାଏ ହ୍ରାସ

ପାଟନା, ୫ ।୧୧ : ଆସନ୍ତାକାଲି ବିହାର ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ମତଦାନ ହେବ । ୧୨୧ ଆସନରେ ହେବାକୁ ଥିବା ଏହି ଭୋଟରେ ମୋଟ ୧୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଇତିମଧ୍ୟରେ ନିର୍ବାଚନ କମିଶନ ସୁରକ୍ଷା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୧୩୫ମତଦାନ କେନ୍ଦ୍ରରେ ଭୋଟ ସମୟ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହ୍ରାସ କରିଛନ୍ତି । ଅବଶିଷ୍ଟ ୧୧୫ ଆସନରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ । ୬ଟି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ସମୟ ଗୋଟିଏ ଘଣ୍ଟା ହ୍ରାସ କରାଯାଇଛି ।

ବିହାର ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୮ ଜିଲ୍ଲାର ୧୨୧ ଆସନ ପାଇଁ ଭୋଟଗ୍ରହଣ କରାଯିବ । ୧୧୫ ବିଧାନସଭା ନିର୍ବାଚନମଣ୍ଡଳୀର ୪୩,୨୦୬ ମତଦାନ କେନ୍ଦ୍ରରେ ସକାଳ ୭ରୁ ସନ୍ଧ୍ୟା ୬ଟା ଯାଏ ମତଦାନ ହେବ । ତେବେ ବିହାର ନିର୍ବାଚନ ପୂର୍ବରୁ ଜନସୁରାଜ ଅଭିଯାନର ପ୍ରାର୍ଥୀ ସଞ୍ଜୟ ସିଂ ଅଚାନକ ବିଜେପିରେ ଯୋଗ ଦେଇଛନ୍ତି । ସେ ମୁଙ୍ଗେର ଆସନରୁ ନିର୍ବାଚନ ଲଢୁଥିଲେ । ନିର୍ବାଚନ ପୂର୍ବରୁ ଜନସୁରାଜ ପାର୍ଟି ଗୋଟିଏ ଆସନରେ ହାରିଯାଇଛି । ମୁଙ୍ଗେର ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଏହି ରାଜନୈତିକ ଓଲଟପାଲଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରାର୍ଥୀ ସଞ୍ଜୟ ସିଂ କହିଛନ୍ତି ଯେ, ବିକାଶ ଓ ରାଜ୍ୟର ସ୍ଥିର ସରକାର ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି । ସଞ୍ଜୟ ସିଂ ବିଜେପିରେ ଯୋଗଦେବା ପରେ ତାଙ୍କ ଭୋଟ ବିଜେପି ପ୍ରାର୍ଥୀ କୁମାର ପ୍ରଣୟକୁ ଯିବ ବୋଲି ସୂଚନା ମିଳିଛି । (୯ ପୃଷ୍ଠାରେ)

# ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା : ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ



ଭୁବନେଶ୍ୱର, ୫ ।୧୧ (ସବ୍ୟୁ): ଧର୍ମମାସ କାର୍ତ୍ତିକର ଶେଷ ଦିନ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ଆଜିର ଦିନରେ ବୋଇତ ବନ୍ଦାଣ ପରମ୍ପରା ରହିଛି । ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହାସହ ରାଜ୍ୟବ୍ୟାପୀ ଲୋକେ ଡଙ୍ଗା ଭସାଇଛନ୍ତି । ପୁଷ୍କରିଣୀ, ନଦୀ, ନାଳ, ସମୁଦ୍ର ସବୁଠି ଆ.. କା.. ମା.. ବୈ.., ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର ଗୀତ ଗାଇ ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ । ବୁଧବାର ସକାଳୁ ସକାଳୁ ବିଭିନ୍ନ ଜଳାଶୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ସୁରକ୍ଷା ପାଇଁ ବିଭିନ୍ନ ନଦୀ ଓ ପୁଷ୍କରଣୀ କୂଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

କାର୍ତ୍ତିକ ପୂର୍ଣ୍ଣିମା ବା ଡଙ୍ଗାଭସା ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବରେ ପାଳିତ ହୁଏ । ଏହି ଦିନଟି ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଏବଂ ସାଧବମାନଙ୍କ (୯ ପୃଷ୍ଠାରେ)

## ନୂଆପଡ଼ା ଉପନିର୍ବାଚନକୁ ପ୍ରଚାର ଆଉ ୪ ଦିନ ବାକି

# ଭୋଟ୍ ହାତେଇବାକୁ ୩ ଦଳର ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା

ଭୁବନେଶ୍ୱର/ନୂଆପଡା, ୫ ।୧୧ (ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ପ୍ରଚାର ଆଉ ୪ ଦିନ ବାକି ରହିଲା । ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି । ଭୋଟର ମାନେ ଦଳମାନଙ୍କୁ ଦ୍ୱନ୍ଦରେ ରଖିଥିବାରୁ ଦଳର ମୁଖିଆମାନେ ଚିନ୍ତାରେ ରହିଛନ୍ତି । ରାଜ୍ୟରେ ଶାସକ ବିଜେପି ଦଳ ନୂଆପଡ଼ା ଆସନ ହାତେଇବା ପାଇଁ ସବୁ ବଳ ଲଗାଇଛି । ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରି ବିଜେପି ଆରମ୍ଭରୁ ଗୋଟିଚାଳନା କରିଛି । ଉପନିର୍ବାଚନ ପାଇଁ କୋମନାର ୩ ଟି ଜିଲ୍ଲା ପରିଷଦ, ନୂଆପଡ଼ାର ୩ ଟି ଜିଲ୍ଲା ପରିଷଦ ଜୋନରେ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛି । ୪/୫ଟି ପଞ୍ଚାୟତକୁ ନେଇ ଜଣେ ଲେଖାଏଁ ବିଧାୟକଙ୍କୁ ଦଳ ଦାୟିତ୍ୱ ଦେଇଛି । ସେହିପରି ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ପ୍ରଚାର ମଇଦାନକୁ ଓହ୍ଲାଇ ପ୍ରଚାର କରୁଛନ୍ତି । ଏହି ଉପନିର୍ବାଚନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ନିର୍ବାଚନ ବିଜେପି ସପକ୍ଷରେ ନଗଲେ ଓଡ଼ିଶା ରାଜନୀତିର ଗଣିତ ଓଲଟପାଲଟ ହୋଇଯିବା ଆଶଙ୍କା ରହିଛି ବୋଲି ରାଜନୈତିକ ସମୀକ୍ଷକ ମାନେ କହିଛନ୍ତି । ସେଥିପାଇଁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ କଡ଼ା ରଣନୀତି ପ୍ରସ୍ତୁତ ହୋଇଛି । ରାଜ୍ୟର ଅଧିକାଂଶ ମନ୍ତ୍ରୀ ଓ ନେତା ନୂଆପଡ଼ାରେ ଦୀର୍ଘ ଦିନ ହେଲା ଡେରା ପକାଇଛନ୍ତି ।

ଗତ ୩ ତାରିଖ ପୂର୍ବ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରଚାର ପରେ ତାର ମୁକାବିଲା କରିବା ପାଇଁ ଅଧିକ ପ୍ରଭାବୀ ଢ଼ଙ୍ଗରେ ଲୋକଙ୍କ ନିକଟକୁ ପହଞ୍ଚିବାକୁ ବିଜେଡ଼ି ଯୋଜନା କରିଛି । ବୁଧବାର (୯ ପୃଷ୍ଠାରେ)

### ଆଜି ପ୍ରଚାର କରିବେ ଓଡ଼ିଶା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫ ।୧୧ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନିର୍ବାଚନ ପ୍ରଚାର ଲାଗି ନୂଆପଡ଼ା ଯିବେ । ସାଢ଼େ ୧୧ଟା ବେଳେ ମୁଖ୍ୟମନ୍ତ୍ରୀ କୋମନାରେ ବିଶାଳ ରୋଡ୍ ସୋ କରିବେ । ଏହାଛଡ଼ା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଧ୍ୟ ନିର୍ବାଚନ ପ୍ରଚାର ଲାଗି ନୂଆପଡ଼ା ଆସିବେ । ସେ ପଞ୍ଚମପୁରଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରିବେ । ଏନେଇ ବିଜେପି ଦଳୀୟ ସୂତ୍ରରୁ ସୂଚନା ମିଳିଛି । ଅକ୍ଟୋବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଉପନିର୍ବାଚନ ପାଇଁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ । ଆଗାମୀ ୩ ଦିନ ମଧ୍ୟରେ ବିଜେପି ଓ କଂଗ୍ରେସର ବହୁ ହେଭିୱେଟ୍ ନେତା ପ୍ରଚାରକୁ ଆସୁଥିବା ଜଣାପଡ଼ିଛି ।

# ଯାତ୍ରା ଟାଇଗର ଦେବୀ ରଥଙ୍କ ପରଲୋକ



ପାରାଦୀପ, ୫ ।୧୧ (ଜିପ୍ର) : ଆଉ ନାହାନ୍ତି ଯାତ୍ରା ଟାଇଗର ଦେବୀ ରଥ । ଯାହାଙ୍କ ଅଟ୍ଟହାସ୍ୟରେ ଦିନେ ସମସ୍ତେ ହେଉଥିଲେ ଥରହର ଆଉ ଯାହାର ଚିତ୍କାରରେ ଆଖି ବୁଜି ପକାଉଥିଲେ ଲୋକେ । ସେ ଆଜି ଆଉ ନାହାନ୍ତି । କାରଣ ତାଙ୍କ ଘର ପାଖରେ ମଙ୍ଗଳବାର

### ଡ଼ିଜେ ପାଇଁ ଚାଲିଗଲା ଜୀବନ : ପରିବାର

ବିଳମ୍ବିତ ରାତିରେ ବାଜିଲା ଡ଼ିଜେ ହାଇ ସାଉଣ୍ଡ । ଆଉ ଏହି ପ୍ରଚଣ୍ଡ ଶବ୍ଦରେ ଚାଲିଗଲା ଯାତ୍ରା ଟାଇଗର ଦେବୀ ରଥଙ୍କ ଜୀବନ । ଏଭଳି ସାଂଘାତିକ ଅଭିଯୋଗ କରିଛନ୍ତି ଦେବୀ ରଥଙ୍କ ପରିବାର ।

ଜଗତସିଂହପୁର ଜିଲ୍ଲା ପାରାଦୀପ ଉପକଣ୍ଠ ଗ୍ରାମରେ ଦେବୀ ରଥଙ୍କ ଘର । ଦୀର୍ଘ ୫୦ ବର୍ଷ ଯାତ୍ରା ଜଗତରେ ଅଭିନୟ କରି ସେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଅଭିନୀତ ନାଟକ ଜେଲ ଟାଇଗର, ସେଇଦିନୁ ଜଗା ଦାଶ ଗାଁକୁ ଫେରିନି, ଛତା ଚିହ୍ନରେ ଭୋଟ ଦିଅ, (୯ ପୃଷ୍ଠାରେ)

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ପଣ୍ଡିତ ନୀଳକଣ୍ଠ ଦାସ

ଓଡ଼ିଶାର ବରପୁତ୍ରଙ୍କ ମଧ୍ୟରେ ନୀଳକଣ୍ଠ ଦାସ ଖୁବ ପରିଚିତ । ଓଡ଼ିଶାର ପୁରୀ ଜିଲ୍ଲାର ସାକ୍ଷୀଗୋପାଳର ଶ୍ରୀରାମଚନ୍ଦ୍ରପୁରରେ ୧୮୮୪ ଅଗଷ୍ଟ ୫ରେ ଜନ୍ମିତ



ନୀଳକଣ୍ଠ ଦାସ ଏକାଧାରରେ ଜଣେ କବି, ଲେଖକ, ରାଜନୀତିଜ୍ଞ, ସଂପାଦକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ପିଲାଦିନ ଖୁବ ମେଧାବୀ ଛାତ୍ର ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଭର୍ଣ୍ଣାକୁଲାର ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜର ବି.ଏ. ପରୀକ୍ଷା ପର୍ଯ୍ୟନ୍ତ ସେ ଓଡ଼ିଶାରେ ପ୍ରଥମ ହୋଇଆସିଥିଲେ । ଦର୍ଶନ ଶାସ୍ତ୍ର ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ବି.ଏ.ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ପରେ ମାସିକ ବୃତ୍ତି ପାଇ ସେ ଦର୍ଶନ ଶାସ୍ତ୍ରରେ କୋଲକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ । ହେଲେ ସରକାରୀ ଚାକିରିକୁ ତ୍ୟାଗ କରି ଦେଶସେବାରେ ମନୋନିବେଶ କରିଥିଲେ । ୧୯୦୯ ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବନ ବିଦ୍ୟାଳୟ ବା ମଣିଷଗଢା କାରଖାନାର ସେ ଥିରେ ପ୍ରତିଷ୍ଠାତା ସଦସ୍ୟ । ସେଠାରେ ସେ ମାସିକ ୩୦ଟଙ୍କା ବେତନରେ ପ୍ରଧାନ ଶିକ୍ଷକ ଭାବରେ କାମ ଆରମ୍ଭ କରିଥିଲେ । ଏହି ମହାନ ସଂଗ୍ରାମୀଙ୍କର ଜୀବନ ଦେଶସେବାରେ ହିଁ କଟିଥିଲା । ସେ ସତ୍ୟବାଦୀର ବିଧାୟକ ଓ ଓଡ଼ିଶା ବିଧାନ ସଭାର ବାଚସ୍ପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଜାତୀୟ ଆସେମ୍ବ୍ଲିରେ ମଧ୍ୟ ଓଡ଼ିଶାରୁ ସଦସ୍ୟ ଥିଲେ । ରାଜ୍ୟରୁ ଛୁଆଁ ଅଛୁଆଁ ଭେଦ ଭାବ ଦୂରେଇବାକୁ ସେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଏହି ବିଶିଷ୍ଟ ସଂଗ୍ରାମୀଙ୍କୁ ତାଙ୍କ କାର୍ଯ୍ୟପାଇଁ ୧୯୬୦ରେ 'ପଦ୍ମ ଭୂଷଣ' ଉପାଧି ପ୍ରାପ୍ତ ହୋଇଥିଲେ । ଏହି ମହାନ ଆତ୍ମାଙ୍କର ୮୩ ବର୍ଷ ବୟସରେ ୧୯୬୭ ନଭେମ୍ବର ୬ରେ ଦେହାନ୍ତ ହୋଇଥିଲା ।

## ବିସ୍ମୟ ହ୍ରଦ

ଭାରତର ପାହାଡ଼ିଆ ରାଜ୍ୟ ହିମାଚଳ ପ୍ରଦେଶ ନିଜର ପୌରାଣିକ ମହତ୍ତ୍ୱ ସହ କୋଣ ଅନୁକୋଣରେ ଲୁଚି ରହିଛି ଅନେକ ରହସ୍ୟ । ବରଫ ଚାଦରରେ ଘୋଡ଼ି ହୋଇ ରହିଥିବା ଏହି ରାଜ୍ୟରେ ଏପରି କିଛି ସ୍ଥାନ ରହିଛି ଯାହା ମହାଭାରତ କାଳ ସହ ଯୋଡ଼ା ଯାଏ । ହିମାଚଳପ୍ରଦେଶରେ ଏପରି ଏକ ହ୍ରଦ ରହିଛି, ଯେଉଁଠି କୋଟି କୋଟି ଟଙ୍କାର ଭଣ୍ଡାର ରହିଛି । ହେଲେ ଏପର୍ଯ୍ୟନ୍ତ ଏହି ହ୍ରଦରୁ ଭଣ୍ଡାର ବାହାର କରିବାକୁ ଚେଷ୍ଟା କରାଯାଇନାହିଁ । କାରଣ ଯିଏ ବି ଏହି ସୁନା ହୀରା ଅଳଙ୍କାର ଆଣିବାକୁ ଯାଇଛନ୍ତି ସେ କେବେ ବି ସଫଳ ହୋଇନାହାନ୍ତି । ମଣ୍ଡି ଉପତ୍ୟକାରେ ଅବସ୍ଥିତ କାମରୁନାଗ ହ୍ରଦ ରାଜ୍ୟର ପ୍ରମୁଖ ହ୍ରଦ ମଧ୍ୟରେ ଏକ । ଏହାକୁ ନେଇ ବିଶ୍ୱାସ ରହିଛି ଯେ ଭୀମ ଏହି ହ୍ରଦକୁ ସୃଷ୍ଟି କରିଛନ୍ତି ଯାହା ପାତାଳ ସହିତ ସଂଯୁକ୍ତ । ଏହି ହ୍ରଦ ନିକଟରେ ବାବା କାମରୁନାଗଙ୍କ ମନ୍ଦିର ରହିଛି, ଯାହାଙ୍କୁ ବର୍ଷାର ଦେବତା ଭାବେ ବିବେଚନା କରାଯାଇଥାଏ । ତେବେ ଏହି ମନ୍ଦିର ନାମ ଅନୁସାରେ ହ୍ରଦର ନାମ ରଖାଯାଇଛି । ଏଠାରେ ପ୍ରତି ବର୍ଷ ଜୁନ ମାସରେ ସ୍ୱତନ୍ତ୍ର ମେଳାର ଆୟୋଜନ କରାଯାଇଥାଏ । ପୌରାଣିକ କଥା ଅନୁଯାୟୀ ପ୍ରତିବର୍ଷ ୧୪-୧୫ ଜୁନ୍‌ରେ ବାବା କାମରୁନାଗ ସମଗ୍ର ଦୁନିଆକୁ ଦର୍ଶନ ଦେଇଥାନ୍ତି । ବାବାଙ୍କୁ ଦର୍ଶନ କରିବା ପାଇଁ ଲୋକମାନେ ରୋହଣ୍ଡା ନାମକ ସ୍ଥାନରୁ ୮ କିଲୋମିଟରର ଘଞ୍ଚ ଜଙ୍ଗଲ ଏବଂ ପର୍ବତ ଅତିକ୍ରମ କରି ଏଠାକୁ ଆସିଥାନ୍ତି । ରୋହଣ୍ଡା ହିମାଚଳ ପ୍ରଦେଶର ମଣ୍ଡି ନାମକ ସ୍ଥାନଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ରହିଛି । କାମରୁନାଗ ହ୍ରଦକୁ ନେଇ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ ଏଥିରେ ସୁନା, ରୁପା, ଅଳଙ୍କାର ଏବଂ ଟଙ୍କା ଅର୍ପଣ କଲେ



ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ତେଣୁ ଏଠାରେ ଲୋକମାନେ ଏଠାରେ ଅଳଙ୍କାର ଏବଂ ଟଙ୍କା ଚଢ଼ାଉଥିବାର ଦେଖିବାକୁ ମିଳିଥାଏ । ବର୍ଷ ବର୍ଷ ଧରି ଲୋକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟଙ୍କା ଏବଂ ଅଳଙ୍କାର ଯୋଗୁଁ ଏହି ହ୍ରଦରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିବାର ଅନୁମାନ କରାଯାଏ । କିନ୍ତୁ କେହି ଏହାକୁ ଚୋରି କରିପାରନ୍ତି ନାହିଁ କାରଣ ଏହା ଦେବତାମାନଙ୍କର ଭଣ୍ଡାର, ଯାହାକୁ ସ୍ୱୟଂ ନାଗ ଦେବତାମାନଙ୍କ ଦ୍ୱାରା ସୁରକ୍ଷା ଦିଆଯାଉଛି । ତେଣୁ ଏହାକୁ କୌଣସି ସୁରକ୍ଷାର ଆବଶ୍ୟକତା ନାହିଁ ।

## ପୁରୁଣାରୁ ନୂଆ ଷ୍ଟାଇଲ

**ଦୈନନ୍ଦିନ ଜୀବନରେ ଷ୍ଟାଇଲ୍‌ର ଗୁରୁତ୍ୱ ଖୁବ୍ ବୃଦ୍ଧି ପାଇଛି । ଲୋକମାନେ ଫ୍ୟାଶନ ଓ ଲୁକ୍ ପ୍ରତି ସଚେତନ ହୋଇ ନୂତନ ପୋଷାକ କିଣିବା ଏକ ଅଭ୍ୟାସରେ ପରିଣତ ହୋଇଛି। ତେବେ ସର୍ବଦା ନୂଆ ପୋଷାକ ନକିଣି ପୁରୁଣା ପୋଷାକକୁ ନୂଆ ଢଙ୍ଗରେ ପିନ୍ଧି ହେବ । ଯାହା ନୂଆ ଲୁକ୍ ପ୍ରଦାନ କରିବାସହିତ ଅର୍ଥ ମଧ୍ୟ ବଞ୍ଚାଇବ । ସେହିଭଳି ପୁରୁଣା ଡ୍ରେସକୁ ବ୍ୟବହାର କରି ଘର ସଜ୍ଜା ମଧ୍ୟ କରାଯାଇପାରିବ ।**

**ପୁରୁଣାରୁ ନୂଆ ଡ୍ରେସ-** ପୁରୁଣା ପୋଷାକକୁ ନୂଆ ଷ୍ଟାଇଲ ଦେବାର ଅନେକ ଉପାୟ ରହିଛି । ଏଥିପାଇଁ ଆପଣ ନିଜର କୌଣସି ପୁରୁଣା ଶାଢିକୁ ଡିଜାଇନ କରି ଏହାକୁ ଅନାରକଲି କିମ୍ବା ଲାଙ୍ଗ ସ୍କର୍ଟ, ଫ୍ରକ୍‌ରେ ପରିଣତ କରିପାରିବେ । ସେହିଭଳି ନିଜର ପୁରୁଣା ଓନିରୁ ନିଜ ପାଇଁ ଟପ୍ କିମ୍ବା ପିଲାଙ୍କ ଲାଗି ସାର୍ଟ ତିଆରି କରିପାରିବେ ।

**ଘର ସଜ୍ଜା-** ପୁରୁଣା ପୋଷାକକୁ ବ୍ୟବହାର କରି ଘର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବା ଏକ ସହଜ ଓ ସରଳ ଉପାୟ । ଯଦି ଆପଣଙ୍କର କୌଣସି ଜରି କାମ ହୋଇଥିବା ଓ ବଡର ଥିବା ଶାଢି ପୁରୁଣା ହୋଇଯାଇଛି ତେବେ ଏହାକୁ ବ୍ୟବହାର କରି ସୋଫା, କୁସନ କଭର ସହିତ ପରଦା ମଧ୍ୟ ତିଆରି କରିପାରିବେ । ଯଦି ଶାଢିର ରଙ୍ଗ ଛାଡି ଯାଇଛି କିମ୍ବା ଚିରି ଯାଇଛି ତେବେ ଏହାକୁ ଡୋରମ୍ୟାଟ୍ ଭାବେ ବ୍ୟବହାର କରିପାରିବେ । ଏହା ସହିତ ଜିନ୍ସ କିମ୍ବା ପ୍ୟାଣ୍ଟକୁ ନେଇ ବ୍ୟାଗ୍ ଓ ତକିଆ କଭର ପ୍ରସ୍ତୁତ କରାଯାଇପାରିବ । ସେହିଭଳି ବ୍ୟବହାର ହେଉନଥିବା କପଡାକୁ ତକିଆ ଓ କୁସନରେ ଭର୍ତ୍ତି କରି ତୁଳା କିଣିବା ଖର୍ଚ୍ଚରୁ ମଧ୍ୟ ବଞ୍ଚି ପାରିବେ ।



**ଆବଶ୍ୟକୀୟ ଜିନିଷ-** ଘରେ ରହିଥିବା ଟିଭି, ୱାସିଙ୍ଗ ମେସିନ, ଗ୍ରାଇଣ୍ଡର ଓ ଫ୍ରିଜ୍ ଲାଗି କଭର କିଣି ଅଯଥା ଖର୍ଚ୍ଚାନ୍ତ ହେବା ଅପେକ୍ଷା ପୁରୁଣା ପୋଷାକକୁ ବ୍ୟବହାର କରି ସୁନ୍ଦର ଡିଜାଇନର କଭର ପ୍ରସ୍ତୁତ କରିହେବ । ଜିନ୍ସ ଓ ପ୍ୟାଣ୍ଟ କପଡା ଉପରେ ଶାଢିର ବଡର ଲଗାଇ ଏହାକୁ ସୁନ୍ଦର ଡିଜାଇନ ପ୍ରଦାନ କରିହେବ ।

## ପ୍ରସାଦରେ ନୁଡୁଲ୍ସ

ଚାଇନିଜ୍ ଖାଇବା ସମସ୍ତଙ୍କର ପ୍ରିୟ ହୋଇଥାଏ । ସମସ୍ତେ ଏହାକୁ ଖାଇବାକୁ ଭଲ ପାଇଥାଆନ୍ତି । ତେବେ ଏହା କେବଳ ରେସ୍ତୋରାଁ ହେଉ କି ହୋଟେଲ୍‌ରେ ମିଳିଥାଏ । ହେଲେ ମନ୍ଦିରରେ ଚାଇନିଜ୍ ଭୋଗ ମିଳିବା ଅସମ୍ଭବ ଭଳି ଲାଗିଥାଏ । କଥାଟି



ଶୁଣିବାକୁ ଅଜବ ଲାଗିଲେ ମଧ୍ୟ ସତ । ଏଭଳି ଏକ ସ୍ୱତନ୍ତ୍ର ମନ୍ଦିର ରହିଛି ଯେଉଁଠି ଚାଇନିଜ୍ ଖାଦ୍ୟ ଭୋଗ ଲାଗିବା ସହିତ ପ୍ରସାଦ ଭଳି ମଧ୍ୟ ଦିଆଯାଇଥାଏ । ପଶ୍ଚିମବଙ୍ଗରେ ରହିଛି ଏହି ଚାଇନିଜ୍ କାଳୀ ମାତା ମନ୍ଦିର । ଏହି ମନ୍ଦିରକୁ ହିନ୍ଦୁ ଲୋକଙ୍କ ସହିତ ଚାଇନିଜ୍ ଲୋକ ମଧ୍ୟ ପୂଜା କରିବାକୁ ଆସିଥାଆନ୍ତି । ଏଠାରେ ପୂଜା ପରେ ପ୍ରସାଦରେ ଭକ୍ତଙ୍କୁ ନୁଡୁଲ୍ସ, ଚାଓମିନ୍, ମଞ୍ଚୁରିଆନ୍ ଆଦି ଦିଆଯାଇଥାଏ । ଇତିହାସ ଅନୁସାରେ ଏହି ମାତାଙ୍କ ମନ୍ଦିର ଚାଇନିଜ୍ ମାନେ କରିଥିଲେ । ଲୋକକଥା ଅନୁସାରେ ଏକ ଗଛମୂଳେ କେତୋଟି କଳା ପଥରକୁ କାଳୀଙ୍କର ପ୍ରତୀକ ବୋଲି ଧରାଯାଇ ପ୍ରଥମେ ପୂଜା ଆରମ୍ଭ କରାଯାଇଥିଲା । ଜଣେ ବାଳକର ଜୀବନ ମଧ୍ୟ ଏହି ମାତାଙ୍କ ପୂଜା କରିବା ଫଳରେ ବଞ୍ଚିଥିଲା, ତେଣୁ ସେବେଠାରୁ ଏଠାରେ ଚୀନ ଲୋକମାନେ ପୂଜା କରନ୍ତି ବୋଲି ଲୋକକଥ ରହିଛି । ତେବେ ଏଠାରେ ମିଳୁଥିବା ପ୍ରସାଦ ଏହାକୁ ନିଆରା ବନାଇଥାଏ । ଯେଉଁ କାରଣରୁ ଦେଶ ବିଦେଶରେ ଏହା ପରିଚିତ ।

**ଇତିହାସ**

୧୭୬୩- ମୀରକାସିମ୍‌ଙ୍କୁ ହରାଇ ବ୍ରିଟିଶ ଫୌଜ ପଟନାକୁ ନିଜ ଅଧୀନକୁ ନେଲା ।
୧୮୧୩- ସ୍ପେନ୍ ଠାରୁ ସ୍ୱତନ୍ତ୍ରତା ହାସଲ କଲା ମେକ୍ସିକୋ ।
୧୯୬୦- ଆବ୍ରାହମ୍ ଲିଙ୍କନ୍ ଆମେରିକାର ୧୬ତମ ରାଷ୍ଟ୍ରପତି ରୂପେ ନିର୍ବଚିତ ହେଲେ ।
୧୯୦୩- ଆମେରିକା ପକ୍ଷରୁ ପାନାମାର ସ୍ୱାଧୀନତାକୁ ସ୍ୱୀକୃତି ମିଳିଲା ।
୧୯୪୩- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ତରଫରୁ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ହସ୍ତାନ୍ତର କରାଗଲା ।
୧୯୬୨- ରାଷ୍ଟ୍ରୀୟ ପ୍ରତିରକ୍ଷା ପରିଷଦର ସ୍ଥାପନା କରାଗଲା ।
୧୯୯୦- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।
୧୯୯୮- ସିଆଚିନ୍‌ରେ ଯୁଦ୍ଧବିରାମ ପାଇଁ ଭାରତର ପ୍ରସ୍ତାବକୁ ନାମଞ୍ଜୁର କଲା ପାକିସ୍ତାନ ।
୨୦୦୦- ଜ୍ୟୋତି ବସୁ କ୍ରମାଗତ ରୂପେ ୨୩ ବର୍ଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦକୁ ସମ୍ଭାଳିବା ପରେ ପଦବୀ ଛାଡ଼ିଲେ ।
୨୦୧୩- କ୍ରିକେଟର ସଚିନ ତେନ୍ଦୁଲକର ଏବଂ ବୈଜ୍ଞାନିକ ପ୍ରଫେସର ସିଏନ୍‌ଆର୍ ରାଓଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ ପାଇଁ ଘୋଷଣା କରାଗଲା ।



## ବଢୁଛି ଶାକାହାରୀ ହେବା ପାଇଁ ଆଗ୍ରହ

ଆଜିକାଲି ଆମେରିକା ଓ ୟୁରୋପରେ ବିଭିନ୍ନ ରେସ୍ତୋରାଁରେ ବର୍ଗର, ହଟ୍ ଡଗ୍, ସସେଜ୍ ଭଳି ଅନେକ ଫାଷ୍ଟ ଫୁଡ୍ ପୂରାପୁରି ଶାକାହାରୀ ପ୍ରୋସେସ୍‌ରେ ପ୍ରସ୍ତୁତ ହେଉଛି । ତେବେ ବର୍ତ୍ତମାନ ଏହି ଫାଷ୍ଟଫୁଡ୍ ଗୁଡିକ ଲ୍ୟାବ ନୁହେଁ ବରଂ ବିଭିନ୍ନ କମ୍ପାନିରେ ପ୍ରସ୍ତୁତ କରାଯାଉଛି । ଏହି ଖାଦ୍ୟ ଗୁଡିକ କୌଣସି ପ୍ରାଣୀ ନୁହେଁ ବରଂ ଉଦ୍ଭିଦରୁ ପ୍ରସ୍ତୁତ କରାଯାଉଛି । ତେବେ ଏହା ପୂର୍ବରୁ ସୋୟା ଓ ଗଛରୁ ପ୍ରସ୍ତୁତ କ୍ଷୀରକୁ କେବଳ ଆର୍ଲଜି ସମସ୍ୟା ଥିବା ଲୋକ ଗ୍ରହଣ କରୁଥିଲେ । ହେଲେ ବର୍ତ୍ତମାନ ଏହାକୁ ସବୁ ବର୍ଗର ଲୋକ ଗ୍ରହଣ କରିବାକୁ ଆଗ୍ରହ ଦେଖାଉଛନ୍ତି । ଏହି କ୍ଷୀର ବର୍ତ୍ତମାନ ଦୁନିଆର ସମସ୍ତ ବଜାରରେ ମିଳୁଛି । ସେହିଭଳି ପ୍ରାଣୀ ମାଂସର ବିକଳ୍ପ ଭାବେ ଉଦ୍ଭିଦରୁ ପ୍ରସ୍ତୁତ ହେଉଥିବା ଖାଦ୍ୟର କିଣାବିକା ମଧ୍ୟ ବଢିଛି । ତେବେ ଏହି ଶାକାହାରୀ ମାଂସ ଆଜିକାଲିର ନୁହେଁ, ଏହାର ଇତିହାସ ପ୍ରାୟ ୧୫୦୦ ବର୍ଷ ପୁରୁଣା । ବିଭିନ୍ନ ପ୍ରକାରର ପ୍ରକ୍ରିୟାକୁ ଅନୁକରଣ କରି ନକଲି ମାଂସର ପ୍ରସ୍ତୁତି ଅନେକ ଦିନରୁ ଚାଲିଛି । ଚୀନରେ ଅନେକ ଦିନରୁ ସୋୟାରୁ କ୍ଷୀର ପ୍ରସ୍ତୁତ କରି ବ୍ୟବହାର କରାଯାଉଛି । ତେବେ ବର୍ତ୍ତମାନ ଲୋକଙ୍କ ଭିତରେ ଏହା ପାଇଁ ଆଗ୍ରହ ବଢିଛି ।



**ଉତ୍ତାନପାଦାସନ**

ଏହି ଆସନ କରିବା ପାଇଁ ପ୍ରଥମେ ଚଟାଣରେ ଏକ ଆସନ ବିଛାଇ ଶୁଅନ୍ତୁ । ନିଜ ଜଙ୍ଘପାଖରେ ହାତକୁ ତଳମୁହାଁ କରି ରଖନ୍ତୁ । ନିଶ୍ୱାସ ନେବା ସହିତ ଧୀରେଧୀରେ ନିଜ ଗୋଡ ଦୁଇଟିକୁ ଉଠାନ୍ତୁ । ଆଣ୍ଠୁ ଭାଙ୍ଗନ୍ତୁ ନାହିଁ । ଗୋଡକୁ ଅଣ୍ଟା ସହ ଲମ୍ବରେ ସମତଳ କରି ସିଧା ରଖନ୍ତୁ । ଏଭଳି ୫ରୁ ୧୦ ମିନିଟ୍ ରଖନ୍ତୁ । ଏହାପରେ ଧୀରେଧୀରେ ନିଶ୍ୱାସ ଛାଡନ୍ତୁ, ଏବଂ ଗୋଡ ତଳକୁ ଆଣନ୍ତୁ । ଏପରି ୩ରୁ ୫ଥର କରିପାରିବେ । ତେବେ ଯଦି ପିଠିରେ ଯନ୍ତ୍ରଣା, ଅଣ୍ଟାରେ ଯନ୍ତ୍ରଣା ଅଛି ତେବେ ଏହା କରିବାରୁ ନିବୃତ୍ତ ରୁହନ୍ତୁ । ଏହି ଆସନ କରିବା ଦ୍ୱାରା ବିଭିନ୍ନ ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ ।

## ବଡ ପରଦାରେ ସୁହାନା


ଶାହରୁଖ ଖାନ ବର୍ତ୍ତମାନ ନିଜର ଫିଲ୍ମ କିଙ୍ଗକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ତେବେ ଏହି ଫିଲ୍ମଟି କେବଳ ଶାହରୁଖ ନୁହେଁ ତାଙ୍କ ଝିଅ ସୁହାନାଙ୍କ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛି । କାରଣ ଏହି ଫିଲ୍ମ ଜରିଆରେ ସୁହାନା ବଡପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଏହାକୁ ନେଇ ଟାଇଟଲ ଭିଡିଓ ମଧ୍ୟ ଜାରି କରାଯାଇଛି, ଯାହା ଫ୍ୟାନଙ୍କ ଭିତରେ ଖୁବ ଚର୍ଚ୍ଚାରେ ରହିଛି । ଫିଲ୍ମରେ ଶାହରୁଖଙ୍କୁ ଖୁବ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ । ଏଥିରେ ତାଙ୍କୁ ବିଭିନ୍ନ ବୟସର ଲୋକଙ୍କ ଭୂମିକାରେ ଦେଖିବାକୁ ମିଳିବ । ଯୁବା ଅବସ୍ଥା ସହିତ ଜୀବନର ଏକାଧିକ ଫେଜ ସମ୍ପର୍କରେ ଏହି ଫିଲ୍ମରେ ଦର୍ଶା ଯାଇଛି । ସେହିଭଳି ଏହି ଫିଲ୍ମରେ ଖଳନାୟକ ଭୂମିକାରେ ଅଭିଷେକ ବଚ୍ଚନ ଓ ରାଘବ ଜୁଏଲଙ୍କୁ ଦେଖିବାକୁ ମିଳିବ । ସୁହାନା ବଡପରଦାରେ ଡେବ୍ୟୁ ନିଜ ବାପାଙ୍କ ଫିଲ୍ମରୁ କରୁଥିବାରୁ ବେଶ୍ ଖୁସି ଅଛନ୍ତି । ତାଙ୍କ ଫ୍ୟାନମାନେ ମଧ୍ୟ ଉଭୟ ବାପା ଝିଅଙ୍କ ଅଭିନୟ ଦେଖିବାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ।

## ସୋସିଆଲ କୋଟ୍ସ

" ମୁଁ ମୋ ବାପାଙ୍କୁ ଜୀବନରେ ଫ୍ୟାଶନ ପାଇଁ ବଞ୍ଚୁଥିବାର ଦେଖିଛି । ମୋତେ ଏତେ କଥା ଶିଖାଇଥିବାରୁ ବାପା ଆପଣଙ୍କୁ ଧନ୍ୟବାଦ । ଯାହା କିଛି ଫ୍ୟାଶନ ଶିଖିଛି ତାଙ୍କଠାରୁ ହିଁ ଶିଖିଛି ।

**ହ୍ରିତିକ୍ ରୋଶନ, ଅଭିନେତା**





" ମୋର ଏବେ ବି ମନେଅଛି ଲୋକମାନେ ଯେତେବେଳେ ତାଙ୍କ ଚଏସ୍‌କୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ହେଲେ ଶାହରୁଖଙ୍କ ଷ୍ଟ୍ରଗଲ୍ ସମସ୍ତ ଆର୍ଟିଷ୍ଟଙ୍କ ପାଇଁ ମାଷ୍ଟରକ୍ଲାସ୍ ଯେଉଁମାନେ ଏକ ଲଙ୍ଗ୍ କ୍ୟାରିୟରକୁ ଉପଭୋଗ କରିବାକୁ ଚାହୁଁଛନ୍ତି ।

**କଙ୍ଗନା ରାଣାଓ୍ୱତ୍, ଅଭିନେତ୍ରୀ**

" ମୋର ଓ କମଲ ହସନଙ୍କର ବିବାହ ବିଚ୍ଛେଦକୁ ୨୮ ବର୍ଷ ପୁରିଲାଣି । କେତେବେଳେ ବି ଏ ନେଇ ମୁଁ ସର୍ବସାଧାରଣରେ କଥା ହୁଏ ନାହିଁ, କାରଣ ଏହା ମୋର ପର୍ସନାଲ ମ୍ୟାଟର ।

**ବାଣି ଗଣପଥ୍ୟ, କମଲହାସନଙ୍କ ପୂର୍ବପତ୍ନୀ**



# ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ଅର୍ଥନୈତିକ କୋଣାର୍କ-ମୁଖ୍ୟମନ୍ତ୍ରୀ

ପାରାଦୀପ, (ଜିପ୍ର): ଓଡ଼ିଆ ଜାତିର ମହାନ ପର୍ବ ବୋଇତ ବନ୍ଦାଣଉତ୍ସବମହାସମାରୋହରେ ବୁଧବାର ଦିନ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ୱେଟ ବେସିନ ନିକଟରେ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅୟୋଜିତ ଏହି ଐତିହ୍ୟ ସମ୍ପନ୍ନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଧର୍ମପତ୍ନୀ ଯୋଗ ଦେଇଥିଲେ । ବନ୍ଦରର ଉନ୍ନତ ବାଣିଜ୍ୟ କାରବାର ନିମନ୍ତେ ଅୟୋଜିତ ହୋମ ଯଜ୍ଞରେ ସସ୍ତ୍ରୀକ ବସି ଆହୂତି ଦେଇଥିବା ବେଳେ ପାରମ୍ପରିକ ବେଶଭୂଷାରେ ଥିବା ସାତ ସାଧବ ଓ ସାତ ସାଧବାଣୀ ମାନଙ୍କୁ ଭେଟିଥିଲେ । ନୌବାଣିଜ୍ୟର ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଦୂର ସମୁଦ୍ରକୁ ଯାତ୍ରା କରିବା ନିମନ୍ତେ ଥିବା ବୋଇତରେ ସାଧବା ପୁଅମାନେ ଚଢିବା ପରେ ଆନୁଷ୍ଠାନିକ ଭାବେ ସସ୍ତ୍ରୀକ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପତାକା ହଲାଇ ମେଲାଣି ଦେଇଥିଲେ । ବନ୍ଦର ନଗରୀ ପାରାଦୀପ ପ୍ରତିବର୍ଷ ଏହି ଉତ୍ସବ ନିମନ୍ତେ ସାଧାରଣ ଜନତାଙ୍କୁ ଦେଖିବାକୁ ସୁଯୋଗ ଦିଆଯାଉଥିବାରୁ



ଅନେକ ଲୋକ ଏହି ଉତ୍ସବରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ ସୋନୁୱାଲ, ବନ୍ଦର ଅଧ୍ୟକ୍ଷ ପିଏଲ ହାରନାଦ, କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଓ କ୍ୟାପଟେନ ଅମୂଲ୍ୟ ସାହୁ ମଧ୍ୟ ଯୋଗ ଦେଇଥିଲେ । ଆୟୋଜିତ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକାକୁ ଉଲ୍ଲେଖ କରି କହିଥିଲେ ଯେ, ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ ବନ୍ଦର ଭାବେ ପରିଚିତ ହୋଇଛି । ୨୦୧୫ ମସିହାରେ ୭୧ ନିୟୁତ ଟନ ପଣ୍ୟ ପରିବହନ କ୍ଷମତା ଥିଲା ଏହି ବନ୍ଦରର, ଯାହା ବଢ଼ି ୨୦୨୫ରେ ୧୫୦ ନିୟୁତ ଟନରେ ପହଞ୍ଚିଛି । ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ । ମାରି-ଟାଇମ ଇଣ୍ଡିଆ ଭିଜନ ୨୦୩୦ ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ ଓ ବିକଶିତ ଭାରତ ୨୦୪୭ ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କରିଥିଲେ । ଭାରତ ସରକାରଙ୍କ ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ ଲଜିଷ୍ଟିକ ପଲିସି ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଇଛି । ରାଜ୍ୟ ସରକାର ତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ କୋଷ୍ଟାଲ ଇକୋନୋମିକ ଜୋନ ସ୍ଥାପନ ପାଇଁ ଉଦ୍ୟମ କରୁଛି । ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ନୌବାଣିଜ୍ୟରେ ନୂତନ ଯୁଗକୁ ପ୍ରବେଶ କରିଛି ଓ "ମାରି-ଟାଇମ ଅମୃତକାଲ ଭିଜନ ୨୦୪୭' ଅନୁଯାୟୀ ଦେଶର ବନ୍ଦରମାନେ ବିଶ୍ୱସ୍ତରୀୟ ହେବେ ବୋଲି ସେ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପ, ଆଧାରଭୂତ ସଂରଚନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି । ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ, ସମଗ୍ର ଭାରତର ମାରିଟାଇମ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି । ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ, ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ, ବୋଲି ସେ କହିଥିଲେ । ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ କହିଥିଲେ ଯେ, ଭବିଷ୍ୟତରେ ପାରାଦୀପ ବନ୍ଦରକୁ କେନ୍ଦ୍ର କରି ଏଠାରେ ଅନେକ ନୂତନ ଶିଳ୍ପ, ଶିକ୍ଷା ଓ ପରିବହନ ଆଧାରିତ ପ୍ରକଳ୍ପ ଆସିବ, ଯାହା ଜଗତସିଂହପୁର ଓ ସମଗ୍ର ଓଡ଼ିଶାର ଅର୍ଥନୀତିକ ମାନଚିତ୍ରକୁ ପରିବର୍ତ୍ତନ କରିଦେବ । ପାରାଦୀପର ସଫଳତା ହେଉଛି ଓଡ଼ିଶାର ଗର୍ବ ଓ ଭବିଷ୍ୟତର ଆଶା ବୋଲି ସେ ତାଙ୍କ ଅଭିଭାଷଣ ଶେଷ କଲେ । ଗତ ଚାରି ବର୍ଷ ଧରି ପାରାଦୀପ ବନ୍ଦର ନିରନ୍ତର ଭାବେ ନୂତନ ରେକର୍ଡ ସୃଷ୍ଟି କରିଛି ଓ ପୂର୍ବ ପଚାଶ ବର୍ଷର ସଫଳତାକୁ ଅତିକ୍ରମ କରିଛି । କ୍ଷମତା ବୃଦ୍ଧି, ବ୍ୟବସାୟିକ ପଦ୍ଧତିର ଉନ୍ନତି, ଦକ୍ଷତା ବିକାଶ ଓ ସମସ୍ତଙ୍କଠାରୁ ଅଧିକ ଟିମ ପାରାଦୀପର ଅକ୍ଲାନ୍ତ ଶ୍ରମ ଓ ସମର୍ପଣର ଫଳରେ, ପାରାଦୀପ ବନ୍ଦର ଆଜି ଦେଶର ନମ୍ବର ଏକ ବନ୍ଦର ଭାବେ ପରିଚିତ ହୋଇଛି ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ. ହରନାଧ କହିଥିଲେ ।

## ସୀମା ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ

### ପ୍ରବଳ ଟେକା ପଥର ମାଡ଼, ଜାଳି ଦେଲେ ଦୋକାନ

ବୋଲଗଡ଼ , (ସବ୍ୟୁ): ସୀମା ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ହୋଇଛି । ଉଭୟପକ୍ଷ ପରସ୍ପରକୁ ପ୍ରବଳ ଟେକାମାଡ଼ କରିବା ସହ ଦୋକାନ ଘର ଜାଳିଦେଇଛନ୍ତି । ଏହିଘଟଣା ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନାର ଖୋର୍ଦ୍ଧା ବାଙ୍କୀ ରାସ୍ତାରେ କୋଟପଲା ଏବଂ ଓସ୍ତପୁର ମଧ୍ୟରେ ଘଟିଛି । ବଜାରରେ ଥିବା ସବୁ ଦୋକାନ ଜାଳିବା ଓ ପ୍ରବଳ ଟେକା ପଥର ମାଡ଼ ଯୋଗୁ ଉଭୟ ପାଶ୍ୱର୍ରେ ଯିବା ଆସିବା ବନ୍ଦ ହୋଇଯାଇଥିବାବେଳେ ଗାଡ଼ି ମଟର ଅଟକି ରହିଥିଲା । କୋଟପଲା ଏବଂ ଓସ୍ତପୁର ଗାଁର ନାମ ଫଳକ ଲଗାଇବାକୁ ନେଇ ୩ ମାସ ହେଲା ବିବାଦ ଚାଲିଛି । ଅଗଷ୍ଟ ମାସରୁ ଏହି ଗଣ୍ଡଗୋଳ ଲାଗି ରହିଛି । ପ୍ରଶାସନ ୧୬୩ ଧାରା ଲଗାଇଥିଲା । ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା ପରେ ଶାନ୍ତି ଫେରୁଥିଲା । କିନ୍ତୁ ବୁଧବାର ଦିନ ପୁଣି ଥରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି । ଘଟଣାସ୍ଥଳରେ ଖୋର୍ଦ୍ଧା ଏସପି ଓ ୫ ପ୍ଲାଟୁନ ଫୋର୍ସ ଆସି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା ।

## ଟ୍ରେନ ଧକ୍କାରେ ଟ୍ରାକ ମ୍ୟାନଙ୍କ ମୃତ୍ୟୁ

ବାଲୁଗାଁ ,(ସବ୍ୟୁ): ମଙ୍ଗଳବାର ସକାଳେ ବାଲୁଗାଁ ରେଳ ଷ୍ଟେସନର ଅନତି ଦୁର ବଡକୁଳ ପାନ୍ଥନିବାସ ରେଳ ଫାଟକ ଠାରେ ଟ୍ରେନ ଧକ୍କାରେ କର୍ତ୍ତବ୍ୟରତ ଜଣେ ଟ୍ରାକମ୍ୟାନଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲକ୍ଷ୍ମୀଧର ବେହେରା(୬୦),ଘର ବାଲୁଗାଁ ଗୋପବନ୍ଧୁ ନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି । ଖବର ନେବାରେ ଜଣାଯାଇଛି,ପାନ୍ଥନିବାସ ରେଳ ଫାଟକ ସ୍ଥିତ ଅପ ଲାଇନରେ ବିଭାଗୀୟ ଯନ୍ତ୍ରୀ ଏବଂ ଅନ୍ୟ ସହ କର୍ମଚାରୀଙ୍କ ଉପସ୍ଥିତିରେ ଲକ୍ଷ୍ମୀଧର ଟ୍ରାକ ମେସିନ ରଖି କାର୍ଯ୍ୟରେ ବ୍ୟସ୍ତ ରହିଥିଲେ । ଏହି ସମୟରେ ଡାଉନ ଲାଇନରେ ଅହମଦାବାଦ -ପୁରୀ ଏକ୍ସପ୍ରେସ ଆସୁଥିବା ବେଳେ ଅସାବଧାନତା ବଶତଃ ଲକ୍ଷ୍ମୀଧର ଦୁର୍ଘଟଣାର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବାଲୁଗାଁ ହସ୍ପିଟାଲକୁ ଅଣାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜି ଆର ପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ପହଞ୍ଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିଲେ । ଏ ସଂକ୍ରାନ୍ତରେ ଜି ଆର ପି ପକ୍ଷରୁ ୬୬/୨୫ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଅବ୍ୟାହତ ରହିଛି ।

## ବାଇକ ଧକ୍କାରେ ମହିଳା ମୃତ : ୩ ବାଇକ ଆରୋହୀ ଗୁରୁତର

ପିପିଲି ,(ସବ୍ୟୁ): ବୁଧବାର ଭୋର ପାଞ୍ଚଟା ସମୟରେ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ର ପିପିଲି ନିକଟବର୍ତ୍ତୀ ସିଉଳା ଛକ ଠାରେ ଏକ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଘଟଣା ସ୍ଥଳରୁ ଜଣାଯାଏ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ପିପିଲି ଥାନା ଅନ୍ତର୍ଗତ ସିଉଳା ଗ୍ରାମର ଲକ୍ଷ୍ମୀଧର ବିରଙ୍କ ପନ୍ନୀ ମଞ୍ଜୁଲତା ବୀର ( ୬୦) ତାଙ୍କ ଗ୍ରାମ ନିକଟରେ ଥିବା ମହାଦେବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ । ସେଠାରୁ ଘରକୁ ଫେରିବାକୁ ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ମହିଳା ଜଣକଙ୍କ ଗୁରୁତର ହୋଇଥିବା ବେଳେ, ବାଇକରେ ଥିବା ତିନି ଯୁବକ ଛିଟକି ପଡି ଗୁରୁତର ଆହତ ହୋଇ ଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ମାତ୍ର ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ଡାକ୍ତର ଖାନରେ ପହଂଚି ମୃତକାଙ୍କ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ଦୁର୍ଘଟଣା ସ୍ଥଳରୁ ଦୁର୍ଘଟଣା ଘଟାଇଥିବା ପଲସର ବାଇକକୁ ଜବତ କରିଛନ୍ତି । ଗୁରୁତର ବାଇକ ଆରୋହୀ ମାନେ ହେଉଛନ୍ତି ନିକଟସ୍ଥ ଏକଟାଳିଆ ଗ୍ରାମର ବୋଲି ଜାଣିବାକୁ ମିଳିଛି । ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି ।

# ଆଇଆର୍‌ସି ମହାକୁମ୍ଭ ଲାଗି ପାର୍ବଣ ମୁଖର ରାଜଧାନୀ

## ଜମିବ ପାରମ୍ପରିକ ନୃତ୍ୟ

ଭୁବନେଶ୍ୱର(ସବ୍ୟୁ): ବିନା ପର୍ବରେ ବି ପାର୍ବଣ ମୁଖର ହେଲାଣି ରାଜଧାନୀ । ଝଟକିଲାଣି ରାଜପଥରୁ ଏୟାରପୋର୍ଟ । ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି) ର ମହାମଞ୍ଚ କେବଳ ସଡ଼କ ଓ ଭିତ୍ତିଭୂମିର କଥା ବଖାଣିବନି, ବରଂ ମାହୋଲକୁ ରଙ୍ଗିନ କରିବ ସାଂସ୍କୃତିକ ମଞ୍ଚ । ଓଡ଼ିଶାର ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟଠୁ ନେଇ ବଲିଉଡ୍ ନାଇଟ୍‌ରେ ଝୁମିବେ ଅତିଥି ଓ ପ୍ରତିନିଧି । ପୁଣି ବାଲୁକା କଳାର ଲାଇଭ୍ ସୋ ସାଙ୍ଗକୁ ରୋମାଞ୍ଚ ଭରିବ ଫ୍ୟାଶନ ଶୋ' ।

ସାଂସ୍କୃତିକ ମଞ୍ଚରେ ସଙ୍ଗୀତ ପରିବେଷଣ କରିବେ ରକ୍‌ଷ୍ଟାର ଋତୁରାଜ ମହାନ୍ତିଙ୍କ ଠାରୁ ନେଇ ଦିଲ୍ ହୈ ହିନ୍ଦୁସ୍ତାନୀ ଫେମ୍ ବର୍ଣ୍ଣାଳୀ ହୋତା । ଆଧୁନିକ ବ୍ୟାଣ୍ଡ ସାଙ୍ଗକୁ ପାରମ୍ପରିକ ଧୁଡୁକିର ଧୁନ୍‌ରେ ବିଭୋର ହେବେ ଅତିଥି । ଜନତା ମଇଦାନରେ ଆସନ୍ତା ୭ ତାରିଖରେ ଉଦଘାଟନୀ ସମାରୋହରେ ଓଡ଼ିଶାର ଜଣାଶୁଣା ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମି ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ଶିବାଙ୍ଗୀ ମ୍ୟୁଜିକାଲ୍ ଟ୍ରୁପ୍ ପକ୍ଷରୁ ସଙ୍ଗୀତ ସିମ୍ଫୋନି ପରିବେଷଣ ହେବା ନକ୍ଷତ୍ର ଗୁରୁକୂଳ ପକ୍ଷରୁ ଗୋଟିପୁଅ ତଥା କଳାଜୀବୀ ନୃତ୍ୟାନୁଷ୍ଠାନର ସମ୍ବଲପୁରୀ ଲୋକନୃତ୍ୟର ଝଲକ ଦେଖିବେ ଆଗନ୍ତୁକ ।

୮ ତାରିଖରେ ଦେଖିବାକୁ ମିଳିବ ଓଡ଼ିଶା ଡ୍ୟାନ୍ସ ଏକାଡେମି ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ମୟୂରଭଞ୍ଜର ଛଉ ନୃତ୍ୟ । ବଲିଉଡ ନାଇଟରେ ବର୍ଣ୍ଣାଳୀ ହୋତା ଓ ଜୁନିୟର ଇଣ୍ଡିଆନ ଆଇଡଲ୍ ବିଜେତା ଅନନ୍ୟା ଶ୍ରୀତମ ନନ୍ଦ ଦେବେ ସଂଗୀତ ଭେଟି ଦେବା ସହ ଦର୍ଶକ ସାଣ୍ଡ ଆନିମେସନର ଲାଇଭ ଶୋ'ର ମଜା ନେବେ । କେବଳ ସେତିକି ନୁହେଁ, ୯ ତାରିଖରେ ଓଡ଼ିଆ ପାଇକ ବୀରଙ୍କ ଗାଥା ବଖାଣିବା ପାଇଁ ପ୍ରସ୍ତୁତ କଳିଙ୍ଗ ପାଇକ ଆଖଡ଼ା, ଏହା ପରେ ରୁମକୁଝୁମାନା ପକ୍ଷରୁ ସମ୍ବଲପୁରୀ ନୃତ୍ୟରେ ବିଭୋର ହେବେ ଶ୍ରୋତା ଏବଂ ଶେଷ କାର୍ଯ୍ୟକ୍ରମରେ କ୍ରିଷ୍ଣା ବେଉରାଙ୍କ ସଂଗୀତର ଆସର ଜମିବ ।

ଆଇଆରସି ସମ୍ମିଳନୀରେ ମହିଳାମାନଙ୍କୁ ନେଇ ଆୟୋଜିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ୭ରେ ଗୀତଗୋବିନ୍ଦର ଭକ୍ତି ଧାରା, ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଖେଳ ଅଧିବେଶନ ଓ ସଂଗୀତ ଅଧିବେଶନର ମଜ୍ଜା ନେବେ ପ୍ରତିନିଧି । ୯ ତାରିଖ ପୂର୍ବାହ୍ନରେ ମହିଳାମାନଙ୍କୁ ନେଇ ଫ୍ୟାଶନ ଓ ରାମ୍ପ୍ ଶୋ, ଖେଳ ଓ ସଂଗୀତ ଅଧିବେଶନ ସହ ସେହିଦିନ ମହିଳା ପ୍ରତିନିଧିମାନେ ସ୍ଥାନୀୟ ଦର୍ଶନୀୟ ଅଞ୍ଚଳ ପରିଭ୍ରମଣ କରିବେ ।

### ମହକିବ ଓଡ଼ିଆ ଖାଦ୍ୟ

ଦେଶ ବିଦେଶରୁ ପ୍ରାୟ ୩୫୦୦ରୁ ଉର୍ଦ୍ଧ୍ୱର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେବେ । ଅତିଥି ଦେବୋ ଭବଃ ଭାବନାକୁ ଧ୍ୟାନରେ ରଖି ସେମାନଙ୍କୁ ଉନ୍ନତ ସୁବିଧା ଓ ସେବା ଯୋଗାଇ ଦେବାକୁ ଉଦ୍ୟମ କରାଯାଉଛି । ଓଡ଼ିଶାକୁ ଆସି ଓଡ଼ିଶାର ବାସ୍ନାକୁ ଯେପରି ସ୍ମୃତିରେ ସାଉଁଟି ଫେରିବେ, ସେନେଇ ସେମାନଙ୍କୁ ଓଡ଼ିଆ ଖାଦ୍ୟରେ ଆପ୍ୟାୟିତ କରିବାକୁ ଯୋଜନା ହୋଇଛି । କଟକର ଆଳୁଦମ ଦହିବରାଠୁ ନେଇ କେନ୍ଦ୍ରାପଡ଼ାର ରସାବଳୀ । ପୁଣି ଓଡ଼ିଆଙ୍କ ପଖାଳ କଂସା ହେଉ ଅବା ଡାଲମା, ଓଡ଼ିଆ ଖାଦ୍ୟର ବିବିଧତା ଅତିଥିଙ୍କ ନିକଟରେ ପହଞ୍ଚାଇବା ପାଇଁ ହୋଟେଲ ଓ ସମ୍ମିଳନୀ ସ୍ଥଳରେ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଆମନ୍ତ୍ରିତ ପ୍ରତିନିଧିଙ୍କ ରହିବା ପାଇଁ ସହରରେ ୩୦ଟି ହୋଟେଲରେ ପ୍ରାୟ ୮୦୦ ରୁମ୍ ବୁକିଂ ହୋଇଛି । ପ୍ରତିନିଧିମାନଙ୍କୁ ବିଭିନ୍ନ ଟୁର୍‌ରେ ନେଉଥିବା ବ୍ୟକ୍ତିବିଶେଷ ପ୍ରତିନିଧିମାନଙ୍କୁ କିଭଳି ଭଲ ବ୍ୟବହାର କରିବେ ସେନେଇ ପ୍ରଶିକ୍ଷିତ କରାଯାଇଛି ।

# ଶ୍ରୀ ଗୁରୁ ଭାଗବତ ଆଧ୍ୟାତ୍ମିକ ସାହିତ୍ୟ ଜଗତରେ ଏକ ସ୍ଥାୟୀ ଆଲୋକପଥ : ରାଜ୍ୟପାଳ

ଭୁବନେଶ୍ୱର,(ସବ୍ୟୁ) : ଶ୍ରୀ ଗୁରୁ ଭାଗବତ ଆଧ୍ୟାତ୍ମିକ ସାହିତ୍ୟ ଜଗତରେ ଏକ ସ୍ଥାୟୀ ଆଲୋକପଥ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି । ୫ ତାରିଖ ଦିନ ଆୟୋଜିତ ଶ୍ରୀ ଗୁରୁ ଭାଗବତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ ଏହା ଭକ୍ତି ଓ ଜ୍ଞାନ ମଧ୍ୟରେ ବିରଳ ସମନ୍ୱୟ ପ୍ରତିଫଳିତ କରେ । ମୂଳତଃ ଓଡ଼ିଆରେ ରଚିତ ହେଲେ ମଧ୍ୟ ଏହା ଭାଷା, ବିଶ୍ୱାସ ଓ ଭୂଗୋଳର ସମସ୍ତ ସୀମା ଅତିକ୍ରମ କରିଛି । ଏହା କେବଳ ଶ୍ଳୋକର ସଂଗ୍ରହ ନୁହେଁ, ଆଧ୍ୟାତ୍ମିକ ଜାଗରଣର ଜୀବନ୍ତ ସ୍ପନ୍ଦନ ଏବଂ ଜ୍ଞାନକୁ ସାକାର ସହିତ ଏବଂ ସାଧକକୁ ଦିବ୍ୟ ସହିତ ଏକତ୍ର କରୁଥିବା ଏକ ସେତୁ ।ରାଜ୍ୟପାଳ ପୁଣି କହିଥିଲେ ଯେ ଶ୍ରୀ ଗୁରୁ ଭାଗବତ ଚେତନାର ଆନ୍ଦୋଳନ ଯାହା ମାନବତାକୁ କରୁଣା, ସତ୍ୟ ଓ ଆଭ୍ୟନ୍ତରୀଣ ଆଲୋକର ପଥରେ ଚାଲିବାକୁ ପ୍ରେରଣା ଦିଏ । ଏହି ପବିତ୍ର ଅବସରରେ, ଆମେ କେବଳ ଏକ ସାହିତ୍ୟିକ କୃତି ନୁହେଁ ବରଂ ଏକ ଦୃଷ୍ଟିକୋଣ ପାଳନ କରୁଛେ ଯାହା ହୃଦୟକୁ



ମାର୍ଗଦର୍ଶନ କରୁଛି ଏବଂ ଜ୍ଞାନର ଆଲୋକ ପ୍ରଜ୍ୱଳିତ କରୁଛି ।ଶ୍ରୀ ଗୁରୁ ଭାଗବତ ସୃଷ୍ଟିର ରହସ୍ୟ, ମୃତ୍ୟୁର ବିଜ୍ଞାନ, କର୍ମର ନିୟମ ଓ ସଦଗୁରୁଙ୍କ ଅନନ୍ତ କୃପା ବିଷୟରେ ଅନୁସନ୍ଧାନ କରେ । ଏହା ଶିକ୍ଷକ-ଶିଷ୍ୟ, ପିତାମାତା-ସନ୍ତାନ, ମାନବତା ଓ ପ୍ରକୃତି ମଧ୍ୟରେ ସମ୍ପର୍କର ପବିତ୍ରତାକୁ ପୁନଃନିର୍ମାଣ କରେ । ନମ୍ରତା, କରୁଣା, ସେବା ଓ ପରିବାର ସମନ୍ୱୟର ସ୍ଥାୟୀ ମୂଲ୍ୟବୋଧକୁ ବଜାୟ ରଖେ ।

ଶ୍ରୀ ଗୁରୁ ଭାଗବତ ପଛରେ ଥିବା ଦୂରଦର୍ଶୀ ଡ. ଚନ୍ଦ୍ର ଭାନୁ ଶତପଥୀ ଧନ୍ୟବାଦର ପାତ୍ର । ଜଣେ ବିଶିଷ୍ଟ ଆଧ୍ୟାତ୍ମିକ ମାର୍ଗଦର୍ଶକ ଡ. ଶତପଥୀ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାଂସ୍କୃତିକ ସଂରକ୍ଷଣ ମାଧ୍ୟମରେ ମାନବତାର ଉତ୍ଥାନ ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଚାଲିଛନ୍ତି । ତାଙ୍କର କରୁଣାପୂର୍ଣ୍ଣ ସେବା ବିଶ୍ୱବ୍ୟାପୀ ସାଧକମାନଙ୍କୁ ଅନୁପ୍ରାଣିତ କରିଛି, ଜ୍ଞାନକୁ କାର୍ଯ୍ୟ ସହିତ ଏବଂ ଆଧ୍ୟାତ୍ମିକତାକୁ ସେବା ସହିତ ମିଶ୍ରଣ କରିଛି ।ଯେତେବେଳେ ଓଡ଼ିଶା ଏହାର ବାଲିଯାତ୍ରା ପାଳନ କରୁଛି, ଦୂର ଦେଶକୁ ଆମର ପ୍ରାଚୀନ ଯାତ୍ରାକୁ ମନେ ପକାଇ, ଶ୍ରୀ ଗୁରୁ ଭାଗବତ ଆମକୁ ଏକ ଆଭ୍ୟନ୍ତରୀଣ ଯାତ୍ରା, ଅଜ୍ଞତାରୁ ଜ୍ଞାନ, ଅହଂକାରରୁ ସହାନୁଭୂତି, ଆତ୍ମରୁ ଆତ୍ମକୁ ପ୍ରେରଣା ଦେଉଛି ବୋଲି ରାଜ୍ୟପାଳ କହିଥିଲେ ।

ଏହି ଅବସରରେ ଗୁରୁଜୀ ଡ. ଚନ୍ଦ୍ର ଭାନୁ ଶତପଥି ଶ୍ରୀ ଗୁରୁ ଭାଗବତ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦବ୍ୟତୀତ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଫେସର ହରେ କୃଷ୍ଣ ଶତପଥି ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟ ବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ଗୁରୁ ଭଗବତଂ ପୁସ୍ତକର (୨ୟ ଖଣ୍ଡ) ଉନ୍ମୋଚନ କରାଯାଇଥିଲା ।

## ଶ୍ରୀକ୍ଷେତ୍ର ପାଲଟିଲା ଜନ ସମୁଦ୍ର

ପୁରୀ, (ସବ୍ୟୁ) : ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ଏହି ଅବସରରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିଲା ଜନସମୁଦ୍ର । ବିଶେଷ କରି ପୁରୀ ମହୋଦଧିରେ ଡଙ୍ଗା ଭସାଇବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗି ଥିଲା । ମଙ୍ଗଳବାର ରାତିରୁ ହିଁ ସମୁଦ୍ର କୂଳ ଲୋକାରଣ୍ୟ ହୋଇପଡ଼ିଥିଲା । ବେଳାଭୂମିର ବିଭିନ୍ନ ସେକ୍ଟରରେ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ବୁଡ ଓ ସ୍ନାନ ପାଇଁ ପର୍ଯ୍ୟାପ୍ତ ଲାଇଫଗାର୍ଡ ମୁତୟନ କରାଯାଇଛି । ମହୋଦଧି ସହ ଶ୍ରୀକ୍ଷେତ୍ରର ପଞ୍ଚ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପାଇଁ ନାହିଁ ନଥିବା ଭିଡ ଲାଗିଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରତି ତୀର୍ଥ ପୁଷ୍କରିଣୀରେ ଲାଇଫଗାର୍ଡ, ଆଗ୍ନିକଙ୍କ ସହ ପୋଲିସ ମୁତୟନ କରାଯାଇଛି । ସମୁଦ୍ରରେ ଡଙ୍ଗା ଭସାଇ ସ୍ନାନ କରିବା ସହ ସୂର୍ଯ୍ୟୋଦୟ ଦେଖିବା ପାଇଁ ଶ୍ରଦ୍ଧାଳୁ ,ପର୍ଯ୍ୟଟକ ତଥା ହବିଶ୍ୟାଳୀ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ।

# ସୁଭଦ୍ରା ଶକ୍ତି ମେଳାରେ ମିଲେଟ୍ ଉତ୍ପାଦ ହେଲା ପ୍ରମୁଖ ଆକର୍ଷଣ

## ଜୈବିକ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରତି ବଢୁଛି ସହରବାସୀଙ୍କ ଆଗ୍ରହ

ଭୁବନେଶ୍ୱର, (ସବ୍ୟୁ) : ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳାରେ ମିଲେଟ୍ ଉତ୍ପାଦ ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହେଉଛି । ମିଲେଟ୍ ପୋଡ଼ପିଠା, କ୍ଷୀର ଗଜା ଠାରୁ ଆରମ୍ଭ କରି ରାଗି ଲାଡୁ, ମିଲେଟ୍ ବିସ୍କୁଟ୍, ବାଜରା ଦୋସା ମିକ୍ସ, ଫକ୍ସଟେଲ୍ ନୁଡଲ୍ସ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଓ ପୌଷ୍ଟିକ ଖାଦ୍ୟ ଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ସଭିଙ୍କ ମନ ଜିତୁଛି । ଦର୍ଶକମାନେ ମେଳାରେ ରେଡି-ଟୁ-ଇଟ୍ ସ୍ନାକ୍ସ, ବେକେରୀ ବ୍ୟଞ୍ଜନ, ମିକ୍ସଚର୍, ପିଠା ଇତ୍ୟାଦି ମାଧ୍ୟମରେ ମିଲେଟ୍‌ର ବିବିଧତାର ଏକ ଝଲକ ପାଉଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନେ ନିଜ ହାତରେ ପ୍ରସ୍ତୁତ କରିଥିବା ଏହି ମିଲେଟ୍ ଉତ୍ପାଦ ଗୁଡ଼ିକ ସମ୍ପୁର୍ଣ୍ଣ



ଜୈବିକ ଓ ପ୍ରାକୃତିକ ଗୁଣରେ ଭରପୁର । ଗ୍ରାମାଞ୍ଚଳରେ ଜୈବିକ ପ୍ରଣାଳୀରେ ଚାଷ ହୋଇଥିବା ମିଲେଟ୍‌ଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ପାରମ୍ପରିକ ଧାରାରେ ପ୍ରସ୍ତୁତ କରି ନୂଆ ଆକାର ଦେଇଛନ୍ତି, ଯାହା ସ୍ୱାଦିଷ୍ଟ ହେବା ସହିତ ପୁଷ୍ଟିକର । ଏଥିରେ ଥିବା ଫାଇବର୍, ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍ ଓ ଆଣ୍ଟିଅକ୍ସିଡେଣ୍ଟ ଗୁଣ ମଧୁମେହ ନିୟନ୍ତ୍ରଣ, ପାଚନ ଶକ୍ତି ବଢ଼ାଇବା ସହିତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ବର୍ତ୍ତମାନ ସମୟରେ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବଢ଼ିବା ସହିତ ମିଲେଟ୍ ପ୍ରଡକ୍ଟର ଚାହିଦା ମଧ୍ୟ ଦିନକୁ ଦିନ ବଢୁଛି । ସୁପର୍ ଗ୍ରେନ୍ ବୋଲି ପରିଚିତ ମିଲେଟ୍ ଆଜି ସୁସ୍ଥ ଜୀବନ ପାଇଁ ବେଶ୍ ଆଦୃତ ହେଉଛି । ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କଟକ, ଖୋର୍ଦ୍ଧା ଭଳି ଜିଲ୍ଲାର ମହିଳା ଉଦ୍ୟୋଗୀ ମାନେ ରାଗି, ଲିଟଲ୍ ମିଲେଟ୍ ଓ ବାଜରାକୁ ବ୍ୟବହାର କରି ମିଲେଟ୍ ପାସ୍ତା, ମିଲେଟ୍ କୁକିଜ୍, ବିସ୍କଟ୍ ଭଳି ନୂଆ ନୂଆ ପ୍ରଡକ୍ଟ ତିଆରି କରୁଛନ୍ତି । ଆଧୁନିକ ବଜାରର ଚାହିଦାକୁ ଦୃଷ୍ଟିରେ ରଖି ୧୩୭ ନଂ ଷ୍ଟଲରେ କଟକ ଜିଲ୍ଲାର ଦୁଲଣପୁର ଉତ୍ପାଦକ ଗୋଷ୍ଠୀ ସଦସ୍ୟା ମିଲେଟ ଚକୋଲେଟ କୁକିଜ୍, ମାଣ୍ଡିଆ ମୁଢ଼ି, ଏନର୍ଜି ଚକୋଲେଟ୍ ବିକ୍ରି କରି ଗୋଟିଏ ସନ୍ଧ୍ୟାରେ ୫୦ ହଜାରରୁ ଉର୍ଦ୍ଧ୍ୱ କରିଛନ୍ତି ।

# ହବିଷିଆଳି ମା' ମାନଙ୍କର ଘରବାହୁଡା ଆରମ୍ଭ

ପୁରୀ, (ସବ୍ୟୁ) : ଏକ ମାସ ବ୍ରତ ପରେ ହବିଷ୍ୟାଳୀ ମା ମାନଙ୍କର ଘରବାହୁଡା ଆରମ୍ଭ ହୋଇଛି । ଶ୍ରୀକ୍ଷେତ୍ର ଛାଡୁଥିବାରୁ ସେମାନଙ୍କ ମୁହଁରେ ଦୁଃଖ । ଏକ ମାସର ନିରବଚ୍ଛିନ୍ନ ହବିଷ ବ୍ରତ ବା ରାଇଦାମୋଦର ବ୍ରତ ପରେ ନିଜ ନିଜ ଘରକୁ ଫେରିବା ଆରମ୍ଭ କଲେଣି ହବିଷ୍ୟାଳୀ ମା ମାନେ । କୁମାର ପୂର୍ଣ୍ଣିମା ପୂର୍ବରୁ ନିଜ ଘର ଛାଡି ପହଞ୍ଚି ଥିଲେ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ । କାର୍ତ୍ତିକର ପ୍ରଥମ ଦିନରୁ ସଂକଳ୍ପ କରି, ବୃନ୍ଦାବତୀ ପୂଜନ କରି, ମହାପ୍ରଭୁଙ୍କ ଦର୍ଶନ କରି ରହିଥିଲେ ନିଷ୍ଠାର ସହ । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆର୍ଥିକ ସହଯୋଗରେ ଜିଲ୍ଲା ପ୍ରଶାସନ ପ୍ରତିଟି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ବ୍ୟବସ୍ଥା କରଛନ୍ତି । ନିଜେ ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡା ହବିଷ୍ୟାଳୀ କେନ୍ଦ୍ର ଗୁଡିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏକାଧିକ ଥର ଓ ମା ମାନେ କେନ୍ଦ୍ରରେ ରହିବା ପରେ ବହୁବାର ପରିଦର୍ଶନ କରିବା ସହ ମା ମାନଙ୍କ ଭଲ ମନ୍ଦ, ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଚଳିତ ବର୍ଷ ବୃନ୍ଦାବତୀ ନିବାସ,ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ କେନ୍ଦ୍ର କରାଯାଇଥିଲା । ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ କେନ୍ଦ୍ର ର ପରିଚାଳନା ଦାୟିତ୍ୱ ଦେବା ସହ ଯେପରି କୌଣସି କ୍ଷେତ୍ରରେ ମା ମାନଙ୍କର ସମସ୍ୟା ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହି ଆଧାର ରେ ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ଅତ୍ୟନ୍ତ ନିଷ୍ଠାପର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି ।ସରକାରଙ୍କ ପକ୍ଷରୁ ନିଜେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଏବଂ କ୍ରୀଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ପହଞ୍ଚି ମା ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ମା ମାନଙ୍କୁ ଏକ ମାସର ସୁରକ୍ଷିତ ରହଣୀ, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ, ଆଧ୍ୟାତ୍ମିକ ପ୍ରବଚନ, ମହାପ୍ରସାଦ ସେବନ ଇତ୍ୟାଦି ପାଇଁ ପ୍ରଶାସନ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଥିଲା । ଏବେ ପ୍ରତ୍ୟେକ ଟି ମା ମୁହଁରେ ନିଜ ଘରକୁ ଫେରିବା ର ଆନନ୍ଦ ସତ, ହେଲେ ମାସକର ସ୍ନେହ ମମତା ରେ ବନ୍ଧା ସମ୍ପର୍କ ଆଖିରେ ଲୁହ ଭରି ଦେଉଛି ।ଅଧିକାରୀ ହୁଅନ୍ତୁ, କର୍ମଚାରୀ ହୁଅନ୍ତୁ, ସ୍ୱେଚ୍ଛାସେବୀ ଝିଅ, ଭଉଣୀ ହୁଅନ୍ତୁ ବା ପୁଅ ମାନେ ତାଙ୍କ ପାଖରେ ବିଭିନ୍ନ ସାମଗ୍ରୀ ଦେବା ବେଳେ ସେମାନଙ୍କୁ ଆଦରରେ ଆଉଁସି, କୁଣ୍ଢେଇ ମା ମାନେ କାନ୍ଦି ପକେଇବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ । ଓଦା କଣ୍ଠରୁ କିନ୍ତୁ ଝରି ଆସୁଛି ଆଶୀର୍ବାଦର ହୁଳହୁଳି ।

# ଦିଲ୍ଲୀର ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି । ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଙ୍ଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ, ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହିତ ସକାଳୁ ଆସି ସାମିଲ ହୋଇଥିବାର ଦେଖା ଯାଇଥିଲା । ପୂର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣର ସ୍ଥଳ ମନ୍ଦିର ପାର୍ଶ୍ୱବର୍ତ୍ତୀ ଫୁଆରାର ଚାରିପଟ ଏବଂ ସମ୍ପୂର୍ଣ୍ଣ ମନ୍ଦିର ବେଢ଼ାକୁ ଖୁବ ସୁନ୍ଦର ଭାବେ ସଜାଯାଇଥିଲା । ସମଗ୍ର ପରିବେଶ ଅତ୍ୟନ୍ତ ଭକ୍ତିପୁତ ଓ ବେଶ ଉତ୍ସବ ମୁଖର ହୋଇପଡିଥିବାର ଲକ୍ଷ୍ୟ କରାଯାଇଥିଲା । ଦର୍ଶକମାନଙ୍କ ମଧ୍ୟରେ ବୋଇତ ଭସାକୁ କେନ୍ଦ୍ର କରି ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପ୍ରକାଶ ପାଇଥିଲା । ବଡ଼ି ଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରିଦିଅଁଙ୍କର ସାମନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ଫୁଆରାର ପୋଖରୀ କୂଳରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିଙ୍କୁ ପୂଜା କରାଯାଇଥିଲା । ଉପସ୍ଥିତ ମହିଳାମାନେ ବୋଇତର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସମାରୋହରେ ଦିଲ୍ଲୀ ସରକାରର ମନ୍ତ୍ରୀ ଆଶିଷ ସୁଦ ଓ ତାଙ୍କର ଧର୍ମପତ୍ନୀ ଅନୁ ସୁଦ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ



ଆୟୋଜକ ତଥା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଆଗନ୍ତୁକ ଅତିଥି ଅଭ୍ୟାଗତମାନଙ୍କ ଦ୍ୱାରା ପାରମ୍ପରିକ ଢଙ୍ଗରେ 'ଆ-କା-ମା-ବୈ' ଧ୍ୱନୀ ଉଚ୍ଚାରଣ କରାଯିବା ସହିତ ସୁଶୋଭିତ ବୋଇତଟିର ଯାତ୍ରା ଶୁଭାରମ୍ଭ ହୋଇଥିଲା । ସମଗ୍ର ଗଗନ ପବନ ହରିବୋଲ, ହୁଳହୁଳି ଏବଂ ଶଙ୍ଖଧ୍ୱନୀ, ଭଜନ-କୀର୍ତ୍ତନର ସୁଲଳିତ ସ୍ୱର ଝଙ୍କାର ତଥା ଘଣ୍ଟ, ଝାଞ୍ଜ ଓ ମୃଦଙ୍ଗ ଆଦି ବାଦ୍ୟର ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା । ଓଡ଼ିଆ ଜାତିର ମାନ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଇତଟି ଫୁଆରାର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ ଅନନ୍ୟ ଓ ଅବିସ୍ମରଣୀୟ ଥିଲା । ଅତୀତରେ ଓଡ଼ିଶାର ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା ,ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପକୁ ବେପାର ବଣିଜ ପାଇଁ ଯାତ୍ରା କରୁଥିବାର ସାଙ୍କେତିକ ଝଲକ ଏଠାରେ ମିଳିଥିଲା । ଓଡ଼ିଶାର ନୌବାଣିଜ୍ୟର ସ୍ୱର୍ଣ୍ଣାଭ ଇତିହାସ, ଗୌରବମୟ ପରମ୍ପରା ଏବଂ ମହାନ ସାଂସ୍କୃତିକ ଐତିହ୍ୟର ଅପୂର୍ବ ରୂପାୟନ ଉପସ୍ଥିତ ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିଲା । ଉତ୍ସବର ମୁଖ୍ୟ ଆକର୍ଷଣ ଓଡ଼ିଶାରୁ ଆସିଥିବା ବିଶିଷ୍ଟ ଗାୟିକା ଅନିନ୍ଦିତା ଦାସ, ଉଦୀୟମାନ କଣ୍ଠଶିଳ୍ପୀ ଆରାଧନା ପାଣିଗ୍ରାହୀ ଓ ଗୋପୀନାଥ ପାଣିଗ୍ରାହୀ ଙ୍କର ସୁମଧୁର ଭଜନ ପରିବେଷଣ ଥିଲା । ସୁନାମଧନ୍ୟ ଓଡ଼ିଶୀ ଗୁରୁ ନିତ୍ୟାନନ୍ଦ ଦାସଙ୍କର ଶିଷ୍ୟ ଓ ଶିଷ୍ୟାମାନଙ୍କ ଦ୍ୱାରା ମଞ୍ଚସ୍ଥ ନୃତ୍ୟ ଅଭିନୟ ମଧ ବେଶ ଭାବୋଦ୍ଦୀପକ ଥିଲା ଏବଂ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଏଠାରେ ବିଶିଷ୍ଟ ହାସ୍ୟ କଳାକାର ଗୋଲୁଙ୍କର ଅଭିନୟ ଦମଦାର ଥିଲା । କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣପ୍ରଭା ପତି ସୁଚାରୁ ରୂପେ ସଞ୍ଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦ ପରଷା ଯାଇଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅବନୀ ସାହୁ, ଗୁରୁ ପ୍ରସାଦ ମିଶ୍ର, ସବିତା ପ୍ରଧାନ,ରୀତା ପାତ୍ର, ସଞ୍ଜୟ ମିଶ୍ର,ବିଷ୍ଣୁ ପ୍ରଧାନ,ଡ଼ଃ ଶକ୍ତି ସୁଧା ସାମନ୍ତରାୟ ଓ ରୁପାଲୀ ଅପରାଜିତା ମହାନ୍ତି ପ୍ରମୁଖ ଅନର୍ଭୂକ୍ତ ଥିଲେ । ସମଗ୍ର ବୋଇତ ବନ୍ଦାଣ ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବାରେ ଶ୍ରୀ ନୀଳାଚଳ ସେବାସଙ୍ଘର ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ,ଉପ-ସଭାପତି ରବି ପାଣି, ଗଜେନ୍ଦ୍ର ସାମନ୍ତ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ଅଭୟ ପ୍ରଧାନ, ରଙ୍କନିଧି ସାହୁ ଏବଂ ସଦସ୍ୟ କ୍ଷୀରୋଦ ପାତ୍ର, ଅଭିରାମ ସୁତାର, ଉପେନ୍ଦ୍ର ବେହେରା, ଅଶୋକ ପ୍ରଧାନ, ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ,ପଙ୍କଜ ମହାନ୍ତି, ନିଶୀଦ୍ଧ କୁମାର ଦାସ,ସୁରଜ ନାୟକ,ଅଫିସର ରାଉତ, ଦିଲ୍ଲୀପ କୁମାର ସ୍ୱାଇଁ, ବିଜୟ କୁମାର ସାହୁ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିର ମୁଖ୍ୟ ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହପରିଚାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା, ମନ୍ଦିରର ପୂଜକ ଯଥା ସନାତନ ପାଢ଼ୀ ଓ ଦେବବ୍ରତ ମିଶ୍ର ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।

# କାର୍ତ୍ତିକ ପୂର୍ଣ୍ଣିମାରେ ମହୋଦଧିରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

## ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁନା ବେଶରେ ଦର୍ଶନ କଲେ ଭକ୍ତ

ପୁରୀ, (ସବ୍ୟୁ) : ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ଏହି ଅବସରରେ ବୁଧବାର ବଡି ଭୋରରୁ ପୁରୀ ସମୁଦ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଡ଼ଙ୍ଗା ଭସାଇ ସୂର୍ଯ୍ୟ ଦର୍ଶନ କରିଛନ୍ତି । ଏଥିସହ ଦୀର୍ଘ ଏକମାସ ଧରି ହବିଷ ବ୍ରତ ପାଳନ କରୁଥିବା ବ୍ରତଧାରିଣୀ ମାନେ ନିଜର ବ୍ରତକୁ ଉଦଯାପନ କରିଛନ୍ତି । ସେପଟେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଭକ୍ତଗଣ ମହୋଦଧିରେ ସ୍ନାନ ସାରିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିଛନ୍ତି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ଶ୍ରୀକ୍ଷେତ୍ର । ମହୋଦଧିରେ ବୁଡ଼ ପକାଇବା ପାଇଁ ବଡ଼ି ଭୋରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିଥିଲା ପୁରୀ ମହୋଦଧିକୁ । ମହୋଦଧିରେ ଲକ୍ଷାଧିକ ଭକ୍ତ ସ୍ନାନ କରିବା ସହ କଦଳୀ ପଟୁକା ବା ସୋଲ ଡଙ୍ଗାରେ ପାନ, ଗୁଆ, ଫୁଲ ଥୋଇ ଡ଼ଙ୍ଗା ଭସାଇବା ସହ ଆ-କା-ମା-ବୈ, ପାନ ଗୁଆ ଥୋଇ ଶବ୍ଦରେ ଗୁଞ୍ଜରିତ ହୋଇଥିଲା ସମଗ୍ର ବେଳାଭୂମି । ନିଜ ପରିବାର ତଥା ସାଙ୍ଗସାଥିଙ୍କ ସହ ଲୋକେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧି ତଟକୁ ଆସି ଡଙ୍ଗା ଭସାଇଥିଲେ । ଏଥିସହ ପବିତ୍ର କାର୍ତ୍ତିକ ମାସର ପୂର୍ଣ୍ଣିମା ପାଇଁ ହବିଷ୍ୟାଳୀ ମାନେ ମଧ ସମୁଦ୍ର ବେଳାଭୂମିରେ ପୂଜାର୍ଚ୍ଚନା କରିବା ସହିତ ଆଜିର ପ୍ରଥମ ଉଦୟ ସୂର୍ଯ୍ୟଙ୍କୁ ଦର୍ଶନ କରିଛନ୍ତି । ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ମହୋଦଧି ତଟରେ ଏକତ୍ରିତ ହୋଇ କାର୍ତ୍ତିକ ପୂର୍ଣ୍ଣିମାର ପୁଣ୍ୟ ଲାଭ କରିଛନ୍ତି । ବିଶ୍ୱାସ ରହିଛି ଆଜିର ଦିନରେ ମହୋଦଧିରେ ବୁଡ଼ ପକାଇଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ସେହିପରି ଆଜିର ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ରାଜରାଜେଶ୍ୱର ବେଶ ବା ସୁନାବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଗୋଟିଏ ବର୍ଷରେ ମହାପ୍ରଭୁ ପାଞ୍ଚ ଥର ସୁନାବେଶ ହେବାର ପରମ୍ପରା ରହିଛି । ତେବେ କାର୍ତ୍ତିକ ମାସ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶ ନାମରେ ଏହି ସୁନାବେଶ ଲାଗି ହୋଇଥାନ୍ତି ଶ୍ରୀଜୀଉ । ହରିବୋଲ, ହୁଳହୁଳି ସହିତ ଭକ୍ତଙ୍କ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ ଖୁବ୍ କଡ଼ା କଡ଼ି କରାଯାଇଛି । ୪୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୭ ଜଣ ଅତିରିକ୍ତ ଏସପି, ୨୫ ଜଣ ଡିଏସପି, ୪୯ ଜଣ ଇନ୍ସପେକ୍ଟର, ୫୧୧ ହୋମଗାର୍ଡ ନିୟୋଜିତ ହୋଇଥିଲେ । ସୁରକ୍ଷିତ ସମୁଦ୍ର ସ୍ନାନ ପାଇଁ ଶତାଧିକ ମତ୍ସ୍ୟଜୀବୀ, ଲାଇଫ ଗାର୍ଡ଼ ଓ ଅଗ୍ନିଶମ ବିଭାଗ ନିୟୋଜିତ ହୋଇଥିବା ବେଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବଳଗଣ୍ଡି ଛକ ଠାରୁ ବ୍ୟାରିକେଡ଼ କରାଯାଇଥିଲା । ବେଳେ ଭକ୍ତମାନେ ସିଂହଦ୍ୱାର ବାଟେ ପ୍ରବେଶ କରି ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିଥିଲେ ।

# ପୋଖରୀ ହୁଡ଼ାରୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ରଣପୁର,(ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ଅନ୍ତର୍ଗତ ନୂଆ ପୋଖରୀ ହୁଡାରୁ କାର୍ତ୍ତିକ ପୂର୍ଣ୍ଣିମା ଅପରାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ରାଜ ସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଫାଣ୍ଡି ନିରୀକ୍ଷକ ପ୍ରିତି ପ୍ରକାଶ ମହାନ୍ତିଙ୍କୁ ଖବର ଦେଇଥିଲେ । ନିରୀକ୍ଷକ ମହାନ୍ତି ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମତଫି ଶବ ଜବତ କରି ଖବର ଲେଖା ହେଲା ବେଳକୁ ପଞ୍ଚନାମା ପାଇଁ ଆଣିଥିବା ଜଣାପଡିଛି । ମୃତ ଯୁବକ ଜଣଙ୍କ ଢେଙ୍କାନାଳ ଜିଲ୍ଲା ତୁମୁଶିଙ୍ଗା ଥାନା ଅଳାବେରଣୀ ଗାଁ ଉମାଜୀ ନାୟକଙ୍କ ପୁଅ ଆକାଶ ନାୟକ (୨୩) । ଆକାଶଙ୍କ ମା ମାନସୀ ନାୟକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅକୁ ପଡେ । ସୁରେଶ ଚନ୍ଦ୍ର ନାୟକ ଝିଅ ଲିପ୍ସା ନାୟକ ଗତ । ମାସ ତଳେ ବତା ଶିଖା କରି କେଉଁ ଆଡେ ନେଇ ଯାଇଥିଲା । ସେମାନେ ଖୋଜା ଖୋଜି କରି ପାଉ ନଥିଲେ । କାର୍ତ୍ତିକ ପୂର୍ଣ୍ଣମୀ ଦିନ ଲିପ୍ସାର ବାପା ସୁରେଶ ଖବର ଦେଲେ ତୁମ ପୁଅ ନୟାଗଡ଼ ଜିଲ୍ଲା ରାଜ ସୁନାଖଳା ଫାଣ୍ଡି ଅଞ୍ଚଳରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛି । ପରିବାର ଲୋକ ଫାଣ୍ଡିରେ ପହଞ୍ଚି ପୁଅର ମୃତ୍ୟୁ ପାଇଁ ଲିପ୍ସା ଓ ତାର ପରିବାରକୁ ଦୋଷାରୋପ କରିଛନ୍ତି । ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ଯିବ ବୋଲି ନିରୀକ୍ଷକ ଶ୍ରୀ ମହାନ୍ତି କହିଛନ୍ତି ।

# କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ

ବାଲିଅନ୍ତା ,(ସବ୍ୟୁ): ବାଲିଅନ୍ତା ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମ୍ପର୍କ ଦ୍ୱାରା ସପ୍ତମ ବାର୍ଷିକ କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ--୨୦୨୫ ବାଲିଅନ୍ତା ନିକୁଞ୍ଜ ବିହାରୀ ନିକଟ କୁଶଭଦ୍ରା ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି । ବାଲିଅନ୍ତା ଗ୍ରାମପଞ୍ଚାୟତର ସରପଞ୍ଚ କୃଷ୍ଣ କେଶବ ଆପଟ ଯୋଗ ଦେଇ ଆସନ୍ତା ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପର୍କର ମୁଖ୍ୟ ଶିକ୍ଷାବି ସୁରେନ୍ଦ୍ର କୁମାର ଖୁଣ୍ଟିଆ, ନୀଳମାଧବ ସାହୁ, ଦିଲ୍ଲୀପ କୁମାର ନାୟକ, ଦୁଃଶାସନ ପାତ୍ର, ପ୍ରସାନ୍ତ କୁମାର ନାୟକ, ଅଭିରାମ ଭୋଇ, ରାଜେନ୍ଦ୍ର ସାହୁ, ଶରତ ଚନ୍ଦ୍ର ବେହେରା ଓ ଦୀପକ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଧରନ ଇନଫ୍ରା- ଇପିସି ଲିମିଟେଡ୍

# ୨୧୫ କୋଟି ଟଙ୍କାର ଯୋଗାଣ ରାଜିନାମା ସ୍ୱାକ୍ଷର କଲା

ଭୁବନେଶ୍ୱର : କେବିସି ଗ୍ଲୋବାଲ ଲିମିଟେଡ ନାମରେ ପରିଚିତ ଧରନ ଇନଫ୍ରା-ଇପିସି ଲିମିଟେଡ ଏହାର ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ଧରନ ଇନଫ୍ରା ସୋଲାର ଲିମିଟେଡ ନିକଟରେ ସ୍କାଇମାକ୍ସ ଇନଫ୍ରାପାଓ୍ୱର ଲିମିଟେଡ, ଉତ୍ତରପ୍ରଦେଶ ସହିତ ଏକ ଯୋଗାଣ ରାଜିନାମା ସ୍ୱାକ୍ଷର କରିଛି । ଏହି ରାଜିନାମା ମୁଖତଃ ଡିଜାଇନ, ଇଞ୍ଜିନିୟରିଂ, ସଂଗ୍ରହ, ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ ଏକ ୭୫ ମେଗାୱାଟ ଆଲେ ସୋଲାର ପ୍ରକଳ୍ପ କାର୍ଯକ୍ଷମ ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରକଳ୍ପ ମହାରାଷ୍ଟ୍ରର ନାନ୍ଦେଦ ଜିଲ୍ଲାର ୯ଟି ସ୍ଥାନରେ ବିକଶିତ କରାଯିବ । ଏହା ଆର୍ଥିକ ବର୍ଷ ୨୦୨୫-୨୬ରୁ ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି । ସମାନ ବ୍ୟବସାୟ ଅବଧିରେ ଏହା ଏକ ଅଣ- ସମ୍ପର୍କିତ ପକ୍ଷ କାରବାର ହେଉଛି । ଏହି ରାଜିନାମା ଅଧୀନରେ ଧରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ଏକ ୭୫ ମେଗାୱାଟ (ଏସି)/ ୯୫.୧୦ ଏମଡବ୍ଲୁପି (ଡିସି) ଗ୍ରୀଡର ଆକଫିଭ, ସ୍ଥଳଭାଗରେ ସ୍ଥାପିତ ସୋଲାର ଫଟୋଭୋଲଟାଇକ ଶକ୍ତି ପ୍ରକଳ୍ପ ମହାରାଷ୍ଟ୍ରର ନାନ୍ଦେଦ ଜିଲ୍ଲାର ୯ଟି ସ୍ଥାନରେ ଡିଜାଇନ, ଯୋଗାଣ ଏବଂ ପ୍ଲାଣ୍ଟ ଉପକରଣ ସ୍ଥାପନ ଓ ପରିଚାଳନା ସମ୍ପର୍କିତ କାର୍ଯ ହାତକୁ ନେବ ।

# ପୂଜାରୀଙ୍କ ସ୍ମୃତି ଚାରଣ

ଫୁଲନଖରା,(ସବ୍ୟୁ): ପାହାଳ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମ ବ୍ରାହ୍ମଣ ସାହିର ତଥା ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ବରିଷ୍ଠ ପୂଜକ ପ୍ରଭାକର ପାଢୀ (ବାଇଧର ଭାଇନା)ଙ୍କ ୭୦ ବର୍ଷ ବୟସରେ ଦେହାନ୍ତ ହୋଇଛି । ପୂଜ୍ୟ ପୂଜା ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ତରଫରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅୟୋଜିତ ସଭାରେ ସମ୍ପାଦକ ବଂଶୀଧରା ଭୋଳ, ବରିଷ୍ଠ ପ୍ରବଚକ ସୁରେନ୍ଦ୍ର ନାଥ ଛୋଟରାୟ, କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରି ସଭାପତି ଲଳିତ କୁମାର ଦାଶ, ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ସନ୍ୟାସୀ ଜୀ, ବରିଷ୍ଠ ସାମ୍ବାଦିକ ଅମି କୁମାର ପରିଜା, ପୁଣ୍ୟ ଚନ୍ଦ୍ର ଦଳାଇ, ଶଶି ଭୂଷଣ ଦାଶ, ଧୀରେନ୍ଦ୍ର ସାହୁ, ବୁଲୁ ପାତ୍ର, ହେମନ୍ତ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ଭୋଇ, ବରିଷ୍ଠ ପୂଜକ ଧୀରେନ୍ଦ୍ର ପାଢି, ଗଗନ ବିହାରୀ ପାଢି, ମୁରବୀ ଗୁଣ ନିଧି ପଟ୍ଟନାୟକ, ବିଚିତ୍ର ନନ୍ଦ ଦଳାଇ, ଅଭୟ କୁମାର ଜେନା, ଲକ୍ଷ୍ମୀଧର ମହାନ୍ତି ଓ ସୁଭାଷ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତି ଯୋଗ ଦେଇ ସର୍ଗତଃ ପାଢୀଙ୍କର ସ୍ମୃତି ଚାରଣ କରିଥିଲେ ।

## ଇନ୍ଦ୍ରାଣୀ ମୁଖାର୍ଜୀ ଏଣ୍ଟରପ୍ରାଇଜର ସଫଳ ପ୍ରୟାସ

# ଟାଗୋରଙ୍କ ଚିତ୍ରାଙ୍ଗଦା- ଏକ ସଶକ୍ତ ନାରୀ' ଉପସ୍ଥାପିତ

ଭୁବନେଶ୍ୱର,(ସବ୍ୟୁ): ଇନ୍ଦ୍ରାଣୀ ମୁଖାର୍ଜୀ ଏଣ୍ଟରପ୍ରାଇଜ (ଆଇଏମଇ) ପକ୍ଷରୁ ମୁମ୍ବାଇର ବାନ୍ଦ୍ରାସ୍ଥିତ ଆଣ୍ଡ୍ରୁସ ଅଡିଟୋରିୟମଠାରେ "ଚିତ୍ରାଙ୍ଗଦା- ଏକ୍ ସଶକ୍ତ ନାରୀ'ର ବହୁପ୍ରତିକ୍ଷୀତ ପ୍ରତ୍ୟାବର୍ତ୍ତନକୁ ଉପସ୍ଥାପନ କରାଯାଇଥିଲା ଯାହା ରବିନ୍ଦ୍ରନାଥ ଟାଗୋରଙ୍କ କାଳଜୟୀ କୃତିର ଏକ ଗୌରବମୟ ନାଟ୍ୟ ରୂପାନ୍ତର ଅଟେ ।ଏହି ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହା ଆଧୁନିକ ଭାରତୀୟ ଥିଏଟର କ୍ଷେତ୍ରରେ ଅନ୍ୟତମ ପ୍ରତିଷ୍ଠିତ ସ୍ୱର ଭାବେ ଆଇଏମଇର ସ୍ଥିତିକୁ ମଜବୁତ କରିଛି । ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଇନ୍ଦ୍ରାଣୀ ମୁଖାର୍ଜୀ ଯିଏକି ଟାଗୋରଙ୍କର ଯୋଦ୍ଧା ରାଜକୁମାରୀର ଚରିତ୍ର ଚିତ୍ରଣ କରିଥିଲେ, ଏହା ଦର୍ଶକଙ୍କ ହୃଦୟ ଜିତିଥିଲା । ତାଙ୍କର ପ୍ରଦର୍ଶନ ଏହି ଚରିତ୍ରର ଶକ୍ତି ଓ କୋମଳତା ମଧ୍ୟରେ ରହିଥିବା ଅନ୍ତର୍ନିହିତ ସଂଘର୍ଷକୁ ଆଲୋକିତ କରିଥିଲା, ଯାହା ମୁମ୍ବାଇର ଉତ୍ସାହୀ ଦର୍ଶକଙ୍କଠାରୁ ଚିରସ୍ଥାୟୀ ପ୍ରଶଂସା ଅର୍ଜନ କରିଥିଲା । ଆଇଏମଇ ପକ୍ଷରୁ ସୁବ୍ରତ ପଣ୍ଡାଙ୍କୁ ଅର୍ଜୁନ ଭାବେ ଉପସ୍ଥାପନ କରାଯାଇଥିଲା ଯିଏକି ଓଡିଶାର ଜଣେ ଯୁବ ଉଦୀୟମାନ କଳାକାର ଅଟନ୍ତି । ତାଙ୍କର ନୀରବ ଶକ୍ତି ଓ ଭାବନାତ୍ମକ ସଂଯମ ଅର୍ଜୁନ ଚରିତ୍ରକୁ ଏକ ନୂଆ ଦିଗ ପ୍ରଦାନ କରିଥିଲା , ଯାହା ମଂଚରେ ମୁଖାର୍ଜୀଙ୍କ ପ୍ରଶଂସନୀୟ ଉପସ୍ଥିତିକୁ ପରିପୂର୍ଣ୍ଣ କରିଥିଲା । ଟୋନି ଓ ମଧୁମିତା ଚକ୍ରବର୍ତ୍ତୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ପୁନର୍ଜୀବନ ଆଧୁନିକ ନୃତ୍ୟ ନିର୍ଦ୍ଦେଶନା ସହ ଟାଗୋରଙ୍କ କାବ୍ୟିକ ସଂରଚନା, ଉଜ୍ଜଳିତ ଆଲୋକ ଓ ଶାନ୍ତନୁ ଭଟ୍ଟାଚାର୍ଯ୍ୟଙ୍କ ମୂଳ ସଙ୍ଗୀତରେ ଭରି ରହିଥିଲା । ଏହାର ଫଳାଫଳ ଦୃଶ୍ୟାତ୍ମକ ଭାବେ ସମୃଦ୍ଧ ଓ ଭାବନାତ୍ମକ ଭାବେ ପ୍ରତିଧ୍ୱନିତ୍ୱ ପ୍ରଦର୍ଶନ ଥିଲା ।ଏସମ୍ପର୍କରେ ଆଇଏମଇର ପ୍ରତିଷ୍ଠାତା ଓ ସିଇଓ ଇନ୍ଦ୍ରାଣୀ ମୁଖାର୍ଜୀ କହିଛନ୍ତି, ଚିତ୍ରାଙ୍ଗଦା ପ୍ରତ୍ୟେକ କାହାଣୀ ସହ ବିକଶିତ ହେବା ଜାରି ରଖିଛି । ଏହାର ମଞ୍ଚରେ ଉପସ୍ଥାପନ ପିଢିଗୁଡିକୁ ସଂଯୋଗ କରୁଥିବା ଟାଗୋରଙ୍କ ନାରୀତ୍ୱ ଓ କଳାର ସତ୍ୟକୁ ଅନ୍ୱେଷଣ କରିବାର ଆମର ବର୍ତ୍ତମାନର ଯାତ୍ରାକୁ ପ୍ରତିଫଳନ କରୁଛି ।

# ସିଇଓ ନିକଟରେ ଫେରାଦ୍ ହେଲା କଂଗ୍ରେସ ପ୍ରତିନିଧି ଦଳ

ଭୁବନେଶ୍ୱର,(ସବ୍ୟୁ): ନୂଆପଡା ଉପନିର୍ବାଚନ ପ୍ରଚାର ସମୟରେ ବିଜେପି କର୍ମୀଙ୍କ ଦ୍ୱାରା ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ କରି ଓଡ଼ିଶା ପ୍ରଦେଶ କଂଗେସ ପକ୍ଷରୁ ଏକ ୫ ଜଣିଆ ମହିଳା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ତଥ୍ୟ ପ୍ରମାଣ ସହ ଏକ ଦାବିପତ୍ର ପ୍ରଦାନ କରି ତାଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଉକ୍ତ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁପସ୍ଥିତିରେ ସ୍ମାରକପତ୍ର ଗ୍ରହଣ କରିଥିବା ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି କି ଭାଜପାର କିଛି ମହିଳା ସଦସ୍ୟ ଏବଂ କର୍ମୀମାନେ ନୂଆପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମହିଳା ଭୋଟରମାନଙ୍କୁ ଖୋଲାଖୋଲି ଭାବରେ ଶାଢ଼ି ଏବଂ ଅନ୍ୟାନ୍ୟ ଉପହାର ସାମଗ୍ରୀ ବଣ୍ଟନ କରୁଛନ୍ତିଛ । ଏହା ବ୍ୟତୀତ ପ୍ରତ୍ୟେକ ଶାଢ଼ି ପ୍ୟାକେଟରେ ୫୦୦ ଟଙ୍କା ନଗଦ ରାଶି ରହିଛି, ଯାହାକୁ ମହିଳା ଭୋଟରମାନଙ୍କୁ ଶାଢ଼ି ସହିତ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟ ସ୍ପଷ୍ଟ ଭାବରେ ଭୋଟରମାନଙ୍କୁ ପ୍ରଭାବିତ ଏବଂ ପ୍ରଲୋଭିତ ପାଇଁ ଉଦ୍ଦିଷ୍ଟ ଏବଂ ଏହା ନିର୍ବାଚନ ଆଦର୍ଶ ଆଚରଣ



ସଂହିତା ଏବଂ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ (ଲାଞ୍ଚ) ର ଧାରା ୧୨୩(୧) ଅନୁଯାୟୀ ଏକ ଗମ୍ଭୀର ଏବଂ ଦଣ୍ଡନୀୟ ଅପରାଧ । ତେଣୁ କଂଗ୍ରେସ ଦାବି କରୁଛି ଭିଡିଓ ପ୍ରମାଣର ସତ୍ୟତା ତୁରନ୍ତ ଯାଞ୍ଚ କରିବାକୁ ଏବଂ ବିଜେପି କର୍ମୀ ଏବଂ ନେତାଙ୍କ ସମ୍ପୃକ୍ତି ଯାଞ୍ଚ କରିବାକୁ । ସେହିପରି ଶାଢ଼ି ଏବଂ ନଗଦ ଟଙ୍କା ବାଣ୍ଟୁଥିବା ବ୍ୟକ୍ତି ଏବଂ ଦଳ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛି । ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ପବିତ୍ରତା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ । ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡ଼ ମନିଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ, ଝୁନା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

# ବାଲିଯାତ୍ରାରେ ଭାରତ ମସଲା ଷ୍ଟଲ ଉଦ୍‌ଘାଟନ କଲେ ସାଂସଦ ଭର୍ତ୍ତୃହରି

## ଷ୍ଟଲରୁ ଗୋଟିଏ କିଣିଲେ ଗୋଟିଏ ଫ୍ରି, ହନି ଲେମନ ଟି କଲା ଲଞ୍ଚ୍

କଟକ, (ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରା ବୁଧବାର ଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମସଲା ଓ ହାଇଜିନିକ ଫୁଡ୍ ବ୍ୟବସାୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଭାରତ ମସଲା କମ୍ପାନୀର ଷ୍ଟଲ ଉଦ୍‌ଘାଟିତ ହୋଇଛି । କଟକର ସାଂସଦ ଭର୍ତ୍ତୃହରି ମହତାବ ଅତିଥି ଭାବେ ଯୋଗ ଦେଇ ଷ୍ଟଲ ଉଦ୍‌ଘାଟନ କରିବା ସହ ବାଲିଯାତ୍ରାକୁ ସମୃଦ୍ଧ କରିବାରେ ଭାରତ ମସଲା ଆଜି ମୁଖ୍ୟ ପୃଷ୍ଠ ପୋଷାକ ସାଜିଥିବା ମତ ଦେଇଥିଲେ । ତଳ ପଡ଼ିଆରେ ଭାରତ ମସଲାର ୪ଟି ଷ୍ଟଲ ଖୋଲିଛି । ମୁଖ୍ୟ ଷ୍ଟଲ୍ଟି ବୈଷ୍ଣମ୍ବ ପାଣି ମଞ୍ଚ ପାଖରେ ରହିଥିବା ବେଳେ ୨ୟ ଟି ପାଭିଲିୟନ୍ ପାର୍ଶ୍ୱରେ ରହିଛି । ସେହିପରି ତୃତୀୟଟି ଡିସିପି ଗଡା ଓ ଚତୁର୍ଥଟି କଟକ ଇନ୍ କଟକ



ପାଖକୁ ଲାଗି ରହିଛି । ବିଗତ ବର୍ଷ ଗୁଡିକ ଭଳି ଚଳିତଥର ମଧ ବାଲିଯାତ୍ରାକୁ କିଛି ଆକର୍ଷଣୀୟ ଅଫର ଧରି ଆସିଛି ଭାରତ ମସଲା । ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଭଳି ସୁଯୋଗ ପୁର୍ନବାର ଯୋଗାଇ ଦେଇଛି । ସବୁଥର ଭଳି ଏଥର ମଧ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ମାଗଣାରେ ଉପଲବ୍ଧ ହେଉଛି ।ଏତଦ୍ ବ୍ୟତୀତ ଷ୍ଟଲରେ ପ୍ରତିଦିନ ଲକି ଡ୍ର ହେବ । ମସଲା କିଣିବା ସହ ଗ୍ରାହକମାନେ କୁପନ୍‌ଟିଏ ପାଇବେ । ଭାଗ୍ୟଶାଳୀ ବିଜେତାଙ୍କୁ ଉପହାର ସ୍ୱରୂପ ଅନେକ ଦାମୀ ସାମଗ୍ରୀ ଦିଆଯିବ । ସବୁଠାରୁ ବଡ କଥା ହେଉଛି ମସଲା ଓ ହାଇଜିନିକ୍ ଫୁଡ୍ ପ୍ରସ୍ତୁତ କରୁଥିବା ଭାରତ ମସଲା ତାର ଉତ୍ପାଦିତ ସାମଗ୍ରୀରେ ଏଥର ଏକ ନୂଆ ପ୍ରଡକ୍ଟ ଲଞ୍ଚ କରିଛି । ମହୁ ଓ ଲେମ୍ବୁ ସ୍ୱାଦ ରେ ଏକ ଇନଷ୍ଟାଣ୍ଟ ଲିକୁଇଡ ଚାହାର ବଜାର ପ୍ରବେଶ କରାଇଛି । ଯାହାର ବ୍ରାଣ୍ଡ ନେମ୍ ରହିଛି 'ହନି ଲେମନ ଟି' । ପତ୍ର ଚା, ଲେମ୍ବୁ, ମହୁ, କଳାଲୁଣ, ଅଦା ,ତୁଳସୀ, ଅଶ୍ୱଗନ୍ଧା, ଗୋଲମରିଚ, ଜିରା, ଅଁଳା, ପୁଦିନାର ସମ୍ମିଶ୍ରଣରେ ପ୍ରସ୍ତୁତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଡିଏମ୍ ଦିବ୍ୟଲୋଚନ ମହନ୍ତ ,ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଅରୁଣ କୁମାର ନାୟକ(ଜିଏମ ଅପରେସନ), ନବକୃଷ୍ଣ ପ୍ରଧାନ(ଜିଏମ ପ୍ରଡକ୍ସନ) , ଓ ଭାରତ ମସଲା କମ୍ପାନୀର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ ଏଲ୍‌ଟିଆଇ ମାଇଣ୍ଡଟ୍ରିଙ୍କ ଏମ୍‌ପାୱାରମେଣ୍ଟ

# "ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୬୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ ଏଲଟିଆଇ ମାଇଣ୍ଡଟ୍ରିଙ୍କ ସିଏସ୍‌ଆରର ପ୍ରମୁଖ ପ୍ରୟାସ "ଏମ୍‌ପାୱାରମେଣ୍ଟ ସ୍କିଲ ପ୍ରୟାସ, ଯାହା ବର୍ତ୍ତମାନ ଏହାର ୧୧ତମ ବର୍ଷରେ ପ୍ରବେଶ କରିଛି, ଆସନ୍ତା ଏକ ବର୍ଷ ମଧ୍ୟରେ ୮୦୦ ଜଣ ଗ୍ରାମୀଣ ଯୁବକୁ ଦକ୍ଷତା ଓ



ଡିଭେଲପମେଣ୍ଟ ପ୍ରୋଗ୍ରାମ ଅନ୍ତର୍ଗତ ୬୦ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଶିକ୍ଷାପ୍ରାପ୍ତ ଓ ଚାକିରିରେ ନିଯୁକ୍ତ ହୋଇଛନ୍ତି । ଏହି ଛାତ୍ରଛାତ୍ରୀମାନେ ଅସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ଓ ସିଏନ୍‌ସି ଅପରେଟର ପରି ଉଚ୍ଚ ଚାହିଦା ଥିବା କୌଶଳ ମାଧ୍ୟମରେ ପ୍ରାକଟିକାଲ ଟ୍ରେନିଂ ପାଇଛନ୍ତି ଓ ହାଲ ୟୁଏନ୍‌ଓ ମିଣ୍ଡା ଏବଂ ଫ୍ଲାସ୍ ପରି ପ୍ରସିଦ୍ଧ ସଂସ୍ଥାରେ ନିଯୁକ୍ତ ହୋଇଛନ୍ତି । ଏହି ସହଯୋଗୀ ଚାକିରି ମାଧ୍ୟମରେ ସ୍ୱାଭିମାନୀ ଜୀବନ ଦେବାକୁ ଲକ୍ଷ୍ୟ ରଖିଛି । ଏହି ପଦକ୍ଷେପ ଓଡ଼ିଶାର ଯୁବମାନଙ୍କୁ ଶିଳ୍ପ-ସମ୍ପର୍କିତ ଦକ୍ଷତା ଦେଇ ସ୍ଥାୟୀ ଜୀବିକା ଗଠନର ଦିଗରେ ଏଗିଯାଇଛି । ପ୍ଲେସମେଣ୍ଟ ଦିବସ ଅନୁଷ୍ଠାନରେ ଏଲଟିଆଇ ମାଇଣ୍ଡଟ୍ରିଙ୍କ ରିଜିଅନାଲ ଡାଇରେକ୍ଟର ସିଏସ୍‌ଆର ଏବଂ ସସ୍ଟେନବିଲିଟି (ପୂର୍ବ) ଜିତେନ୍ଦର ଘଙ୍ଗାସ ଉପସ୍ଥିତ ଥିଲେ ।

# ୧୬ନଂ ଜାତୀୟ ରାଜପଥ ମଳିପଡା ଓଭର ବ୍ରିଜ ରାସ୍ତା ବିପଦପୂର୍ଣ୍ଣ

ନିରାକାରପୁର, (ସବ୍ୟୁ) : ଲୋକସଂଖ୍ୟା ବୃଦ୍ଧି ସହ ଯାନବାହାନ ବହୁଳ ଚଳାଚଳକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ୧୬ନଂ ଜାତୀୟ ରାଜପଥକୁ ୬ ଥାକିଆ କରିବା ସହିତ ବିଭିନ୍ନ ବ୍ୟସ୍ତ ବହୁଳ ଛକଜାଗା ମାନଙ୍କରେ ଓଭର ବ୍ରିଜ ନିର୍ମାଣ କରାଯାଇଛି । ଆହୁରି ବି କେତେକ ସ୍ଥାନରେ ଏବେ ବି ନିର୍ମାଣାଧୀନ କାର୍ଯ୍ୟ ଚାଲୁଅଛି ।ବିଭିନ୍ନ ସ୍ଥାନରେ ଠିକା ସଂସ୍ଥା କରିଥିବା କାର୍ଯ୍ୟ ନିମ୍ନ ମାନର ହୋଇଥିବାରୁ ଖୋର୍ଦ୍ଧା ଜିଲ୍ଲାର ମଳିପଡା ଛକ ନିକଟରେ ହୋଇଥିବା ଓଭର ବ୍ରିଜ ଉପର ରାସ୍ତା ଏବେ ବିପଦପୂର୍ଣ୍ଣ ହୋଇଛି । ଏହି ସ୍ଥାନରେ ପିଚୁ ତରଳି ଉଚ୍ଚ ନୀଚ ହୋଇଥିବାରୁ ଦୃତ ଗତିରେ ଆସୁଥିବା ଯାନବାହାନ ବିଭିନ୍ନ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଜଣାପଡିଛି । ଦୁଇ ଚକିଆ ଯାନ ଗୁଡ଼ିକ ଏହି ସ୍ଥାନରେ ଭାରସାମ୍ୟ ହରାଇ ବିପଦ ପୂର୍ଣ୍ଣ ଯାତ୍ରା କରୁଥିବାରୁ ବିଭାଗୀୟ ଅଧିକାରୀ ଓ ସଂପୃକ୍ତ ଠିକାଦାର ଅନୁଧ୍ୟାନ କରି ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।

# ବିଧବା ମହିଳାଙ୍କୁ ରାସ୍ତା ଅବରୋଧ

ରଣପୁର,(ସବ୍ୟୁ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଚମ୍ପାଗଡ ପଞ୍ଚାୟତ ଶ୍ରୀକୃଷ୍ଣପୁର ଗ୍ରାମରେ ଜଣେ ବିଧବା ମହିଳାଙ୍କ ଉପରେ ଜଣେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ବର୍ବରତା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ପ୍ରକାଶ ଯେ ଶ୍ରୀକୃଷ୍ଣପୁର ଗ୍ରାମରସ୍ୱର୍ଗୀତ ନାରାୟଣ ପ୍ରଧାନଙ୍କ ବିଧବା ମହିଳା କୁମାରୀ ପ୍ରଧାନ ସରକାରଙ୍କ ଆବାସ ଯୋଜନାରେ ନିଜ ନାମରେ ଥିବା ଜମିରେ ଗୃହ ନିର୍ମାଣ କରି ରହୁଥିଲେ । ଗ୍ରାମର କିଛି ଗୁଣ୍ଡା ଶ୍ରେଣୀର ପ୍ରଭାବଶାଳୀ ବ୍ୟକ୍ତି ତାଙ୍କ ଘରକୁ ରାସ୍ତା ଥିବା ସରକାରୀ ଗୋଚର ଯାଗାରେ କଣ୍ଟା ଛାଟି ରାସ୍ତା ଅବରୋଧ କରିଥିଲେ । ଯାହାକୁ ନେଇ ବିଧବା ମହିଳା ଜଣକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ତେଣୁ ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠ ନିର୍ଦ୍ଦେଶ ଅନୁଯାୟୀ ଚାନ୍ଦପୁର ରାଜସ୍ୱ ନିରୀକ୍ଷକ ବିରୁପାକ୍ଷ ବିଶ୍ୱାଳ ଘଟଣା ସ୍ଥଳକୁ ଯାଇ ମାପଚୁପ କରି ବିଧବା ମହିଳା କୁମାରୀଙ୍କୁ ରାସ୍ତା ପାଇଁ ସହାୟତା କରିଥିଲେ । ଅପରାହ୍ନରେ ସେହି ଶ୍ରୀକୃଷ୍ଣପୁର ଗ୍ରାମର ଅଜୟ କୁମାର ବରାଡ ରାଜସ୍ୱ ଅଧିକାରୀ ବିଶ୍ୱାଳଙ୍କୁ ଧମକ ଚମକ ଦେବାସହ ତାଙ୍କ ଭାଇ ନିରଞ୍ଜନ ବରାଡ ମିଶି ମହିଳା ଘରକୁ ଥିବା ରାସ୍ତା ରେ ପୁଣି କଣ୍ଟା ଛାଟି ଘରୁ ବାହାରକୁ ନଛାଡି ଜୀବନରେ ମାରିଦେବାକୁ ଗାଳିଗୁଲଜ କରୁଥିବା ନେଇ ମହିଳା ଚାନ୍ଦପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଚାନ୍ଦପୁର ଥାନା ବରିଷ୍ଠ ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ କୁହନ୍ତି ଅଭିଯୋଗ ପାଇ ଅପରପକ୍ଷକୁ ଡକାଯାଇଛି । ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ସୁଚନା ଅନୁଯାୟୀ ଅଜୟ ବରାଡ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ।

# ବାଙ୍ଗିରିପୋଷିରୁ ଚୋରି ବୋଲେରୋ, ପିକ୍‌ଅପ୍ ଜବତ : ୫ ଗିରଫ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ବୋଲେର ଗାଡି ଓ ମ୍ୟାକ୍ସ ପିକ୍‌ଅପ୍ ଗାଡି ଚୋରି ହୋଇଥିବା ନେଇ ବାଙ୍ଗିରିପୋଷି ଥାନାରେ ୨୮୮/୨୫ ଓ ୩୦୮/୨୫ରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ ହୋଇଥିଲା। ଏନେଇ ବାଙ୍ଗିରିପୋଷି ପୋଲିସ ପକ୍ଷରୁ ଉକ୍ତ ଚୋରି ଘଟଣା ସମ୍ବନ୍ଧରେ ଖୋଲତାଡ କରାଯିବା ସହ ଉଚ୍ଚସ୍ତରୀୟ ତଦନ୍ତ କରାଯାଇଥିଲା। ବୁଧବାର ବାଙ୍ଗିରିପୋଷି ପୋଲିସ ଉକ୍ତ ଘଟଣାର ପର୍ଦ୍ଦାଫାସ କରିବା ସହ ଚୋରି ଘଟଣାରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲାର ସେକ୍ ନୁରୁଦିନ୍(୨୬), ଗଣେଶ୍ୱର ମହାନ୍ତି(୨୩) ଓ ଉତ୍ତମ ପାତ୍ର(୨୧) ଏବଂ ମୟୂରଭଞ୍ଜ ଜିଲ୍ଲାର ଲକ୍ଷ୍ମୀଧର ବେହେରା(୩୯) ଓ ରଜତ୍ କୁମାର ବାରିକ(୨୪)ଙ୍କୁ ଗିରଫ କରିବା ସହ ଏମାନଙ୍କ ନିକଟରୁ ଓଡି-୧୧ସି-୫୪୦୯ ନମ୍ବର ବିଶିଷ୍ଟ ବୋଲେର ଗାଡି ଓ ଓଆର-୦୫ଏଏଫ୍-୫୭୦୯ ନମ୍ବର ବିଶିଷ୍ଟ ମ୍ୟାକ୍ସ ପିକ୍‌ଅପ୍ ଗାଡି ଜବତ କରିବା ସହ ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ଏହି ଅଭିଯୁକ୍ତ ମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଅଛନ୍ତି। ବୁଧବାର ଏହି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ତୃତୀୟ ସନ୍ଧ୍ୟା
## ଦର୍ଶକଙ୍କ ମନମୋହିଲା ଯୋଗାସନ, ଓଡ଼ିଶୀ ଓ ଭଜନ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୩ୟ ସନ୍ଧ୍ୟାରେ ୧ମ କାର୍ଯ୍ୟକ୍ରମ ବାରିପଦା କେନ୍ଦ୍ରର ଲାଶ୍ୟକଳା ଡ୍ୟାନ୍ସ ଭିଜନ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ ଓ ଜଗନ୍ନାଥ ସଂସ୍କୃତି ସହ ଜଡିତ ରସଗୋଲା ପରମ୍ପରା ଉପରେ ଆଧାରିତ ଏହି ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ପରେ ପରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ଯୋଗାସନ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶେଷରେ ଭକ୍ତି ମହ୍ଲାର ଭଜନ ସନ୍ଧ୍ୟାର ଆଧ୍ୟାତ୍ମିକ ଭଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସୋମନାଥ ସିଂହ, ପ୍ରିତମ ପଣ୍ଡା ଏବଂ ଆଲୋକ ବାରିକ ପରିଚାଳନା କରିଥିଲେ। ଆସନ୍ତା କାଲି ସରସ୍ୱତୀ ଶିଶୁ ମନ୍ଦିର, ରାଜକମଲ ଡ୍ୟାନ୍ସ କ୍ଲାସ, ଲାଶ୍ୟକଳା ଡ୍ୟାନ୍ସ ଭିଜନ, ଅନଲି ଓ୍ୱାନ ଡ୍ୟାନ୍ସ ଗ୍ରୁପର କାର୍ଯ୍ୟକ୍ରମ ପରେ ଆଦିବାସୀ ଷ୍ଟୁଡେଣ୍ଟ୍‌ୟୁନିୟନ ଶେଷ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ



ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମି ଠାରେ ଜିଲ୍ଲା ସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ୨୦୨୫ ଜିଲ୍ଲପାଳ ଓ୍ୱି କୀର୍ତ୍ତି ଓ୍ୱାସନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରାଚୀନତମ କଳିଙ୍ଗର ନୌଚାଳନା ଓ ନୌବାଣିଜ୍ୟ ପରମ୍ପରା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । ଏହି ସ୍ମୃତି ସ୍ୱରୂପ ଓଡ଼ିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ ବୋଇତ ବନ୍ଦାଣ ଉତ୍ସବ ନଭେମ୍ବର ୫ ତାରିଖ ରୁ ୭ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ଠାରେ ଅନୁଷ୍ଠିତ ହେଉଛି । ଆଜି ପ୍ରାତଃ ୩ ଘଟିକା ରୁ ସାଧବ ସାଂସ୍କୃତିକ ସମାରୋହ, ମା ମଙ୍ଗଳା ଆରତୀ, ବୋଇତ ନାଟକ, ସାଧବ ଓ ସାଧବଣୀଙ୍କର ବୋଇତ ବନ୍ଦାଣ, ବୋଇତ ଗମନ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ ଘଟିକାରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୩ ଘଟିକା ରେ ପାରମ୍ପରିକ ପିଠା ପ୍ରତିଯୋଗିତା ହୋଇଥିଲା । ସାନ୍ଧ୍ୟ କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ନାଟକ ଓ ସ୍ଥାନୀୟ କଳାକାର ଓ ଓଡ଼ିଶାର ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଓଡ଼ିଆ ଗାୟକ ଓ ଗାୟିକା କୁଳଦୀପ ପଟ୍ଟନାୟକ, ଶୀତଲ କୁନ୍‌ମୁନ୍, ପ୍ରିୟଙ୍କା ସ୍ୱାଇଁ, ଆଲୋକ କୁନ୍ଦୁ ସଙ୍ଗୀତ ପରିବେଷଣ କରିଥିଲେ । ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପଲ୍ଲୀଶ୍ରୀ ମେଳା ପ୍ରଦର୍ଶିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା ଶର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର କମିଶନର ପ୍ରଥମେସ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆର୍ମୀ କଲେଜର ଲେଫଟନାଣ୍ଟ ଜେନେରାଲ ଆର ସି ଶ୍ରୀକାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

# କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ବ୍ରହ୍ମପୁର, (ସବ୍ୟୁ): ଧର୍ମ ମାସ କାର୍ତ୍ତିକର ପୂର୍ଣ୍ଣିମାରେ ବ୍ରହ୍ମପୁର ସହରର ହରଡାଖଣ୍ଡି, ଧୋବା ବନ୍ଧ, ଆସିକା ରୋଡ ନେଳିଆ ବନ୍ଧ, ଆଇନା ବନ୍ଧ, ବିଜିପୁର ବନ୍ଧ, ସୁନାରି ବନ୍ଧ ଓ ଉତ୍ତରେଶ୍ୱର ବନ୍ଧ, ଗୁଡ଼ିବନ୍ଧ, ଗେଟ ବଜାର ଗୋକନେଶ୍ୱର ପୋଖରୀ ସମେତ ଗଞ୍ଜାମ ଜିଲ୍ଲାର ରିଷିକୁଲ୍ୟ, ବାଘୁଆ, ଘୋଡାହାଡ, ଧନେଇ, ବାହୁଦା ଭଳି ଅନେକ ନଦୀ ଏବଂ ବିଭିନ୍ନ ପୁଷ୍କରିଣୀ ସହିତ ଗୋପାଳପୁର ଠାରେ ବୋଇତ ଶ୍ରଦ୍ଧାଳୁ ଭସାଇଇ ଥିଲେ । ବୋଇତ ବନ୍ଦାଣ ପର୍ବ ପାଳନ ସାଙ୍ଗକୁ ବିଷ୍ଣୁ ମନ୍ଦିର ଓ ଶିବ ମନ୍ଦିରରେ ଠାକୁର ଦର୍ଶନ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରସିଦ୍ଧ ଶୈବପୀଠ ବାଲୁଙ୍କେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର, ବାଣ ଲିଙ୍ଗେଶ୍ୱର, କପିଳେଶ୍ୱର ମନ୍ଦିର, ସୁକୁଣ୍ଡା, ଲାଠି, ଭାବିନୀପୁର ସମେତ ବହୁ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା ।

ଶୃଙ୍ଖଳାରେ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଧାଡିରେ ଠିଆ ହୋଇ ଠାକୁର ଦର୍ଶନ କରିଥିଲେ । ଗହଳିକୁ ନିୟନ୍ତ୍ରଣ କରିବା ମନ୍ଦିର ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ସ୍ୱେଚ୍ଛାସେବୀ ଓ ପୋଲିସ ନିୟୋଜିତ ରହି ସହଯୋଗ କରିଥିଲେ । ରାସ୍ତାରେ ବାଇକ ଗୁଡିକର ରହଣି ବ୍ୟବସ୍ଥା କରାଯାଇ ଥିଲା । କପିଳେଶ୍ୱର ଆଦି ଶୈବପୀଠ ସାଙ୍ଗକୁ ବୁଗୁଡାର ବଳଦେବ ମନ୍ଦିର , ବିରଞ୍ଚି ନାରାୟଣ ମନ୍ଦିର, ସୋମନାଥ ମନ୍ଦିର, ଗୋପୀନାଥ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର ଓ ରଘୁନାଥ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଗହଳି ଲାଗି ରହିଥିଲା । ସେହିପରି ସହର ସମେତ ଗ୍ରାମ ଗୁଡ଼ିକରେ ଆୟୋଜିତ ନାମଯଜ୍ଞ ଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା
## ସନ୍ଧ୍ୟାରେ ଷ୍ଟିଲ୍ ଗୋଲେଇରୁ ମୁର୍ଗାବାଡି ବସ୍-ଟ୍ରକ୍ ଚଳାଚଳ ଉପରେ କଟକଣା

ବାରିପଦା, (ସବ୍ୟୁ) : ଭଂଜପୁର ରେଲେଓ୍ୱ ପଡିଆ ଠାରେ ଜଗତଜନନୀ ମା'ଜଗଦ୍ଧାତ୍ରୀଙ୍କ ପବିତ୍ର ପୂଜା ଆରମ୍ଭ ହେବା ସହ ପୂଜା ପ୍ୟାଣ୍ଡେଲ ପରିସରରେ ଏହି ଉପଲକ୍ଷେ ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା-୨୦୨୫ର ଉଦଘାଟନ ହୋଇଯାଇଛି । ଉକ୍ତ ମେଳା ପରିପ୍ରେକ୍ଷୀରେ ଚଳିତ ନଭେମ୍ବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଭଂଜପୁର ରେଲେଓ୍ୱ ପଡିଆ ସାମ୍ନାରେ ଥିବା ସଡକ, ଅର୍ଥାତ୍ ଷ୍ଟିଲ ଗୋଲାଇ ଠାରୁ ମୁର୍ଗାବାଡି ଗୋଲେଇ ପର୍ଯ୍ୟନ୍ତ ସଡକରେ ମା'ଙ୍କ ଦର୍ଶନ ପାଇଁ ଭକ୍ତ, ଶ୍ରଦ୍ଧାଳୁ ତଥା ମେଳାକୁ ବୁଲିବା ପାଇଁ ଦର୍ଶନାର୍ଥୀଙ୍କ ସମାଗମ ହେତୁ ଅତ୍ୟଧିକ ଭିଡ଼ ହେବାର ଆଶଙ୍କା ଥିବାରୁ ପାଦଚାରୀ, ଭକ୍ତ, ଶ୍ରଦ୍ଧାଳୁ ଏବଂ ଅନ୍ୟାନ୍ୟଙ୍କ ପାଇଁ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହୁଛି । ବିଶେଷତଃ ସନ୍ଧ୍ୟା ସମୟରେ ଅତ୍ୟଧିକ ଲୋକଭିଡରେ ଯାନବାହନର ଚଳାଚଳ ଦ୍ୱାରା ରାସ୍ତାରେ ଭୀଷଣ ଜାମ ସୃଷ୍ଟି ହେବା ଆଶଙ୍କା ହେତୁ ଜନସାଧାରଣଙ୍କ ଗମନାଗମନ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେବାର ଆଶା କରାଯାଉଛି । ଭିଡରେ ଯାନ ଚଳାଚଳ ଜନିତ ଦୁର୍ଘଟଣାର ସମ୍ଭାବନା ମଧ୍ୟ ରହୁଛି ।

ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ସୁରକ୍ଷା ଓ ଜଗଦ୍ଧାତ୍ରୀ ମେଳା-୨୦୨୫ର ସୂଚାରୁ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଯାନବାହାନ ଚଳାଚଳକୁ ନିୟନ୍ତ୍ରଣ କରିବା ଅତ୍ୟାବଶ୍ୟକ ହୋଇପଡିଛି ।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଗଦ୍ଧାତ୍ରୀ ମେଳା୨୦୨୫ ସମୟସୀମା ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ ନଭେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସୁରକ୍ଷା ଓ ପାଦଚାରୀ ମାନଙ୍କ ସୁଗମ ଯାତାୟାତ ନିମନ୍ତେ ସନ୍ଧ୍ୟା ସମୟରେ ଭଂଜପୁର ଜଗଦ୍ଧାତ୍ରୀ ମେଳା ସମ୍ମୁଖ ସଡ଼କରେ ବସ୍ ଓ ଟ୍ରକ୍ ଗୁଡ଼ିକର ଚଳାଚଳକୁ ବନ୍ଦ କରାଯାଇଛି । ଜଗଦ୍ଧାତ୍ରୀ ମେଳା-୨୦୨୫ ଶେଷ ହେବା ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ବସ ଓ ଟ୍ରକ ଗୁଡିକ ବାଘରା ରୋଡ୍, ଦାରୋଗାଡାହି ଗୋଲେଇ ମାର୍ଗ ଦେଇ ଗନ୍ତବ୍ୟ ସ୍ଥାନକୁ ଯାତାୟାତ କରିବ ।

# ଏସଆଇ ପରୀକ୍ଷା ଜାଲିଆତି ମାମଲା
## ରିମାଣ୍ଡ ସରିବା ପରେ ଜେଲ ଫେରିଲେ ୩ ଦଲାଲ

ବ୍ରହ୍ମପୁର, (ସବ୍ୟୁ): ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜୋରସୋର ତଦନ୍ତ ଜାରି ରହିଛି। ଏହି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସମେତ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରାଯାଉଛି। ଏପଟେ ପୂର୍ବରୁ ୫ ଦିନିଆ ରିମାଣ୍ଡରେ ଯାଇଥିବା ୩ ଜଣ ଦଲାଲ ଯଥା ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ ଓ ଲୋକନାଥ ସାହୁଙ୍କ ରିମାଣ୍ଡ ଅବଧି ସରିବା ପରେ ଆଜି ସନ୍ଧ୍ୟାରେ ସେମାନଙ୍କୁ ଆଣି ପୁଣିଥରେ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଛି। ସେଠାରୁ ୩ ଜଣଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ମୁନା ମହାନ୍ତି ଶଙ୍କରଙ୍କ ପ୍ରମୁଖ ସହଯୋଗୀ ହୋଇଥିବା ବେଳେ ପ୍ରିୟଦର୍ଶିନୀ ଓ ଲୋକନାଥ ପ୍ରାର୍ଥୀ ଓ ଟଙ୍କା ଯୋଗାଡରେ ସହଯୋଗ କରିଥିବା କୁହାଯାଉଛି। ରିମାଣ୍ଡରେ ନେଇ ପଚରାଉଚରା ବେଳେ ଉପରୋକ୍ତ ୩ ଜଣଙ୍କ ଠାରୁ କିଛି ତଥ୍ୟ ଓ ପ୍ରମାଣ ମିଳିଛି। ହେଲେ ଏ ବିଷୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ

# ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ରାମଣ୍ଡା ଗ୍ରାମର ଏକ ପୋଖରୀରେ ବୁଡି ଜଣେ ଯୁବତୀ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତା ଯୁବତୀ ଜଣକ ହେଲେ ରାମଣ୍ଡା ଗାଁର ଭଗବାନ ଡାକୁଆଙ୍କ ଝିଅ ସୁଲତା ଡାକୁଆ (୩୦) । ପ୍ରକାଶ ଯେ, କାର୍ତ୍ତିକ ପୂର୍ଣ୍ଣିମା ସକାଳେ ସୁଲତା ଗାଧୋଇବାକୁ ପୋଖରୀକୁ ଯାଇଥିଲା ବେଳେ ଅସାବଧାନତା ବଶତଃ ସେ ପୋଖରୀରେ ବୁଡି ଯାଇଥିଲେ । ତାଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ବେଳେ କେସ୍‌ନଂ ୨୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

# ଜଲୌକା ରାସ ଉତ୍ସବରେ ଡ୍ରିମ୍‌ସ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କଟକ, (ସବ୍ୟୁ): ସଦ୍‌ଗୁରୁ ବାବା ବୈକୁଣ୍ଠନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ରସିକନଗର ସ୍ଥିତ ମଣିନାଗ ଗୁମ୍ଫା ଜଲୌକା ପୀଠରେ ଶ୍ରୀ ରାସ ଉତ୍ସବ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ଉଦ୍‌ଯାପିତ ହୋଇଛି । ଏହି ଉପଲକ୍ଷେ କୁମାର ପୂର୍ଣ୍ଣମୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ପ୍ରତ୍ୟେହ ସଂଧ୍ୟାରେ ଉତ୍କଳୀୟ ପଞ୍ଚ ସଖାଙ୍କ କୃତ ରାସ ଓ ବୈକୁଣ୍ଠନାଥଙ୍କ ବିରଚିତ ଶରଦ ରାସ ଗାନ କରାଯାଇଥିଲା । କାର୍ତ୍ତିକ ପୂର୍ଣ୍ଣମୀ ପୂର୍ବ ସଂଧ୍ୟାରେ ଅଧିବାସ ଅଧିବେଶନରେ ବାବାଙ୍କ ଆଶ୍ରିତ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମ୍ବର୍ଦ୍ଧନାର ଉତ୍ତରରେ ଡ. ରଥ ରାସ ଉତ୍ସବ ଆଧ୍ୟାତ୍ମିକ ଚେତାର ଉତ୍ସ ବୋଲି କହିବା ସହ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ପୂର୍ଣ୍ଣମୀରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଭାତ ଆରତି, ପ୍ରାର୍ଥନା, ନଗର କୀର୍ତ୍ତନ, ଦୀକ୍ଷା ପ୍ରଦାନ, ଶ୍ରୀମଦ୍ ଭଗବଦ ଗୀତା ପାରାୟଣ, ଆଧ୍ୟାତ୍ମିକ ପତ୍ରିକା ଜଲୌକା ବାଣୀ ଉନ୍ମୋଚନ, ଧର୍ମ ସଭା, ବୈକୁଣ୍ଠ ବାର୍ତ୍ତାବହ ସମିତିର ବାର୍ଷିକ ସାଧାରଣ ପରିଷଦ ଅଧିବେଶନ, ସାଧୁସନ୍ଥ ସମାବେଶ, ସଂଧ୍ୟାରେ ଶ୍ରୀକୃଷ୍ଣ ଲୀଳାମୃତ ପରିବେଷଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈକୁଣ୍ଠ ବାର୍ତ୍ତାବହ କେନ୍ଦ୍ର ମଣ୍ଡଳ ସଭାପତି ପର୍ଶୁରାମ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବୈକୁଣ୍ଠନାଥଙ୍କ ଶିଷ୍ୟ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ବିବିଧ ରାସ ଲୀଳା ପ୍ରସଙ୍ଗ ବର୍ଣ୍ଣନା କରି ଭକ୍ତ ସହିତ ଭଗବାନ, ଆତ୍ମା ସହିତ ପରମାତ୍ମାଙ୍କ ମିଳନ ହିଁ ରାସରେ ନିହିତ ବୋଲି କହିଥିଲେ ।

ବାବା ନିର୍ଭୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସମବେତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପୁରୀର ଅବଢା ମହାପ୍ରସାଦ ବିତରଣ କରାଯାଇଥିଲା ।

# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା
## ମୟୂରଭଞ୍ଜରୁ ୨୦ ସାମିଲ

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ଡାଃ ଝସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୨୦ଜଣ ଛାତ୍ରଛାତ୍ରୀ ଯୋଗ ଦେବେ।

ଜେନେରାଲ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା, ବାଳକ ଟିମ ମ୍ୟାନେଜର ଭାବେ ରାଜାବସା ଉଚ୍ଚ ବିଦ୍ୟାଳୟର ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ବାଳିକା ଟିମ ମ୍ୟାନେଜର ଭାବେ ମାଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୪ବର୍ଷରୁ ବାଳକ ବିଭାଗରେ ବିକ୍ରମ ଦାସ, ମୁନା ସିଂ, ଲୋକନାଥ ସିଂ, ଅତନୁ ପାଣି, ରାହୁଲ ପଣ୍ଡିତ ଓ ବାଳିକା ବିଭାଗରେ ତନୁଜା ମହାନ୍ତ, ରୁଷା କିସ୍କୁ, ବାସନ୍ତୀ ମହାନ୍ତ, ରୀନା ମାରାଣ୍ଡି, ସାଇପ୍ରିୟା ସିଂ ସେହିପରି ୧୭ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, ପ୍ରିତମଜିତ ସିଂ, ସୁରଜ ମାରାଣ୍ଡି, ଅମିତ କୁଅଁର, ଏଲିସା ହେମ୍ବ୍ରମ ଓ ବାଳିକା ବିଭାଗରେ ରାଜଲକ୍ଷ୍ମୀ ନାଏକ, ସସ୍ମିତା ସିଂ, ପବିତ୍ରା ନାଏକ, ଲଭଲି ସିଂ, ସବିତା ସିଂ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ବଡ଼ସାହି ବ୍ଲକ ଓଷ୍ଟା ଶିକ୍ଷକ ସଙ୍ଘର କାର୍ଯ୍ୟକାରୀ ସଦସ୍ୟ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

# ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ରଘୁନାଥପୁର ବାର୍ଷିକ ସତ୍‌ସଙ୍ଗ ଉତ୍ସବ

ବାରିପଦା, (ସବ୍ୟୁ) : ଯୁଗପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ରଘୁନାଥପୁର ସତ୍‌ସଙ୍ଗ ଉପଯୋଜନା କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ନର୍ମଦା ଗାର୍ଡେନ୍ ସଭାଗୃହରେ ଅଷ୍ଟାଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସତ୍‌ସଙ୍ଗର ସହ-ପ୍ରତି-ଋତ୍ୱିକ୍ ରବୀନ୍ଦ୍ରନାଥ ପାତ୍ରଙ୍କ ପୌରୋହିତ୍ୟରେ ରାସପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଭୁବନେଶ୍ୱରସ୍ଥ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍‌ସଙ୍ଗ ସହ-ପ୍ରତି-ଋତ୍ୱିକ୍ ଡକ୍ଟର ତପୋଧନ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ସାଂପ୍ରତିକ ସାମାଜିକ ସ୍ଥିତିରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବଧାରାର ଆବଶ୍ୟକତା ସଂପର୍କରେ ସାରଗର୍ଭବ ବକ୍ତବ୍ୟ ରଖିଥିଲେ । ଶାନ୍ତିହରା ଅବାଟୋଇ ମଣିଷ କିପରି ପଥ ଫେରିପାଇବ ତା'ର କେତେକ ଦୃଷ୍ଟାନ୍ତ ମୂଳକ ବିବରଣୀ ପ୍ରଧାନ କରିଥିଲେ ।

ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସହ-ପ୍ରତି-ଋତ୍ୱିକ୍ ଅରୁଣ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାର୍ଥନାନ୍ତେ ଗୁରୁଭ୍ରାତା ସୁବାସଚନ୍ଦ୍ର ପାଲ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀହସ୍ତ ଲିଖିତ ସତ୍ୟାନୁସରଣ ଗ୍ରନ୍ଥ ପାଠ କରିଥିଲେ ଓ ଅଧର୍ଯ୍ୟୁ ଦୀପକ କୁମାର ଦାସ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ । ସଂଗୀତାଞ୍ଜଳିରେ ଗୁରୁଭ୍ରାତା ରାଧାକୃଷ୍ଣ ପ୍ରଧାନ, ସହ-ପ୍ରତି-ଋତିକ୍ ମକ୍ତିକାନ୍ତ ନାୟକ ଓ ଗୁରୁମା କଲ୍ୟାଣୀ ଦାସ ଭଜନ ଗାନ କରିଥିଲେ । ଯାଜକ ଡାକ୍ତର ପ୍ରଣବେଶ ପଟ୍ଟନାୟକ ଓ ଗୁରୁଭ୍ରାତା ଯତିନ୍ ଦାସ କୋରସ୍ ପରିବେଷଣ କରିଥିଲେ । ସହ-ପ୍ରତି-ଋତ୍ୱିକ୍ ବିଜ୍ଞାନ ଭୂଷଣ ମହାପାତ୍ର କୀର୍ତ୍ତନ କରିଥିଲେ । ରଘୁନାଥପୁରର ଗୁରୁଭ୍ରାତା ଯାଜକ ଦେବାନନ୍ଦ ଦାସ, ଯାଜକ ଦେବାନନ୍ଦ ବେହେରା, ଗୁରୁଭ୍ରାତା ତପନ କୁମାର ମହାପାତ୍ର, ଜୟନ୍ତ କୁମାର ସି, ପ୍ରଶାନ୍ତ କୁମାର ସିଂ, ଦିଲ୍ଲୀପ କୁମାର ବେହେରା, ସରୋଜ କୁମାର ଖୁଣ୍ଟିଆ ଆଦିଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ସତ୍‌ସଙ୍ଗ ଉତ୍ସବରେ ସହ-ପ୍ରତି-ଋତ୍ୱିକ୍ ଶଶଧର କୁଇଲା, ବୈକୁଣ୍ଠନାଥ ସାହୁ, ବେଣୁଧର ମହାରଣା, ବିଜ୍ଞାନ ଭୂଷଣ ମହାପାତ୍ର, ବେତନଟୀରୁ ଆଗତ ଖଗେନ୍ଦ୍ରନାଥ ସାହୁ, ଅରୁଣ କୁମାର ଦାସଙ୍କ ସହ ବହୁ କର୍ମୀ ଯୋଗଦାନ କରିଥିଲେ । ଏହି ସମାରୋହରେ ଦୁଇହଜାରରୁ ଊର୍ଦ୍ଧ୍ୱ ସତ୍‌ସଙ୍ଗୀ ଓ ସତ୍‌ସଙ୍ଗ ଅନୁରାଗୀ ଯୋଗଦାନ କରିବା ସହିତ ପ୍ରସାଦ ସେବନ କରିଥିଲେ ।

# ବଡଓଷା ଉପଲକ୍ଷେ ମା' ଦୁଲାଦେଇ ମନ୍ଦିରରେ ଅନ୍ନପ୍ରସାଦ ବ୍ୟବସ୍ଥା



କଟକ, (ସବ୍ୟୁ) : ପବିତ୍ର କାର୍ତ୍ତିକ ମାସ ପଞ୍ଚକ ଅବସରରେ ଅନ୍ଦରପୁରର ପ୍ରସିଦ୍ଧ ଶୈବପୀଠ ନାଗେଶ୍ୱର ମନ୍ଦିରରେ ପାଞ୍ଚ ଦିନ ବ୍ୟାପି ହଜାର ହଜାର ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥିବା ବେଳେ ଗତକାଲି ମଙ୍ଗଳବାର ସ୍ଥାନୀୟ ୫୩ନଂ ଓ୍ୱାର୍ଡ ମା' ଦୁଲାଦେଇଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରାୟ ୧୫ଶହ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥିଲା । ମଙ୍ଗଳବାର ସକାଳୁ ଅନ୍ନ ପ୍ରସାଦ ବ୍ୟବସ୍ଥା ପାଇଁ ସ୍ଥାନୀୟ କର୍ମକର୍ତ୍ତାମାନେ ଆଗ୍ରହ ସହକାରେ ଲାଗି ପଡିଥିଲେ । ସକାଳ ୭ ଘଟିକାରୁ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିରରେ ମା'ଙ୍କୁ ଦର୍ଶନ କରିବା ସହିତ ଆନନ୍ଦରେ ପ୍ରସାଦ ସେବନ କରିଥିଲେ । ସାହୀଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଅନ୍ନ ପ୍ରସାଦର ସମସ୍ତ ବ୍ୟବସ୍ଥା ହୋଇଥିବା ବେଳେ କର୍ପୋରେଟର ଅରବିନ୍ଦ ଜେନା, ବିନୋଦ ବେହେରା, ଚିତ୍ତ ରଞ୍ଜନ ନାୟକ, ନଗେନ ଦାସ, ସୁରେନ୍ଦ୍ର ପଟ୍ଟନାୟକ, ବିନୟ କୁମାର ଦାସ, ପ୍ରଦୀପ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାରଣା, ଅଭୟ ସ୍ୱାଇଁ, ବିଶ୍ୱନାଥ ଦାସ, ରଣଜିତ ରାଉତ, ଶୁଭାଶିଷ ବିଶ୍ୱାଳ, ଦୀପକ ରାଉତ ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ଏହା ସମାପନ ହୋଇଥିଲା ।

# ଡିଏଭି ବିଦ୍ୟାଳୟରେ ରାସ ଓ କାର୍ତ୍ତିକ ପୂର୍ଣ୍ଣିମା ପାଳିତ

ଭଞ୍ଜନଗର, (ସବ୍ୟୁ): ଡିଏଭି ପିଟି.ଏସ୍.ଆର୍ ପବ୍ଲିକ୍ ସ୍କୁଲ ପରିସରରେ କାର୍ତ୍ତିକା ପୂର୍ଣ୍ଣିମା (ରାସ ପୂର୍ଣ୍ଣିମା ) ପାଳନ କରାଯାଇଛି । ବିଦ୍ୟାଳୟର ପୂର୍ବପ୍ରାଥମିକ ଶ୍ରେଣୀର ଛାତ୍ର/ଛାତ୍ରୀ ଓ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର/ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଷ୍ଟିଙ୍କ ଉପସ୍ଥିତରେ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମର ପରିଚାଳନା ପୂର୍ବପ୍ରାଥମିକ ଶ୍ରେଣୀର ଶିକ୍ଷୟିତ୍ରୀ ଧରିତ୍ରୀ ରାଣୀ ପଣ୍ଡା କରିଥିଲେ । ସସ୍ମିତା ରାଣୀ ମହାରଣା ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଜି. ସ୍ନିଗ୍ଧାରାଣୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଡାକୁଆ ଓ ମମିତା ତ୍ରିପାଠୀ ଏହି କାର୍ଯ୍ୟକ୍ରମର ସଂଯୋଜକା ରହିଥିଲେ । ଛାତ୍ର/ଛାତ୍ରୀମାନେ ସାଧବ ଘରର ପୁଅ ବୋହୂ ବେଶ ଧାରଣ କରି ଆସିଥିଲେ । ଏହି ପର୍ବର ମହତ୍ତ୍ୱ ସମ୍ବନ୍ଧରେ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ନତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ରହିଥିଲା । ଆମ ପରମ୍ପରା ଆଧାରିତ ବନ୍ଦାପଣା କାର୍ଯ୍ୟକ୍ରମ ମଧ୍ୟ ରହିଥିଲା । ଛାତ୍ର/ଛାତ୍ରୀ ମାନେ ଡଙ୍ଗା ଭସାଣ କାର୍ଯ୍ୟ କରି ଆନନ୍ଦ ଲାଭ କରିଥିଲେ । ଶେଷରେ ମୁଖ୍ୟ ଅତିଥି ମଧ୍ୟ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଅତି ସୁନ୍ଦର ଉପସ୍ଥାପନା ରଖିଥିଲେ । କାର୍ଯ୍ୟକ୍ରମର ଶେଷରେ ରୀନା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ । ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସର୍ବାଙ୍ଗ ସୁନ୍ଦର ହୋଇପାରିଥିଲା ।

CHC BOIPARIGUDA

ମାଦକ ଦ୍ରବ୍ୟ ବ୍ୟବହାର
ମାନସିକ ଚାପର ନିରାକରଣ ନୁହେଁ,
ବରଂ
ମାନସିକ ରୋଗର କାରଣ ସାଜିପାରେ ।
ଏଥିରୁ ନିବୃତ୍ତ ରୁହନ୍ତୁ ।



ମାନସିକ ଚାପକୁ କମ୍ କରନ୍ତୁ

- ନିଃସଙ୍ଗ ରହନ୍ତୁ ନାହିଁ
- ନିଜ ସମସ୍ୟା ବା ଦୁଃଖକୁ ନିଜର ସାଙ୍ଗସାଥି ବା ପରିବାର ସଦସ୍ୟଙ୍କ ସହ ବାଣ୍ଟନ୍ତୁ
- ଆବଶ୍ୟକସ୍ଥଳେ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ

ବିଳମ୍ବ ନକରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଟୋଲଫ୍ରି ନମ୍ବର ୧୪୪୧୬ ସହ ଯୋଗାଯୋଗ କରନ୍ତୁ

Dr. Basabadutta Nayak, Medical Officer

# ବାବା ଗିରିଶ୍ୱର ଶୈବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ

ପାଲଲହଡା, (ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣୀମା ଅବସରରେ ଦେବ ଦେବ ମହାଦେବଙ୍କ ଉପାସନା ଶୁଭଙ୍କର ରହିଥାଏ ବୋଲି ବିଶ୍ୱାସ ରହିଛି । ବୁଧବାର ଏହି ଅବସରରେ ପାଲଲହଡା ଉପଖଣ୍ଡର ବିଭିନ୍ନ ଶୈବ ପୀଠ ଗୁଡିକରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ବିଶେଷ ଭାବରେ ପାଲଲହଡାର ପ୍ରସିଦ୍ଧ ଗିରିଶ୍ୱର ଶୈବ ପୀଠରେ ସକାଳୁ ଭକ୍ତଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ନୀତିକାନ୍ତି ପରେ ଭକ୍ତମାନେ ଭୋର ୪ ଟାରୁ ଶିବଲିଙ୍ଗ ଅଭିଷେକ ଓ ବେଲ ପତ୍ର ଅର୍ପଣ ସହ ଦୀପ ଦାନ କରି ବାବା ଗିରିଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ । ଦୀର୍ଘ ସମୟ ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହିତ ଧାଡିରେ ଠିଆ ହୋଇ ମହାଦେବଙ୍କ ଦର୍ଶନ ଲାଭ କରିଥିଲେ ।

ଦର୍ଶନ ବେଳେ ଭିଡକୁ ଆଖିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପାଲଲହଡା ଅକ୍ସଫୋର୍ଡ ଯୁବ ପରିଷଦ ପକ୍ଷରୁ ୧୦ ହଜାର ଭକ୍ତଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଭକ୍ତ ମାନେ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ସାରି ଅର୍ଣ୍ଣ ପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଥିଲା ।

ଅନ୍ୟପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ ରହିଥିବା ବାବା ଗିରିଶ୍ୱର ମନ୍ଦିର ଏବଂ ପାଶ୍ୱର୍ରେ କୁଳୁକୁଳୁ ନାଦରେ ବହିଯାଇଥିବା ଜଳ ପ୍ରପାତର ମନରୋମ ଦୃଶ୍ୟକୁ ଭକ୍ତମାନେ ଭରପୁର ମଜା ନେଉଥିବା ଦେଖିବାକୁ ମିଳିଥିଲା । ବାବା ଗିରିଶ୍ୱରଙ୍କ ଠାରେ ମାନସିକ କଲେ ମାନସିକ ପୂରଣ ହୋଇଥାଏ ବୋଲି ଭକ୍ତଙ୍କର ବିଶ୍ୱାସ ରହିଛି । ତେଣୁ ଏଭଳି ଦିନ ମାନଙ୍କରେ ହଜାର ହଜାର ଭକ୍ତ ଙ୍କ ସମାଗମ ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳିଥାଏ । ଏହି କାର୍ଯ୍ୟକ୍ରମରେ ପାଲଲହଡା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ଚନ୍ଦ୍ର ସେଥି, ପାଲଲହଡା ଥାନା ଅଧିକାରୀ ପ୍ରଦୀପ ମହାନ୍ତ ପ୍ରମୁଖ ଯୋଗଦେଇଥିବା ବେଳେ ମନ୍ଦିର ପରିଚାଳନା ସମିତି ତଥା ଅକ୍ସଫୋର୍ଡ ଯୁବପରିଷଦର ସମସ୍ତ କାର୍ଯ୍ୟକର୍ତା କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ ।

# ସାହିତ୍ୟିକ ଦିନେଶ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ



ଗୋଡ଼ିବନ୍ଧ, (ସବ୍ୟୁ): ବିଶ୍ୱ ହିନ୍ଦୀ ପରିଷଦର ଓଡ଼ିଶା ଶାଖା ଦ୍ୱାରା ୨ନଭେମ୍ବର ୨୦୨୫ରେ ରାଜ ଭବନର ଅଭିଷେକ ହଲରେ ଆୟୋଜିତ 'ସମ୍ମାନ ସମାରୋହ ଏବଂ କବି ସମ୍ମେଳନ' ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କ କର କମଳରେ ହିନ୍ଦୀର ପ୍ରସିଦ୍ଧ ସାହିତ୍ୟିକ ଦିନେଶ କୁମାର ମାଲୀଙ୍କୁ 'ଭାଷା ସଂରକ୍ଷକ ଗୌରବ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି । ଏହି ଅବସରରେ ବିଶ୍ୱ ହିନ୍ଦୀ ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ, ପଦ୍ମଭୂଷଣ ୟାରଲଗଡା ଲକ୍ଷ୍ମୀ ପ୍ରସାଦ, ମହାସଚିବ ଡ. ବିପିନ କୁମାର, ଉପାଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ରାଷ୍ଟ୍ରୀୟ ପରାମର୍ଶଦାତା ପ୍ରତୀକ ପ୍ରଜାପତି, ରାଜ୍ୟସଭା ସାଂସଦ ସୁଶ୍ରୀ ମମତା ମହାନ୍ତ ଏବଂ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ବିକ୍ରମାଦିତ୍ୟ ସିଂହ ଆଦି ଉପସ୍ଥିତ ଥିଲେ ।

ରାଜସ୍ଥାନର ମୂଳ ନିବାସୀ ଦିନେଶ କୁମାର ମାଲି ମହାନଦୀ କୋଲଫିଲାଂସ୍ ଲିମିଟେଡ୍ର ତାଳଚେର କଣିହାରେ ମହାପ୍ରବନ୍ଧକ (ସଞ୍ଚାଳନ) ଭାବେ କାର୍ଯ୍ୟ କରୁଛନ୍ତି । ବିଶିଷ୍ଟ ସମ୍ବଲପୁରୀ କବି ପଦ୍ମଶ୍ରୀ ହଳଧର ନାଗଙ୍କ ଉପରେ 'ହଳଧର ଗ୍ରନ୍ଥାବଳୀ', ମହିମା ଧର୍ମର ପ୍ରବକ୍ତା ଓଡ଼ିଆ ସନ୍ଥ କବି ସ୍ୱର୍ଗତ ଭୀମ ଭୋଇଙ୍କ ଉପରେ ନିଜ ଉପନ୍ୟାସ 'ରଶ୍ମି-ଲୋଚନ', ତାଳଚେର ପ୍ରଜାମଣ୍ଡଳର ପ୍ରଥମ ଗୁମନାମ ଶହୀଦ ବିକା ନାଏକଙ୍କ ଉପରେ ନିଜ ଉପନ୍ୟାସ 'ଶହୀଦ ବିକା ନାଏକର ଖୋଜ୍' ଭଳି ଅନେକ କାଳଜୟୀ ରଚନା ମାଧ୍ୟମରେ ରାଜସ୍ଥାନ ସାହିତ୍ୟ ଏକାଡେମୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ ସଂସ୍ଥା ଦ୍ୱାରା ସମ୍ମାନିତ ଲେଖକ ଦିନେଶ କୁମାର ମାଳି ଓଡ଼ିଆ ଏବଂ ହିନ୍ଦୀ ଜଗତରେ ଖ୍ୟାତନାମା ଅଟନ୍ତି । ତାଙ୍କୁ ଏହି ସମ୍ମାନ ମିଳିବା ପରେ ସାହିତ୍ୟ ଜଗତରେ ଖୁସିର ମାହୋଲ ସୃଷ୍ଟି ହୋଇଛି ।

# ୩ ନୂଆ ଆଇନ ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା



ଅନୁଗୋଳ, (ସବ୍ୟୁ): ଦେଶରେ ନୂଆ କରି ଲାଗୁହୋଇଥିବା ତିନି ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ପୁଲିସ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଓକିଲମାନଙ୍କୁ ନେଇ ଏହି କର୍ମଶାଳା ଜିଲ୍ଲା ଆରକ୍ଷୀ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା । ଆରକ୍ଷୀ ଅଧୀକ୍ଷକ, ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ଅଭିଯୋଜନ ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପରିଚାଳନା କରିଥିଲେ ଅତିରିକ୍ତ ଏସ୍ପି ରାଜୀବ ଲୋଚନ ପଣ୍ଡା । ଅନ୍ୟ ଅତିଥି ଗଣଙ୍କ ମଧ୍ୟରେ ସିଡିଏମ୍ଓ ଡକଫର ମଦନ ମୋହନ ସାହୁ, ପିପି ପ୍ରଶାନ୍ତ କୁମାର ମୁଦୁଲି, ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ, ପୂର୍ବତନ ପିପି ମହେନ୍ଦ୍ର ବସ୍ତିଆ, ଅଭିଯୋଜନ ନିର୍ଦ୍ଦେଶାଳୟର ଦୁଇ ସହ- ନିର୍ଦ୍ଦେଶିକା ହରପ୍ରିୟ ସ ଏବଂ ରୀତା ମିଞ୍ଜ ।

ସେହିପରି ଜିଲ୍ଲାର ପୁଲିସ, ଅବକାରୀ ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଗତବର୍ଷ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଅଭିଯୋଜନ ଉପ ନିର୍ଦ୍ଦେଶକ ଶ୍ରୀ ବେହେରା ପୁଲିସ ତଦନ୍ତ ସମୟରେ ଦୁଷ୍କର୍ମ ପୀଡ଼ିତାର ଡାକ୍ତରୀ ପରୀକ୍ଷା ଏବଂ ରିପୋର୍ଟ ପ୍ରସ୍ତୁତ କରିବା ସମ୍ପର୍କରେ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ବିଷୟରେ କିପରି ନିର୍ଭୁଲ ରିପୋର୍ଟ ହୋଇପାରିବ ଏବଂ ଏହାର ଆଇନଗତ ଦିଗ ଉପରେ ନିଜର ମତ ରଖିଥିଲେ । ଆଲୋଚନାଚକ୍ରର ମୁଖ୍ୟ ବକ୍ତା ନିର୍ଦ୍ଦେଶାଳୟର ଅଭିଯୋଜନ ପୂର୍ବତନ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଥିବା ଗିରଫ ଏବଂ ରିମାଣ୍ଡ ଉପରେ ପୁଙ୍ଖାନୁପୁଙ୍ଖ କରିଥିଲେ । ଆଲୋଚନା ଉପ-ନିର୍ଦ୍ଦେଶକ ଶ୍ରୀ ବେହେଲା ଏହି ତିନି ଆଇନ ପ୍ରଣୟନର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଏସପି ଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ମଦୁଆ ଚାଳକ ଗିରଫ, ବାଇକ୍ ଜବତ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ପୋଲିସ ମଙ୍ଗଳବାର ଦିନ ହଣ୍ଡପା ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାଶ୍ୱର୍ରୁ ଆସୁଥିବା ସମସ୍ତ ବାଇକ ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ବେଳେ ନରସିଂହପୁର ଥାନା କାକୁଡିଆ ଗ୍ରାମର ରବୀନ୍ଦ୍ର କୁମାର ବେହେରାଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକ୍କୁ ଜବତ କରିଛି । ପୋଲିସ କହିଛିଯେ, ରବୀନ୍ଦ୍ର ମଦ୍ୟପାନ କରି ଦୃତଗତିରେ ବାଇକ ଚଳାଉଥିଲେ । ପୋଲିସ ତାଙ୍କୁ ଗିରଫ କରିଥିଲା । ଏନେଇ ନମ୍ବର ୪୦୬/୨୫ ରେ ଏକ ମାମଲା ରୁଜୁ କରିଛି ।

# ମଦନମୋହନ ମନ୍ଦିର ଭଗ୍ନାବସ୍ଥା, ପ୍ରଶାସନ ନିଦାବିଷ୍ଟ

ଅନୁଗୋଳ, (ସବ୍ୟୁ): ଅନୁଗୋଳର ଇଷ୍ଟ ଦେବ ମଦନ ମୋହନ ମନ୍ଦିର ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଏହାର ପୁନରୁଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ପ୍ରଶାସନ ନଶୁଣିବାରୁ ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି । ଏଥିପାଇଁ ଏକ କମିଟି ଗଠନ କରାଯାଇଛି । ମଦନ ମୋହନ ମନ୍ଦିର ଦେବୋତ୍ତର ନିୟମ ମାନି ଚଳିବାକୁ ନିଷ୍ପତି ନିଆଯାଇଛି । ଏହି କମିଟି ମାଧ୍ୟମରେ ମନ୍ଦିରର ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ସୂଚନା ମୁତାବକ ପୁରୁଣାଗଡ଼ରେ ବ୍ରିଟିଶ ଅମଳରୁ ମଦନମୋହନ ମନ୍ଦିର ନିର୍ମାଣ କରାଯାଇଥିଲା । ଜିଲାର ଅନ୍ୟତମ ପୁରାତନ ଏହି ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଲାଣି । ମନ୍ଦିରର ଏକାଧିକ ସ୍ଥାନ ଭଗ୍ନ ଅବସ୍ଥାରେ ରହିଥିବାବେଳେ ଏହାର ମରାମତି କରିବାକୁ ଜିଲ୍ଲା ପ୍ରଶାସନ କି ଦେବୋତ୍ତର ବିଭାଗ ତତ୍ପରତା ପ୍ରକାଶ କରୁନାହିଁ । ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଲୋକକଥା ଅନୁସାରେ ମଦନମୋହନଙ୍କ ମଠ ପ୍ରତିଷ୍ଠା ମହାରାଜଙ୍କ ଦ୍ୱାରା ହୋଇଥିଲା ସାଧୁ ସିନ୍ଧୁ ଦାସ ମହାରାଜ ଉକ୍ତ ମଠରେ ମଦନମୋହନ ଜୀଉଙ୍କୁ ନିଜର ପୁତ୍ର ଭଳି ସ୍ନେହ କରୁଥିଲେ । ସାଧୁଙ୍କର ସମୟରେ ମଠ ପକ୍ଷରୁ ପିତୃଶ୍ରାଦ୍ଧ ପାଳନ କରାଯାଏ । ମଦନମୋହନଙ୍କର ଅଚଳାଚଳ ସମ୍ପତି ଥିଲା । ଏହା ମଧ୍ୟରୁ ଅନେକ ସମ୍ପତ୍ତି ଜବରଦଖଲରେ ରହିଛ । ମହାରାଜଙ୍କ ଅନୁଗ୍ରହରୁ ମଦନ ମୋହନ ମଠ ବ୍ୟାପକ ଅଞ୍ଚଳରେ ପ୍ରସିଦ୍ଧ ପୂଜା ପାଉଥିଲେ । ମଦନମୋହନ ପାଟଣା ଗ୍ରାମ ବର୍ତ୍ତମାନ ଅନୁଗୋଳ ବ୍ଲକର ମାଟିଆସାହି ପଞ୍ଚାୟତରେ ଅବସ୍ଥିତ ।

ଏହା ନିକଟରେ ସୁପ୍ତେଶ୍ୱର ମହାଦେବ ବା କଳକେଶ୍ୱର ଶୈବମନ୍ଦିର ରାଣୀ ସୁଲୋଚନା ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଲୋକକଥା ରହିଛି । ମଦନ ମୋହନ ମନ୍ଦିର ପ୍ରାୟ ୭୦୦ ବର୍ଷ ତଳର ହୋଇଥିବା ଅନୁମାନ କରାଯାଉଛି । ମନ୍ଦିରର ଭଗ୍ନବସ୍ଥା ସମ୍ପର୍କରେ ଅନୁଗୋଳର ଉପଜିଲ୍ଲାପାଳ ତଥା ମନ୍ଦିରର ସଭାପତି ମାୟାଧର ବେହେରା ଓ ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ସେମାନେ କହିଲେ ଯେ ମନ୍ଦିରର ଭଗ୍ନବସ୍ଥାର ଅତିଶିଘ୍ର ପୁନରୁଦ୍ଧାର କରାଯିବ । ସେଥିପାଇଁ ସରକାରୀ ଅନୁଦାନର ବ୍ୟବସ୍ଥା କରାଯିବ । ରାଜ୍ୟ ସରକାର ମଦନ ମୋହନ ମନ୍ଦିର ପ୍ରତି ଦୃଷ୍ଟି ଦେବାକୁ ମନ୍ଦିର କମିଟି ନିବେଦନ କରିଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ କବି ଡ଼ଃ.ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ କାର୍ତ୍ତିକ ପୂର୍ଣ୍ଣିମା ତଥା ଆମ ଐତିହ୍ୟ, ସଂସ୍କୃତି, କଳିଙ୍ଗର ପରମ୍ପରା ଓ ନୌବାଣିଜ୍ୟ ସଂସ୍କୃତି ଉପରେ ଆଲୋଚନା ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ପ୍ରମୋଦ କୁମାର ପୃଷ୍ଟି, ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ବିଧାୟକ ଅଶୋକ ଚୌଧୁରୀ, ଶିକ୍ଷାବିତ ନିରଞ୍ଜନ ତ୍ରିପାଠୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ର ନାଥ ପାଢ଼ୀ, ସଭାପତି ଡ଼ଃ. ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ସୋମନାଥ ସାହୁ ମଞ୍ଚାସିନ ହୋଇଥିଲେ । ମୁଖ୍ୟଅତିଥି ଶ୍ରୀ ପୃଷ୍ଟି ନିଜ ଅଭିଭାଷଣରେ କଳିଙ୍ଗର ନୌବାଣିଜ୍ୟ ତଥା ବିଦେଶରେ ଓଡ଼ିଆ ସାଧବ ପୁଅଙ୍କ ବାଣିଜ୍ୟ ନୀତି ଉପରେ ବିଶେଷ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିମାନେ ଆଜି ଦିନର ମହ%୦ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । କବି ନିରଞ୍ଜନ ତ୍ରିପାଠୀ, ଶରତ ମହାପାତ୍ର, ବାସନ୍ତିଲତା ସ୍ୱାଇଁ, ବିନୋଦିନୀ ନାୟକ, ଶୈଳବାଳା ପାଣିଗ୍ରାହୀ, ଉମାକାନ୍ତ ବେହେରା, ଯତିରାଜ ନାୟକ, ବଳରାମ ପଲେଇ, ଟି. ରାମାନୁଜ ଦାସ ପ୍ରମୁଖ ସ୍ୱରଚିତ କବିତା ପଠନ କରିଥିଲେ । ପ୍ରଶାନ୍ତ ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା, ସୁଦ୍ଧାଞ୍ଜଳି ମିଶ୍ର କବିତା ଆସରର ସଂଯୋଜନା ଏବଂ ଶିଶୁକବି ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଇଣ୍ଡାରେ ବୋଇତ ବନ୍ଦାଣ ଉତ୍ସବ



ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବୁଧବାର ଦିନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବଇଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ସାହୁ, ଅନ୍ୟତମ ଅତିଥି ଭାବରେ ବଡ଼ ହୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଗ୍ରାମ ପୂର୍ବତନ ସମ୍ପାଦକ ଜିତେନ୍ଦ୍ର ବେହେରା, ପୂଜା କମିଟିର ସଭାପତି ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ପରମ୍ପରା ବଞ୍ଚି ରହିଲେ ଓଡିଶା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ ।

ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରୀ ମାନେ ସାଦବ ବହୁ, ସାଦବ ପୁଅ, ତଅପୋଇ ହୋଇ ଏକ ଶୋଭାଯାତ୍ରା ଯାତ୍ରା ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା । ବାଜା ବାଣରେ ଗାଁ କମ୍ପି ଉଠିଥିଲା । ପରେ ଚନ୍ଦନ ପୋଖରୀରେ ଡ଼ଙ୍ଗା ଭସା ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜା କମିଟିର ଗିରିଶ ଚନ୍ଦ୍ର ବେହେରା, ସୁବାସ ସାହୁ, ଦୀପକ ଟିବ୍ରୁଓ୍ୱାଲା, ଜମ୍ବେଶ୍ୱର ସାହୁ, ସଞ୍ଜୟ ସାହୁ, ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ଶୁଭେନ୍ଦୁ ସାହୁ, ଚକ୍ର ଧର ବେହେରା, ଅନ୍ତର୍ଯ୍ୟାମି ବେହେରା ପ୍ରମୁଖ ସହଯୋଗ କରୁଛନ୍ତି ।

# ମହିଳାଙ୍କୁ ମାଡ ଅଭିଯୋଗ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ପେଡିପଥର ଗ୍ରାମର ତଳଶା ବାଘଙ୍କୁ ସେହି ଗ୍ରାମର ସୌଭାଗ୍ୟ ବାଘ ମାଡ ମାରିଥିବା ତଳଶା ମଙ୍ଗଳବାର ଦିନ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୨୯୯/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ତାଙ୍କ ଗ୍ରାମରେ ରାସ ପୂର୍ଣ୍ଣିମା କରିବା ପାଇଁ ତଳଶାଙ୍କ ଘର ସାମନାରେ ଏକ ଗାତ କରାଯାଇଥିଲା । ଏନେଇ ତଳଶା ଯିବା ଆସିବା ପାଇଁ ଅସୁବିଧା ସମ୍ମୁଖୀନ ହୋଇଥିଲେ । ଏନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ସୌଭାଗ୍ୟ ମାଡ ମାରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

ସେହିପରି ସୁଦର୍ଶନ ବାଘ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଗ୍ରାମରେ ରାସ ପୂର୍ଣ୍ଣିମା ପାଇଁ ଗାତ ଖୋଳୁଥିବା ବେଳେ ଝରଣା ନାୟକ ମାଡ ମାରିବା ସହ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି । ଏନେଇ ନମ୍ବର ୩୦୦ /୨୫ ମାମଲା ରୁଜୁ କରିଛି ।

# ବୁଦ୍ଧେଶ୍ୱର ପୀଠରେ ବାଲିଯାତ୍ରା, ୫୦ ହଜାର ଜନ ସମାଗମ

ଭୁବନ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବାଲିଯାତ୍ରା ପାଳିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରେ କାର୍ତ୍ତିକ ବୁଡ ପକାଇ ଡଙ୍ଗା ଭସାଇ ବାବା ବୁଦ୍ଧେଶ୍ୱରଙ୍କୁ ଦର୍ଶନ କରିଥିଲେ । ମାସକ ଯାକ ହବିଷ ପାଳନ କରୁଥିବା ମହିଳା ମାନେ ରାଇ ଦାମୋଦର (ରାଧା ଗୋବିନ୍ଦ) ଙ୍କ ପୂଜା ବିଭିନ୍ନ ଢଙ୍ଗ କରି ବ୍ରତ ସମାପନ କରିଥିଲେ । ବଡ଼ି ଭୋରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ ହୋଇଥିଲା । ଭକ୍ତ ମାନେ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ଠାକୁର ଦର୍ଶନ କରିଥିଲେ । ତୈଳିକ ବୈଶ୍ୟ ସମାଜ ତରଫରୁ ଆକର୍ଷଣୀୟ ୨୩ ତମ ବାର୍ଷିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବ କାଳରେ ଆଜିର ଦିନରେ ସାଧବ ପୁଅ ମାନେ ବାଣିଜ୍ୟ କରିବାକୁ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ପ୍ରଭୃତି ଅଞ୍ଚଳକୁ ଯାଉଥିବାରୁ ସାଧବ ବେଶରେ ସଜ୍ଜିତ ସାଧବ ପୁଅ ମାନଙ୍କ ଶୁଭ ମନାସି ବନ୍ଦାପନା କରି ସଙ୍କୀର୍ତ୍ତନ ଜରିଆରେ ବୁଦ୍ଧେଶ୍ୱର ମନ୍ଦିରକୁ ପାଛୋଟି ଆଣିଥିଲେ । ଆର୍ଯ୍ୟ ସମାଜ ତରଫରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଲୋକମାନେ ଦୋଳି, ମିନା ବଜାର ସାଙ୍ଗକୁ ପ୍ରସିଦ୍ଧ ବରା ଘୁଗୁନି, ଦହିବରା ଆଳୁଦମ୍, ଚାଟ, ଦୋସା, ଠୁଙ୍କାପୁରୀ ଦୋକାନ, ମନୋହରୀ ଦୋକାନ, ଆଇସକ୍ରିମ ପାର୍ଲରରେ ମନ ଭରି ଖିଆ ପିଆ କରିବା ସହ ଡାଲା, କୁଲା, ଲୁହା ଲତା ଘରକରଣା ସାମଗ୍ରୀ ଓ ହାଟ ବଜାରରେ ମିଳୁନଥିବା ବିଭିନ୍ନ ଜିନିସ କିଣାକିଣି କରିଥିଲେ । ଚଳିତବର୍ଷ ବାଲିଯାତ୍ରାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଜନ ସମାଗମ ହୋଇଥିଲା । ପରମ୍ପରା ଅନୁଯାୟୀ ପୁରୁଷୋତ୍ତମପୁର ଶାସନରୁ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ଅଣାଯାଇ ହରିହର ଭେଟ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କ ସମେତ ଭୁବନ ଥାନା ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ପ୍ରସିଦ୍ଧ ମା' ଲୋଭୀ ଠାକୁରାଣୀଙ୍କ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ଭିଡ

ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅଞ୍ଚଳରେ ଅବସ୍ଥିତ ମା ଲୋଭି ଠାକୁରାଣୀ ଯାତ୍ରା ଆଜିଠାରୁ ଅନୁଷ୍ଠିତ ହୋଇଛି । ଏହା ପାଞ୍ଚଦିନ ଧରି ଚାଲୁ ରହିବ । ଏଥିପାଇଁ ଉଭୟ ଗଡସନ୍ତ୍ରୀ ଓ ତୁଳସୀପାଳ ଗ୍ରାମ ଦ୍ୱୟ ବେଶ୍ ଚଳଚଞ୍ଚଳ ହୋଇଉଠିଛି । ବୁଧବାର ସକାଳୁ ତୁଳସୀପାଳ ଗ୍ରାମର ଦିଅଁଘରୁ ଠାକୁରାଣୀଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ଯାତ୍ରା ସ୍ଥଳ କୁ ମା'ଙ୍କ ସ୍ଥାନକୁ ଅଣାଯାଇଥିଲା । ଏହାପରେ ଯଥାରୀତିରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ଆସନ୍ତା ରବିବାର ଦିନ ଏହି ଯାତ୍ରା ଉଦ୍‌ଯାପିତ ହେବ ଓ ସେହି ଦିନ ଠାକୁରାଣୀ ପୂନର୍ବାର ତୁଳସୀ ପାଳ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବେ ।

ଅନୁଗୋଳ ଜିଲ୍ଲାରେ ପ୍ରସିଦ୍ଧ ଗଡସନ୍ତ୍ରୀର ଏହି ଯାତ୍ରାରେ ମା ଲୋଭୀ ଠାକୁରାଣୀଙ୍କୁ ଲକ୍ଷାଧିକ ଭକ୍ତ ଦର୍ଶନ କରୁଛନ୍ତି । ଯାତ୍ରାରେ ପ୍ରାୟ ଦୁଇ ହଜାରରୁ ଅଧିକ ଦୋକାନ, ମିନାବଜାର, ଫାଷ୍ଟ ଫୁଡ଼, ଚାଟ ଦୋକାନ ଗୁଡ଼ିକରେ ପ୍ରବଳ ଭିଡ଼ ହେଉଛି । ଏହା ବ୍ୟତୀତ କଂସା ବାସନ ବ୍ୟବସାୟ ଭଲ ହୋଇଥାଏ । କାରଣ ଆଗକୁ ବିବାହ ଋତୁ ଆସୁଛି ଏଥିପାଇଁ ଝିଅକୁ କଂସା ବାସନ ଦେବା ପାଇଁ ପରିବାର ଲୋକେ କିଣା କିଣି କରିବାକୁ ଆସିଥାନ୍ତି । ଜନ ସାଧାରଣଙ୍କ ସହଯୋଗରେ ଆଗେଇ ଚାଲିଛି ଏହି ପ୍ରସିଦ୍ଧ ମା' ଙ୍କ ଯାତ୍ରା । ଏଥିପାଇଁ ରଙ୍ଗିନ୍ ଆଲୋମାଳାରେ ଝଲସି ଉଠୁଛି ଯାତ୍ରା ସ୍ଥଳ, ଏଥି ସହିତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଲୋଭୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଭାପତି ସୁନୀଲ କୁମାର ମାଝୀ ସୂଚନା ଦେଇଛନ୍ତି । ଶୃଙ୍ଖଳା ନିମନ୍ତେ ଏକ ଅସ୍ଥାୟୀ ପୋଲିସ ଫାଣ୍ଡି ଖୋଲାଯାଇଛି, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ଦମକଳ ବାହିନୀ ମଧ୍ୟ ଉପସ୍ଥିତ ରହିଛନ୍ତି । ଟ୍ରଷ୍ଟ ମେମ୍ବର ଦାଶରଥି ପାଇକ, ସୋରୋଜ ସାହୁ, ଭଜମନ ସାହୁ, ଅଜୟ ସାହୁ, ମୀରା ଗଡ଼ନାୟକ, ଗୋପୀନାଥ ମାଝୀ, ସରପଞ୍ଚ ଟଙ୍କଧର ବେହେରା ସମେତ ସମସ୍ତ ଟ୍ରଷ୍ଟର ସଦସ୍ୟ, ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ମା 'ଲୋଭୀ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଥମ ଦିନ ମା' ଙ୍କୁ ଲକ୍ଷାଧିକ ଭକ୍ତ ଦର୍ଶନ କରିଛନ୍ତି ।

# କପିଳାସ ମହୋତ୍ସବ ଉଦ୍‌ଘାଟିତ

## ପର୍ବତାରୋହଣ କଲେ ଶତାଧିକ ଛାତ୍ରଛାତ୍ରୀ, ଭକ୍ତିଭରା ସଙ୍ଗୀତରେ ବିଭୋର ଶ୍ରଦ୍ଧାଳୁ



ଢେଙ୍କାନାଳ, (ସବ୍ୟୁ): ମାଇକ୍ରୋମିଡିଆ ଆଓ୍ୱାରନେସ୍ ଅନୁଷ୍ଠାନର ୨୬ତମ ପ୍ରତିଷ୍ଠା ଦିବସ ତଥା ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ୨୩ବର୍ଷ ପୂର୍ତ୍ତି ଅବସରରେ କପିଳାସ ମହୋତ୍ସବ ୨୦୨୫ ବୁଧବାର ଦିନ ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା ପାର୍ବତୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଅତିଥିମାନେ ପ୍ରଥମେ ବାରବାଙ୍କ ସନ୍ତୋଷୀ ମା' ମନ୍ଦିର ନିକଟରେ ପୂଜା କରି ପତାକା ଦେଖାଇବା ପରେ ପର୍ବତାରୋହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀ ପ୍ରଥମେ ୧୩୫୨ ପାହାଚ ଏବଂ ପରେ ଦେବସଭା ପର୍ଯ୍ୟନ୍ତ ପର୍ବତ ଆରୋହଣ କରିଥିଲେ । ଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସଦର ଏସ୍.ଡି.ପି.ଓ. ରମେଶ ଚନ୍ଦ୍ର ଦୋରା, ଗଁଦିଆ ଥାନା ଅଧିକାରୀ ସାନ୍ତନୁ କୁମାର ପ୍ରଧାନ, ସମାଜସେବୀ ସୁକାନ୍ତ ମିଶ୍ର, ବରିଷ୍ଠ କଳାକାର ପରେଶ ଚନ୍ଦ୍ର ପଟ୍ଟନାୟକ, ସମାଜସେବୀ ଶେଷଦେବ ରାଉତ, ଯୁବ ଉଦ୍ୟୋଗୀ ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉଦଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମ ଏଭେରେଷ୍ଟ ଆରୋହିଣୀ ସ୍ୱର୍ଗତ କଳ୍ପନା ଦାଶଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା । ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ । ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କପିଳାସ ମହୋତ୍ସବର ଆବାହକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ୍, ତାଇକୋଣ୍ଡୋ, ସ୍କେଟିଙ୍ଗ, ସ୍ଥାନୀୟ ଯୁବକଯୁବତୀ, କ୍ରୀଡାବିତ୍ ଏବଂ ଆଇଆଇଏମ୍‌ସିର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କପିଳାସ ପୀଠର ସେବାୟତ, ପୂଜକ ଓ ସମସ୍ତ ଅନୁଷ୍ଠାନର ମୁଖ୍ୟ କର୍ମକର୍ତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ପବିତ୍ର କାର୍ତିକ ପୂର୍ଣ୍ଣମା ଥିବାରୁ ଭକ୍ତମାନଙ୍କ ଜନସମାଗମକୁ ଦେଖି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଢେଙ୍କାନାଳର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମଶେଷରେଉପସ୍ଥିତ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଅନୁଷ୍ଠାନର କର୍ମକର୍ତା, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ୧୩ ତାରିଖରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ, ୧୪,୧୫ ଓ ୧୬ ତାରିଖ ତିନି ଦିନ ଧରି ଗୋପବନ୍ଧୁ ଟାଉନହଲଠାରେ ରାଜ୍ୟସ୍ତରୀୟବିଭିନ୍ନପ୍ରତିଯୋଗିତା ସହ ରାଜ୍ୟର ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ଡ. ସୁନୀତି ମିଶ୍ର ମେମୋରିଆଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୀ



ତାଳଚେର, (ସବ୍ୟୁ): ଡ଼. ସୁନୀତି ମିଶ୍ର ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଦି ଫାଉଣ୍ଡେସନ ପବ୍ଲିକ ସ୍କୁଲ, ତାଳଚେରରେ ଡ଼. ସୁନୀତି ମିଶ୍ରଙ୍କ ସ୍ୱର୍ଗାରୋହଣର ଦ୍ୱିତୀୟ ବାର୍ଷିକୀ ଓ ଦୁର୍ନୀତି ବିରୋଧୀ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଟ୍ରଷ୍ଟ ଦ୍ୱାରା ସ୍ଥାପିତ ଦି ଫାଉଣ୍ଡେସନ ପବ୍ଲିକ ସ୍କୁଲ, ଡ୍ୟାନ୍ସ ଏକାଡେମୀ, କ୍ରିକେଟ ଏକାଡେମୀ. ଏଜୁକେଶନାଲ ବ୍ୟାଙ୍କର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ସ୍କୁଲର ଅଧ୍ୟକ୍ଷ କବିତା ବେହେରାଙ୍କ ସହିତ ଯୋଗ ଦେଇଥିଲେ । ଡ଼. ସୁନୀତି ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ସମସ୍ତେ ସଂକଳ୍ପ ନେଇଥିଲେ ।

ଦୁର୍ନୀତି ବିରୋଧୀ ସଂକଳ୍ପ ନେବା ସହ ଏକ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ । ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଷ୍ଟର ସଭାପତି ସିଦ୍ଧେଶ୍ୱର ମିଶ୍ର ପୁରସ୍କୃତ କରିଥିଲେ । ଏକ ନୂତନ ପ୍ରକାଶନୀ ସଂସ୍ଥା ଦି ଫାଉଣ୍ଡେସନ ପବ୍ଲିକେସନର ଶୁଭାରମ୍ଭ କରାଯାଇଥିଲା ।

## ଏକତରଫା ପ୍ରେମର କରୁଣ ପରିଣତି
# ପ୍ରେମିକର ଛୁରୀ ମାଡରେ ନାବାଳିକ ପ୍ରେମିକା ବାପର କଟିଲା ବେକ



ବାସୁଦେବପୁର, (ସବ୍ୟୁ): ରଙ୍ଗିଲା ରୋମିଓଙ୍କ ଟାର୍ଗେଟରେ ନାବାଳିକା । ବାଟ ଚାଲିବା କଷ୍ଟକର ହେଲାଣି । ପ୍ରେମିକ ଏକତରଫା ପ୍ରେମରେ ଅଣନିଃଶ୍ୱାସୀ ହୋଇ ପଡ଼ିଛନ୍ତି ନାବାଳିକା ଛାତ୍ରୀ । ବିଫଳ ପ୍ରେମିକର ଛୁରୀ ମାଡରେ କଟିଲା ନାବାଳିକା ବାପର ବେକ । ଝିଅକୁ ସୁରକ୍ଷା ଦେବାକୁ ଯାଇ କଟିଥିଲା ବାପା ଏବେ ଡାକ୍ତରଖାନାରେ । ବିଫଳ ପ୍ରେମିକ ନିରାଶ ହେବାରୁ ନାବାଳିକା ବାପାଙ୍କୁ ଛୁରୀରେ କରିଥିଲେ ଆକ୍ରମଣ । ଧାଉଁଆ ଛୁରୀରେ ବେକ କାଟି ହତ୍ୟା କରିବାକୁ କରିଥିଲା ଯୋଜନା । ନାବାଳିକା କନ୍ୟାକୁ ସୁରକ୍ଷା ଦେବାକୁ ଯାଇ ବାପା ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରାଯାଇଛି । ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର ଆରୁହା ପଞ୍ଚାୟତର । ଆରୁହା ପଞ୍ଚାୟତର କୁଞ୍ଜାଗଡିଆ ଛକର ରାଜେନ୍ଦ୍ର ରାଉତଙ୍କ ଘର । ଏକମାତ୍ର ନାବାଳିକା ଝିଅ ଜୁଳମପୁର ସ୍କୁଲରେ ଅଷ୍ଟମ ଶ୍ରେଣୀର ଅଧ୍ୟୟନ କରୁଛି । ବରଥୁଆ ପଞ୍ଚାୟତର କେନାଲ ଆଡିର ଆଲୋକ ବେହେରା ନାମକ ଯୁବକ ଏକତରଫା ପ୍ରେମ କରୁଛନ୍ତି । ନାବାଳିକା କନ୍ୟା ଯୁବକଙ୍କ ପ୍ରେମକୁ ବିରୋଧ କରୁଥିଲେ । ଏକଥା ବାପା ରାଜେନ୍ଦ୍ର ଜାଣିପାରି ଟ୍ୟୁସନକୁ ବାପା ନେବା ଆଣିବା କରୁଥିଲେ । ବୁଧବାର ଦିନ ଟ୍ୟୁସନରୁ ଝିଅକୁ ନେବାକୁ ବାପା ରାଜେନ୍ଦ୍ର ରାଉତ ଆସିଥିବା ବେଳେ ଯୁବକ ସହିତ ପାଟିତୁଣ୍ଡ କରିଥିଲେ । ରଙ୍ଗିଲା ରୋମିଓଙ୍କୁ ଗୋଟିଏ ଚାପୁଡ଼ା ମାରିଥିଲେ ରାଜେନ୍ଦ୍ର ରାଉତ । ଏଥିରେ ଉତକ୍ଷିପ୍ତ ହୋଇ ରାଜେନ୍ଦ୍ରଙ୍କୁ ପ୍ରେମିକ ଆଲୋକ ଛୁରୀରେ ଆକ୍ରମଣ କରିଥିଲେ । ପାଟିଶୁଣି ପାଖ ପଡିଆର କ୍ରିକେଟ ଖେଳୁଥିବା ଯୁବକମାନେ ଦୌଡି ଆସିଥିବାରୁ ବାଇକ ଛାଡି ଆଲୋକ ଫେରାର ହୋଇଯାଇଥିଲା । ପ୍ରେମିକ ଏକତରଫାର ପ୍ରେମର ପ୍ରତିବନ୍ଧକ ସାଜିଥିଲେ ବାପା । ଆହତ ଅବସ୍ଥାରେ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

# ଚୋରା ବନ୍ଧୁକ କାରବାରର ପର୍ଦ୍ଦାଫାସ, ୩ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ପୁଲିସ ସାମ୍ବାଦିକ ସମ୍ମିଳନୀ ଡାକି ଚୋରା ବନ୍ଧୁକ କାରବାର ଘଟଣାର ଖୁଲାସା କରିଛି । ପୁଲିସ୍ ଏହି ଘଟଣାରେ ତିନି ଜଣଙ୍କୁ ମଧ୍ୟ ଗିରଫ କରିଛି । ଗିରଫ ତିନିଜଣ ହେଲେ ରେମୁଣା ଥାନା ନିଖାଦାଗ୍ ଅଞ୍ଚଳର ଶାନ୍ତନୁ ଦାସ ଓରଫ୍ ମୁନ୍ନା, ଅମିତାଭ ଦ୍ୱିବେଦୀ ଓରଫ୍ ନିତାଇ, ଶିଳ୍ପାଂଚଳ ଥାନା ଅଚ୍ୟୁତପୁର ଅଂଚଳର ମନୋଜ କୁମାର ଭୂୟାଁ ଓରଫ୍ ଗୁଡୁ । ଏହାସହ ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ସହ ୪ଟି ମ୍ୟାଗ୍ଜିନ ଓ ଦୁଇଟି ଅଫୁଟା ଗୁଳି ପୋଲିସ ଜବତ କରିଛି । ଏନେଇ ରେମୁଣା ଥାନାରେ ୨୦୦/୨୦୨୫ ନଂରେ ମାମଲା ରୁଜୁ ହୋଇଛି ବୋଲି ଆଜି ରେମୁଣା ଥାନାରେ ସାମ୍ବାଦିକ ସମ୍ମିଳନୀ ଡାକି ଆଡ଼ିସନାଲ ଏସପି



ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି । ପୋଲିସ ର ପକ୍ଷରୁ ହସ୍ତଗତ ହୋଇଥିବା ସୂଚନା ଅନୁସାରେ ନିଖାଦାଗ ଅଞ୍ଚଳର ଶାନ୍ତନୁ ଦାସ ଓରଫ୍ ମୁନ୍ନା ପାଖରେ ବନ୍ଧୁକ ଥିବା ନେଇ ପୋଲିସ କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ସେହି ଅନୁସାରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଏସପି ପ୍ରତ୍ୟୁଷ ଦିବାକର ଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ୍ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ର ସଦସ୍ୟ ମାନେ ରେମୁଣା ଥାନା ଅଞ୍ଚଳରେ ଥିବା ମୁନ୍ନା ଘରେ ୪ତାରିଖ ସନ୍ଧ୍ୟା ସମୟରେ ଚଢ଼ାଉ କରି ଦୁଇଟି ବନ୍ଧୁକ ଜବତ୍ କରିଥିଲେ ଓ ତାଙ୍କୁ ଆଟକ ଆଣି ପଚରାଉଚରା କରିବା ପରେ ସେ ଅମିତାଭ ଦ୍ୱିବେଦୀ ଓରଫ୍ ନିତାଇ ଏବଂ ମନୋଜ କୁମାର ଭୂୟାଁ ଓରଫ୍ ଗୁଡୁଙ୍କୁ ଗୋଟିଏ ଗୋଟିଏ ବନ୍ଧୁକ ବିକ୍ରୀ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା । ପରେ ପୋଲିସ୍ ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲା । ଏହାସହ ପୋଲିସ ସେମାନଙ୍କ ଠାରୁ ବନ୍ଧୁକ ମଧ୍ୟ ଜବତ କରିଥିଲା । ବିହାର ଓ ଝାଡ଼ଖଣ୍ଡରୁ ଏମାନେ ବନ୍ଧୁକ ଆଣୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ତେବେ ଏମାନଙ୍କ ସହ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି ବୋଲି ଆଡ଼ିସନାଲ ଏସପି ଶ୍ରୀ ଦାଶ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ, ରେମୁଣା ଥାନା ଅଧିକାରୀ ବିମଳ କୁମାର ନାୟକ, ଏସଆଇ ସନାତନ ବିଶ୍ୱାଳ, ଏଏସଆଇ ଧିରେନ୍ଦ୍ର ପ୍ରସାଦ ମହାନ୍ତି, ନୀଳମଣି ଦାସ, ଗୋଲକ ଚନ୍ଦ୍ର ନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଐତିହାସିକ କୁପାରୀ ରାସ ପୂର୍ଣ୍ଣିମାରେ ୪୦ହଜାର ଶ୍ରଦ୍ଧାଳୁ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରୀସ୍ଥିତ ଐତିହାସିକ ଶୂନ୍ୟମଣ୍ଡପ ରେ ୩ ଦିନିଆ ରାସ ପୂର୍ଣ୍ଣିମା ତଥା ପଞ୍ଚକ ମେଳା ବୁଧବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ଯାଇଛି । ଚଳିତ ବର୍ଷ ବାଲେଶ୍ୱର ସମେତ ଆଖପାଖ ଜିଲ୍ଲାରୁ ୪୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୂନ୍ୟମଣ୍ଡପରେ ପଦାର୍ପଣ କରି ଶୂନ୍ୟମନ୍ଦିର ଦର୍ଶନ କରିବା ସହ ଶୂନ୍ୟବ୍ରହ୍ମଙ୍କୁ ଆରାଧନା କରିଛନ୍ତି । ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ମାନେ ମଧୁସାଗରରେ ସ୍ନାନ କରିବା ପରେ ଶୂନ୍ୟବ୍ରହ୍ମଙ୍କ ସହିତ ବିବଙ୍ଗଡ଼ ପ୍ରଭାକର ବାବାଙ୍କ ସମାଧି ମନ୍ଦିର ଦର୍ଶନ କରିଥିଲେ । ସୁରକ୍ଷିତ ଗାୟତ୍ରୀ ବିଶିଷ୍ଟ ଦ୍ୱାରା ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା । ସଞ୍ଜରେ ଭାଳୁ ବାବା ଧାଡିରେ ଆପ୍ତଶିବା ଭକ୍ତ ମାନଙ୍କୁ ପାତ୍ରଙ୍କ ପ୍ରବଚନ କରିଥିଲେ । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଅଗ୍ରଯାନ ବିଜେଡି ନେତା ଶଶିକୁମାର ସାହୁ,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖ ନିଜ ସମର୍ଥକଙ୍କ ସହ ଶୂନ୍ୟମଣ୍ଡପ ବୁଲିଥିଲେ । ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ସରପଞ୍ଚ ଜେଯାସ୍ନାରାଣୀ ଦାସ,କୁପାରୀ ସମିତି ସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ କାର୍ଯ୍ୟର ତଦାରଖ କରିଥିଲେ । ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର ମାନଙ୍କ ଦ୍ୱାରା ପରିବେଷିତ ନାଚଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା ।

## ସିରିଜ ଚୋରିକୁ ନେଇ ଲୋକେ ଭୟଭୀତ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ସହରରେ କିଛି ଦିନ ହେବ ଚୋର ମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗି ରହିଥିବାରୁ ସହରବାସୀ ଚିନ୍ତାବ୍ୟକ୍ତ କରିଛନ୍ତି । ମଙ୍ଗଳବାର ରାତି ପ୍ରାୟ ସାଢ଼େ ଗୋଟାଏରେ ଧୋବାଡିଆ ସ୍ଥିତ ଡିଆର ମାର୍ଟ ସପିଙ୍ଗ ମଲରେ ଚୋର ପଶି ନଗଦ ଅର୍ଥ ଏବଂ ଗ୍ରୋସରୀ ସାମଗ୍ରୀ ଲୁଟି ନେଇଛନ୍ତି । ଡିଆର ମାର୍ଟ ପକ୍ଷରୁ ସ୍ନେହଲତା ସାହୁ ଟାଉନ ଥାନାରେ ଏତଲା ଦେବା ପରେ ଟାଉନ ପୋଲିସ କେସ ନମ୍ବର ୮୫୮/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଡିଆର ମାର୍ଟ ପକ୍ଷରୁ ସିସିଟିଭି କ୍ୟାମେରାରେ ଉଠିଥିବା ଭିଡିଓ କ୍ଲିପ କୁ ପୋଲିସ କୁ ଦେଇ ଚୋରଙ୍କୁ ଧରିବାକୁ ଦାବୀ କରିଛନ୍ତି । ସେହିପରି ଟାଉନ ଥାନା ଅନ୍ତର୍ଗତ ସିଲୁଆଁ ବସନ୍ତପୁର ସାହିରେ ଘରେ କେହି ନଥିବାର ସୁଯୋଗ ନେଇ ନରେନ୍ଦ୍ରନାଥ ନାୟକଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ନଗଦ ଅର୍ଥ ଲୁଟି ନେଇଛନ୍ତି । ବଡ ଓଷା କରିବା ପାଇଁ ପରିବାର ଲୋକ ଗାଁ କୁ ଯାଇଥିଲେ । ବୁଧବାର ସକାଳୁ ଗାଁ ରୁ ଫେରି ଘରର କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏହା ପରେ ଘର ଭିତରେ ଥିବା ଆଲମାରୀ ଭାଙ୍ଗି ୨ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୪୦ହଜାର ଟଙ୍କା ଲୁଟ ହୋଇଥିବା ଦେଖିବାକୁ ପାଇଥିଲେ । ଏନେଇ ନରେନ୍ଦ୍ରନାଥ ନାୟକ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ କେସ ନମ୍ବର ୮୫୭/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି ।ପୋଲିସ ପକ୍ଷରୁ ରାତିରେ ଠିକ ଭାବରେ ସବୁ ଅଂଚଳରେ ପେଟ୍ରୋଲିଂ ହେଉନଥିବାରୁ ଚୋରୀ ବଢୁଛି ବୋଲି ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପୋଲିସ ଅଭିଯୋଗ ପାଇବା ପରେ ଚୋରଙ୍କୁ ଧରିବା ପାଇଁ ଫରେନସିକର ସାହାଯ୍ୟ ନିଆଯାଉଛି ବୋଲି କୁହାଯାଉଛି।

## ରଘୁବର ମଠରେ ବୋଇତ ବନ୍ଦାଣ ଉତ୍ସବ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ଏବଂ ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତ ସୀମାରେ ବୈତରଣୀ ନଦୀର ତଟବର୍ତ୍ତି ରଘୁବର ଦାସ ମଠ ଓ ଜଗନ୍ନାଥ ମନ୍ଦିର ପରିସରରେ ୬ଦିନ ବ୍ୟାପି ଚାଲିଥିବା କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ବୋଇତ ବନ୍ଦାଣ ଉତ୍ସବ ସମାରୋହରେ ଉଦଯାପିତ ହୋଇଛି। ପଞ୍ଚକ ଆରମ୍ଭ ଦିନ ଏଠାରେ ମହୋତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ପର୍ଯ୍ୟାୟ କ୍ରମେ ବିଦ୍ୟାଳୟ ସ୍ତରୀୟ ପିଲାମାନଙ୍କ ନୃତ୍ୟ ପରିବେଷଣ, ଓଡ଼ିଶାର ବିଶିଷ୍ଟ କଥାକାର ମାନଙ୍କ ଦ୍ୱାରା ପ୍ରବଚନ,ନାମ ସଂକୀର୍ତ୍ତନ, ମେଲୋଡି ଇତ୍ୟାଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏଥିପାଇଁ ବିପୁଳ ଜନସମାଗମ ହୋଇଥିଲା।ବାହାର ଅଞ୍ଚଳର ବହୁ ଉଠା ଦୋକାନୀ ମାନଙ୍କ ଗହଳି ଏବଂ ସେମାନଙ୍କ ବେପାର ପରିବେଶ ମାହୋଲକୁ ବେଶ ମୁଖରିତ କରିଥିଲା। ମହୋତ୍ସବର ଅନ୍ତିମ ଦିବସ ଆଜି ଉତ୍କଳୀୟ ପରମ୍ପରାର କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ଦୁଇ ପଞ୍ଚାୟତର ସାତ ଜଣ ପୁରୁଷ ସାଧବ ବେଶରେ ସଜ୍ଜିତ ହୋଇଥିଲେ। ସାତ ଜଣ ସାଧବ ବୋହୂ ବୋଇତ ଏବଂ ସାଧବ ପୁଅକୁ ବନ୍ଦାପନା କରି ସାରିବା ପରେ ସେମାନେ ବଣିଜ କରିବା ଉଦେଶ୍ୟରେ ଯାଇଥିଲେ।ସାଧବ ମାନେ ନଦୀରେ ଯାଉଥିବା ବେଳେ ନଦୀର ଉଭୟ ପାର୍ଶ୍ୱ ଭଦ୍ରକ ଏବଂଯାଜପୁର ଜିଲାର କୂଳସାହି, ତେଲିପାଟଣା,ଗଡଗ ସାହି, ନାରାୟଣପୁର, ପ୍ରଭୃତି ଗ୍ରାମର ମହିଳା ମାନେ ଶଙ୍ଖ ହୁଳହୁଳି ଦେଇ ସ୍ୱାଗତ ଜଣାଇଥିଲେ। ବୋଇତ ବନ୍ଦାଣ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତା ସମେତ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ଘଟଣା ସମ୍ପର୍କୀୟ ଅଜା କୋର୍ଟଚାଲାଣ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ସମ୍ପର୍କୀୟ ଅଜା ମୋବାଇଲ ଦେଖାଇବା ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗକ୍ରମେ ଅଭିଯୁକ୍ତ ଅଜାକୁ ବୁଧବାର କୋର୍ଟଚାଲାଣ କରିଛି ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳିଆ ଗ୍ରାମରେ ଘଟିଥିବା ଏହି ଲଜ୍ଜାକର ଘଟଣା । ହଠାତ ନାବାଳିକା ପିଡିତା ଜଣକର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା ଯୋଗୁଁ ସେ ଦୁର୍ବଳ ହୋଇପଡ଼ିବାରୁ ଘର ଲୋକେ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷାରୁ ଉକ୍ତ ନାବାଳିକା ଜଣକ ୩ ମାସର ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ । ପଚରା ଉଚରା ପରେ ଖଣ୍ଡଦେଉଳିଆ ଗ୍ରାମର ସମ୍ପର୍କୀୟ ଅଜା ୫୫ ବର୍ଷିଅ କୁଶ ସିଂ ମୋବାଇଲ ଦେଖାଇବା ବାହାନାରେ ଉକ୍ତ ନାବାଳିକା ଉପରେ ଏପରି ଅତ୍ୟାଚାର କରିଥିବା ନେଇ ସେ ପରିବାରବର୍ଗଙ୍କ ଠାରେ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ରାତିରେ ଖଣ୍ଡଦେଉଳିଆ ଗ୍ରାମରେ ଏ ନେଇ ଏକ ବୈଠକ ବସି ଥିବାବେଳେ ବୈଶିଙ୍ଗା ପୁଲିସର ଏକ ଟିମ ଚଢ଼ାଉ କରିଥିଲେ । ଅଭିଯୁକ୍ତ ଅଜା ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପୁଲିସ ଧାନକ୍ଷେତରେ ତାଙ୍କୁ କାବୁ କରିଥିଲା । ଏହି ଘଟଣା ବାବଦରେ ମାନବ ଅଧିକାର କମିଶନରଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି । ଏ ନେଇ ପିଡିତା ନାବାଳିକା ବାପାଙ୍କ ଲିଖିତ ଅଭିଯୋଗ ମୂଳେ ବୈଶିଙ୍ଗା ଥାନାରେ ୫୬୨/୨୫ ର ଏକ ମାମଲା ରୁଜୁ ହେବା ସହ ବୁଧବାର କୋର୍ଟ ଚାଲାଣ କରିଥିଲା ପୁଲିସ । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି ।

## ଭାଲୁ କାମୁଡାରେ ନାବାଳିକା ଗୁରୁତର

ଠାକୁରମୁଣ୍ଡା,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଭାଲିଆଡାଳ ଗ୍ରାମ ପଞ୍ଚାୟତ ଜାମୁଣି ଗ୍ରାମରେ ଭାଲୁ କାମୁଡାରେ ଜଣେ ନାବାଳିକା ଗୁରୁତର ଆହତ ହୋଇଛି । ଘଟଣାରୁ ପ୍ରକାଶ ଜାମୁଣି ଗ୍ରାମର ଲକ୍ଷ୍ମଣ ବାଙ୍କିରାଙ୍କ କନ୍ୟା ପାଙ୍ଗିଲା ( ୧୨) ଘରଠାରୁ ୫୦୦ ମିଟର ଦୁର ଧାନ ବିଲରେ ଧାନ ଜଗିଥିବା ବେଳେ ହଠାତ୍ ଜଙ୍ଗଲରୁ ୨ ଟି ଭାଲୁ ବାହାରି ଆସି ଗୋଟିଏ ଭାଲୁ ପାଙ୍ଗଲା କୁ ଦିନ ଗୋଟାଏ ବେଳେ ଆକ୍ରମଣ କରିଥିଲା। ପାଖରେ ଧାନ ଜଗିଥିବା ଅନ୍ୟ ଛୁଆ କାନ୍ଦିବା ଏଂ କୁକୁର ଭୁକିବାରୁ ଭାଲୁ ଦୁଇଟି ଜଙ୍ଗଲ କୁ ପଳାଇଥିଲେ।ବାପା ଲକ୍ଷ୍ମଣ ଧାନ ଗେହୁଥି ବେଳେ ଅନ୍ୟ ଲୋକମାନେ ବିଲରେ ଧାନ ।ଟୁଥିଲେ। ଖବର ପାଇ ଲକ୍ଷ୍ମଣ ଝିଅ ପାଙ୍ଗିଲାକୁ ଏକ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ। ପାଙ୍ଗିଲାର ୫ ଟି ସ୍ଥାନରେ ଭାଲୁ କାମୁଡ଼ି ଥିବାବେଳେ ଅବସ୍ଥା ଗୁରୁତର ରହିଛି। ପାଙ୍ଗିଲା ଜାମୁବଣି ଉଚ୍ଚ ମାଧମିକ ବିଦ୍ୟାଳୟରେ ୬ ଷ୍ଟ ଶ୍ରେଣୀରେ ପାଠ ପଢେ ବୋଲି ଜଣାପଡିଛି ।

## ପୃଥକ ବାଇକ୍ ଦୁର୍ଘଟଣା : ୩ ଆହତ

ଢେଙ୍କିକୋଟ ,(ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପୃଥକପୃଥକ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି । ଘଟଗାଁ ଥାନା ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର ଲୁଲୁ ନାୟକ ଓ ରମାକାନ୍ତ ନାୟକ ବାଇକ ଦୁର୍ଘଟଣାରେ ଆହତ ହୋଇଛନ୍ତି । ଦୁହେଁ ଢେଙ୍କିକୋଟ ଦେବୀମଣ୍ଡପ ନିକଟରେ ବାଇକ ରେ ଆସୁଥିବା ବେଳେ ଏକ ଟ୍ରାକଟର କୁ ପଛପଟୁ ଧକ୍କା ଦେଇଥିଲେ ଦୁହେଁ ଆହତ ହୋଇଥିବା ବେଳେ ତାଙ୍କୁ ଟୁଲଗେଟ ଆମ୍ବୁଲାନ୍ସ ଯୋଗେ ଘଟଗାଁ ମେଡିକାଲକୁ ପଠାଯାଇଛି ।ସେହିପରି ୨୦ ନମ୍ବର ଜାତୀୟରାଜପଥ ଗଦାଧରପୁର ନିକଟରେ ନିକଟବର୍ତ୍ତୀ ଅର୍ଜୁନବିଲ୍ଲଝ ଗ୍ରାମର ରାମ ମୁଣ୍ଡା ତାଙ୍କ ବାଇକ ଯୋଗେ ଆସୁଥିବାବେଳେ ଟ୍ରକ କୁ ପଛପଟୁ ଧକ୍କାଦେଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ଘଟଗାଁ ଥାନାରେ ଚିକିତ୍ସିତ କରାଉଛନ୍ତି ।

## ଦୁଇ ଗାଁରେ ମହାବଳ ବାଘର ପାଦଚିହ୍ନ ଠାବ

କେନ୍ଦୁଝର , (ଜିପ୍ର): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାର ପଡ଼ା ସେକ୍ସନ ମାଛଗଡ ବିଟଗୋପୀନାଥ ପୁର ଗାଁରୁ ୨ଦିନ ତଳେ ଏକ ମହାବଳ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଥିବା କେନ୍ଦୁଝର ଡିଏଫଓ ଏଚଡି ଧନରାଜ ସୋମବାର ସୂଚନା ଦେଇଛନ୍ତି। ଗାଁଟି କେନ୍ଦୁଝର ଓ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ମହାବଳ ବାଘଟି ସମ୍ଭବତଃ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବାର ବନ ବିଭାଗ ଅନୁମାନ କରିଛି । ଏହାପରେ ବାଘ ଚିତ୍ର ଉତ୍ତୋଳନ କରିବା ପାଇଁ ୩୫ଟି ଟ୍ରାପ କ୍ୟାମେରା ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି। ଜନ ବସତି ବୃଦ୍ଧି ପାଉଥିବାରୁ ବାଘଟି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଏହି ବାଟ ଦେଇ ଯିବା ଆସିବା କରୁଥିବା ଜଣାପଡିଛି। ବନ୍ୟ ଜନ୍ତୁଙ୍କ ଅଟେଇ ସଫାରୀରେ ଆଗମନ ଏକ ଖୁସି ଖବର ବୋଲି ଡିଏଫଓ କହିଛନ୍ତି। ସେହିପରି ଆନନ୍ଦପୁର ବନଖଣ୍ଡ ଅଧୀନ ଷଡ଼ଙ୍ଗୀ ଗ୍ରାମରେ ବାଘ ପାଦଚିହ୍ନ ସ୍ପଷ୍ଟ ପରେ ଭୟଭୀତ ଅବସ୍ଥାରେ ଗାଁ ଲୋକେ । ସେପଟେ ବାଘର ପାଦଚିହ୍ନ ସ୍ପଷ୍ଟ ହେବା ପରେ ତୀକ୍ଷ୍ଣ ନଜର ରଖିଛି ବନ ବିଭାଗ। ଗାଁର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ବାଘକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ବନବିଭାଗକୁ ସଙ୍ଗେ ସଙ୍ଗେ ଖବର ଦେଇଥିଲେ। ଖବର ପାଇ ଆନନ୍ଦପୁର ବନବିଭାଗ ଗାଁରେ ପହଞ୍ଚି ଚାଷଜମିରେ ପଡ଼ିଥିବା ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ କରିଛନ୍ତି। ଆନନ୍ଦପୁରରେ ବାଘର ସ୍ଥିତି ବନବିଭାଗ ଜାହିର କରିବା ପରେ ଜଙ୍ଗଲ ନିକଟସ୍ଥ ଗାଁଲୋକେ ଭୟଭୀତ ହୋଇଛନ୍ତି। ଗତକାଲିଠାରୁ ବାଘକୁ ସନ୍ତୋଷପୁରୁ ବିଟ ଅଞ୍ଚଳରେ ଦେଖିବାକୁ ମିଳିଥିବାବେଳେ ତା'ର ପାଦଚିହ୍ନକୁ ଅନୁସରଣ କରି ବନଭିଭାଗ କର୍ମଚାରୀ ହଦଗଡ଼ ଜଙ୍ଗଲ ଆଡ଼କୁ ଟ୍ରାପ କରି ନିଆଯାଉଥିବା ଆନନ୍ଦପୁର ରେଞ୍ଜର ନବ ନାଏକ ସ୍ପଷ୍ଟ କରିଛନ୍ତି।

## ଟ୍ରେନ ଧକ୍କାରେ ଦନ୍ତାହାତୀର ମୃତ୍ୟୁ ଘଟଣା
# ବନପାଳଙ୍କ ସମେତ ଦୁଇ ବନରକ୍ଷୀଙ୍କୁ ନିଲମ୍ବନ

ବେତନଟୀ,(ସବ୍ୟୁ): ଗତ ୧ତାରିଖ ରାତିରେ ବାରିପଦା ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଶାଲିମାର ସୁପରଫାଷ୍ଟ ଟ୍ରେନ ଧକ୍କାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁ ଘଟଣାରେ ବନବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଏଥିରେ ବେତନଟୀ ବନପାଳଙ୍କ ସମେତ ଦୁଇଜଣ ବନରକ୍ଷୀଙ୍କୁ ନୀଲମ୍ବନ କରାଯାଇଛି ।ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ପ୍ରକାଶଚାନ୍ଦ ଗୋଗିନେନି ନିଜର କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୨୭୪/୨ଏଫ- ୧୨୪/୨୦୨୫ ତା ୩/୧୧/ ୨୦୨୫ରିଖରେ ହାତୀଚଳାଚଳକୁ ନେଇ ରେଳବିଭାଗ ସହିତ ସମନୟ ରକ୍ଷା କରି ନଥିବ ତଥା ହାତୀ ପରିଚାଳନା ଦାୟୀତ୍ୱରେ ଅବହେଳା ପ୍ରଦର୍ଶନ ପାଇଁ ଚାକିରୀରୁ ନିଲମ୍ବନ କରିଛନ୍ତି । ଏଥିସହିତ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ନୀଳମ୍ବିତ ବନପାଳ ପ୍ରଦୀପ ଦେହୁରୀଙ୍କୁ ହେଡକ୍ୱାର୍ଟର ଛାଡି ଯିବାକୁ ମଧ୍ୟ ବାରଣ କରାଯାଇଛି । ଅନୁରୂପ ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶାଳ ମଧ୍ୟ ହାତୀ ପରିଚାଳନା ଦାୟୀତ୍ୱରେ ଅବହେଳା ଏବଂ ରେଳବିଭାଗ ସହିତ ସମନୟ ରକ୍ଷା କରିବାରେ ବିଫଳ ହୋଇଥିବାରୁ ନଡପୁର ବନରକ୍ଷୀ ହୃଶୀକେଶ ବେହେରା ଏବଂ ଯୁଗୋଳ ଜୟନ୍ତୀ ପାତ୍ରଙ୍କୁ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ଯଥାକ୍ରମେ ୩୭୭/୨ଏଫ ତା୩/ ୧୧/୨୦୨୫ରିଖ ଏବଂ ୩୭୮/୨ଏଫ ତ୩/୧୧/ ୨୦୨୫ରିଖ ଅନୁଯାୟୀ ଚାକିରୀରୁ ନୀଲମ୍ବନ କରିଛନ୍ତି ।

## ବାଣ ଫୁଟି ନାବାଳକ ଗୁରୁତର

ବାହାନଗା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବିରୁଆଁରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ମୁତାବକ ଏହି ଗ୍ରାମର ମଣ୍ଟୁ ଦାସଙ୍କ ପୁତ୍ର ଦୀପକ(୧୨)ସନ୍ଧ୍ୟା ସମୟରେ ବାଣ ଫୁଟାଉଥିଲେ।ସେହି ସମୟରେ ବାଣଟି ନ ଫୁଟିବାରୁ ନିଜ ଡାହାଣ ଗୋଡ଼ରେ ବାଣ ଉପରେ ଗୋଡ଼ ମାରି ଦେଖୁଥିଲେ।ହଠାତ ବାଣଟି ଫୁଟି ଯିବାରୁ ଦୀପକ ଗୁରୁତର ଆହତ ହୋଇଥିଲେ।ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଦୀପକ ଫେରି ଥିବାର ଜଣା ପଡ଼ିଛି।

## ବାରହା ମାଂସ ଭାଗବଣ୍ଟା ବେଳେ ବନ ବିଭାଗର ଚଢାଉ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଖଡିଶୋଳ ପଞ୍ଚାୟତର କରଞ୍ଜିଆ ଗାଁ ଜଙ୍ଗଲ ସଂଲଗ୍ନ ପୋଖରୀ ପାର୍ଶ୍ୱରେ ଜଙ୍ଗଲୀ ବାହା ଶିକାର କରି ମାଂସ ଭାଗବଣ୍ଟା କରାଯାଉଥିବାର ଖବରପାଇ ବନବିଭାଗ ପକ୍ଷରୁ ବୁଧବାର ଅପରାହ୍ନରେ ଚଢାଉ କରି ୪୨କେଜି ବାରହା ମାଂସ ସମେତ ଏକ କଟୁରୀ ଜବତ କରିଛି । ସୂଚନା ମୁତାବକ ଖଡିଶୋଳ, ମସିଣାକାଟି, କରଞ୍ଜିଆ, ଡୁମାପଦା, ଶଙ୍ଖଯୋଡ ଇଲାକାରେ ଜଙ୍ଗଲୀ ବାହା ବିଚରଣ କରୁଥିବା ବେଳେ କିଛି ଶିକାରୀ ବାହା ଶୀକାର କରିବାପରେ କରଞ୍ଜିଆ ଜଙ୍ଗଲ ସଂଲଗ୍ନ ପୋଖରୀ ପାର୍ଶ୍ୱରେ ମାଂସ ଭାଗବଣ୍ଟା କରୁଥିଲେ । ଏନେଇ ବିଶ୍ୱସ୍ତସୂତ୍ରରୁ ଖବରପାଇ ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିବା ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ ସଦଳବଳେ ବୁଧବାର ଅପରାହ୍ନ ୨ଟା ପାଖାପାଖ ସମୟରେ ଅତର୍କିତ ଚଢାଉ କରିଥିଲେ । ବନବିଭାଗର ଚଢାଉକୁ ଦେଖି ଶିକାରୀମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲେ ଘଟଣାସ୍ଥଳରେ ବନବିଭାଗ ୪୨କଜି କଟା ମାଂସ ସମେତ ଏକ ପାଷ୍ଟିକ ଅଖା ଭିତରେ ରଖାଯାଇଥିବା ଜଙ୍ଗଲୀ ବାରହା ମୁଣ୍ଡ ଏବଂ ଏଥିରେ ବ୍ୟବହୃତ ଧାରୁଆ କଟୁରୀକୁ ମଧ୍ୟ ଜବତ କରାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ବୁଧବାର ଛୁଟି ଥିବାରୁ ଗୁରୁବାର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦାରା ସଂରକ୍ଷିତ ରଖାଯାଇଥିବା ମାଂସ ନମୂନାର ପରୀକ୍ଷଣ କରାଯିବ ବୋଲି ଡେ ପତି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି ।

## ଶ୍ରୀବଳଦେବ ଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

କେନ୍ଦୁଝର,(ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଞ୍ଚ ଦିନ ପଞ୍ଚୁକ ପାଳନ ପରେ ଶେଷ ଦିନ। ଏହି ଦିନ ପୁଣି ଆମର ପ୍ରାଚୀନ ନୌ ପରମ୍ପରାକୁ ମନେ ପକାଇ ବୋଇତ ବନ୍ଦାଣ ଡଙ୍ଗା ଭସା ପର୍ବ। ତେଣୁ ଜିଲ୍ଲା ସାରା ସକାଳୁ ଭକ୍ତ ଶ୍ରଦ୍ଧାଳୁମାନେ ଚଳଚଞ୍ଚଳ ହୋଇ ଉଠିଥିଲେ। ସକାଳୁ ଉଠି କଦଳୀ ପାଟୁଆ ସୋଲ ଡଙ୍ଗା ଧରି ପାଖ ପୁଷ୍କରଣୀ ନଦୀରେ ଭସାଇ ବୁଡ଼ ଦେଇ ଦେବାଳୟରେ ଦିଅଁ ଦର୍ଶନ କରିଥିଲେ। ତେଣୁ କେନ୍ଦୁଝରର ରାଷ୍ଟ୍ର ଦେବତା ପୁରୁଣା ସହରର ଶ୍ରୀ ବଳଦେବ ଜୀଉ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅଗଣିତ ଭକ୍ତ ସକାଳ ଅନ୍ଧାରରୁ ଆସି ଭୋଗ ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ଶ୍ରୀ ବଳଦେବଙ୍କୁ ଦର୍ଶନ କରି କୃପା ଆର୍ଶୀବାଦ ଲାଭ କରିଥିଲେ। ଧାଡ଼ିରେ ଶାନ୍ତି ଶୃଙ୍ଖଳା ସହ ସମସ୍ତେ ଦର୍ଶନ କରିଥିଲେ ମନ୍ଦିର ବାହାରେ ସୁରକ୍ଷା କାରଣରୁ ଦୀପ ଜଳାଇବା ବ୍ୟବସ୍ଥା କରାଯାଇଥିଲା। ଭିତରେ ଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଆଦି ସବୁ ମନ୍ଦିରରେ ଭକ୍ତ ଗହଳି କରିଥିଲେ। ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିଲା ବାହାରେ ସିଂହ ଦ୍ୱାର ସାମନାରେ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ କମିଟି ଦ୍ୱାରା ସୁର ନିକେତନ କଳାକାରଙ୍କୁ ନେଇ ଭଜନ ସମାରୋହ ହୋଇଥିଲା।

## ତରତୁଆରେ ବୋଇତ ବନ୍ଦାଣ ଉତ୍ସବ

ନୀଳଗିରି,(ସବ୍ୟୁ): -ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ତରତୁଆ ଗ୍ରାମର ତରତୁଆ ଶିବ ମନ୍ଦିର ନିକଟସ୍ଥ ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଛି । ଦୀର୍ଘ ୫ଦିନ ଧରି ଗ୍ରାମବାସୀମାନେ ୧୩୦ ଫୁଟ୍ ଲମ୍ବା ଏବଂ ୧୨ଫୁଟ ଉଚ୍ଚତା ବିଶିଷ୍ଟ ବୋଇତ ନିର୍ମାଣ କରିବା ସହ ରାଧାକୃଷ୍ଣଙ୍କ ମୂର୍ତ୍ତି ବୋଇତ ମଧ୍ୟ ରେ ରଖି ପୂଜା କରିବା ଏବଂ ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର ଏବଂ ଶଙ୍ଖ ହୁଳହୁଳି ର ଦୃଶ୍ୟ ବେଶ୍ ଆକର୍ଷଣୀୟ ଥିଲା ।ସେହିପରି ଉତ୍ତର ଓଡ଼ିଶାର ମନ୍ଦିରମାଳିନୀ ସହର ଭାବରେ ଖ୍ୟାତ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ବହୁ ପୁରାତନ ଦେବାଦେବୀଙ୍କ ପୀଠ ରହିଛି। ପବିତ୍ର ପଞ୍ଚୁକ ତଥା ରାହାସ ପୂର୍ଣ୍ଣିମା ଅବସରରେ ନୀଳଗିରିର ବିଭିନ୍ନ ଦେବାଦେବୀ ମନ୍ଦିରରେ ପ୍ରବଳ ଗହଳି ଲାଗି ରହିଥିଲା। ପଞ୍ଚୁକଶେଷ ଦିନରେ ମହିଳା ମାନେ ଓଡ଼ିଆ ପରମ୍ପରା ଅନୁଯାୟୀ ଭୋର ସମୟରେ ବିଭିନ୍ନ ଜଳାଶୟ ମାନଙ୍କରେ ଡଙ୍ଗା ଭସାଇବା ସହିତ ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର ସଙ୍ଗୀତଗାନ କରିବା ସହିତ ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ଉଦ୍ଭବିତ କରିବାକୁ ଭୁଲିନଥିଲେ। ତେବେ ନୀଳଗିରି ସହରର ବିଭିନ୍ନ ପୁଷ୍କରିଣୀ ମାନଙ୍କରେ ମହିଳାମାନେ ଡଙ୍ଗା ଭସାଇଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବାର ଦେଖାଯାଇଥିଲା।

## ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ପଞ୍ଚୁକ ଉତ୍ସବ ପାଳନ

ଧାମନଗର,(ସବ୍ୟୁ): ଧାମନଗର ଅଞ୍ଚଳର ପୁରପଲ୍ଲୀରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପାରମ୍ପରିକ ଡଙ୍ଗାଭସା ଉତ୍ସବ ଓ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି।ଧର୍ମ ମାସ କାର୍ତ୍ତିକ ମାସ ଶେଷରେ ହବିଷାଳୀ ମାନେ ସେମାନଙ୍କର ବ୍ରତ ଶେଷକରି ବୁଧବାର ପ୍ରତ୍ୟୁଷରୁ ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଡଙ୍ଗା ଭସାଇ ନିଜ ନିଜ ପରିବାରର ଶୁଭ ମନାସିଥିଲେ। ଧାମନଗର ରେ ପ୍ରବାହିତ ପୂଣ୍ୟତୋୟା ବୈତରଣୀ, କୋଚିଳା, ଗେଙ୍ଗୁଟି, ରେବ,କପାଳି ଓ ଯନ୍ତ ଆଦି ନଦୀର ବିଭିନ୍ନ ଘାଟରେ ହଜାର ହଜାର ସଂଖ୍ୟାର ଲୋକେ ପବିତ୍ର କାର୍ତ୍ତିକ ବୁଡ ପକାଇଥିବାବେଳେ ଗାଁପୋଖରୀ ଆଦିରେ ପବିତ୍ର ସ୍ନାନ କରି ଲୋକେ ଡଙ୍ଗା ଭସାଇ ନିକଟରେ ଥିବା ଦେବାଦେବୀଙ୍କୁ ଦର୍ଶନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। କିଲା ଳେଶ୍ୱର, ଧର୍ମେଶ୍ୱର, ଲିଙ୍ଗେଶ୍ୱର,ହଟେଶ୍ୱର ମହାଦେବ,ଧାମନଗର ସ୍ଥିତ ଶ୍ରୀରାମ ମନ୍ଦିର ଓ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।

# ଡିବି.ଟେକ ଲୋଗୋ ଉନ୍ମୋଚନ




ଠାକୁରମୁଣ୍ଡା,(ସବ୍ୟୁ): ଡନ ବସ୍କୋ ଟେକ ସୋସାଇଟି (ଡିବି.ଟେକ)ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନର ନୂତନ ଲୋଗୋ ଉନ୍ମୋଚନ ଉତ୍ସବ ଠାକୁରମୁଣ୍ଡା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି ।ଠାକୁରମୁଣ୍ଡା କେନ୍ଦ୍ର ମୁଖ୍ୟ ଶରତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନୂତନ ଲୋଗୋ ଉନ୍ମୋଚନ କରିଥିଲେ । ଅନୁଷ୍ଠାନର ପ୍ରଶିକ୍ଷକ, କର୍ମଚାରୀ ଓ ତାଲିମାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ ।ଏହି ପ୍ରସଙ୍ଗରେ ଟିଜର ଭିଡିଓ, ବ୍ୟାନର ପ୍ରଦର୍ଶନ ଓ ଶପଥ ଗ୍ରହଣ କରାଯାଇଥିଲା । ଏହି ଆୟୋଜନ ଡିବି.ଟେକ୍ର ୨୦ ବର୍ଷ ଅଭିଯାନର ଯାତ୍ରାକୁ ଚିହ୍ନିତ କରିବା ସହ ସମସ୍ତଙ୍କୁ ନବ ଉତ୍ସାହର ସହିତ ଆଗକୁ ବଢିବାକୁ ଉତ୍ସାହିତ କରିଥିଲା । ଶେଷରେ କେନ୍ଦ୍ର ସଂଯୋଜକ ଜଗଦୀଶ ପ୍ରସାଦ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଫେକର୍ ଫେରୋକ୍ରୋମ ଉତ୍ପାଦନରେ କୋକ ପାଇଁ ଏକ ଅସ୍ଥାୟୀ ବିକଳ୍ପ ଭାବେ ବାୟୋଚାର୍ ଉପରେ କରିଛି ପାଇଲଟ ପରୀକ୍ଷା

ଭଦ୍ରକ ,(ସବ୍ୟୁ): ଫେରୋ ଆଲୋଏଜ କର୍ପୋରେସନ ଲିମିଟେଡ , ବେଦାନ୍ତ ଗ୍ରୁପ କମ୍ପାନୀ, ବାୟୋଚାର୍ କୁ ଏକ ଅସ୍ଥାୟୀ ଏବଂ କମ-କାର୍ବନ ବିକଳ୍ପ ଭାବେ ପାରମ୍ପରିକ କୋକ ପ୍ରତିବର୍ତ୍ତୀ ଭାବେ ଫେରୋକ୍ରୋମ ଉତ୍ପାଦନରେ ବ୍ୟବହାର କରି ସଫଳ ପାଇଲଟ ପରୀକ୍ଷା କରିଛି। ପାରମ୍ପରିକ ଭାବରେ, କୋକ ଏକ ଉଚ୍ଚ ସ୍ଥିର କାର୍ବନ ଅନୁପାତ ଥିବାରୁ ପସନ୍ଦୀୟ ରେଡକ୍ଟାଣ୍ଟ ଭାବେ ବ୍ୟବହୃତ ହୁଏ କିନ୍ତୁ ଏହା ସହିତ ଅଧିକ ପରିମାଣର ଅଙ୍ଗାରକାମ୍ଳ ଉତ୍ସର୍ଜନ ଏବଂ ପାଉଁଶ ଉତ୍ପାଦନ ଯୋଡ଼ିତ ଅଛି।ଫେକର୍ ପାଇଲଟ ପରୀକ୍ଷା କରି ଦେଖାଇଛି ଯେ ଫେରୋକ୍ରୋମ ଉତ୍ପାଦନରୁ ମୋଟ ଅଙ୍ଗାରକାମ୍ଳ ନିର୍ଗତର ପ୍ରାୟ ଶତକଡା ପାଞ୍ଚ ଭାଗ ପର୍ଯ୍ୟନ୍ତ କମେଇବା ସମ୍ଭବ ହୋଇଛି, ଯାହା ୨୦୫୦ ସୁଦ୍ଧା ନେଟ ଜିରୋ କାର୍ବନ ଲକ୍ଷ୍ୟ ପ୍ରାପ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବାୟୋଚାର୍ କୁ ପାଏରୋଲିସିସ ପ୍ରକ୍ରିୟା ଦ୍ୱାରା ଉତ୍ପାଦନ କରାଯାଏ ଯାହା ହେଉଛି ଅକ୍ସିଜେନ ବିନା ଜୈବିକ ପଦାର୍ଥ (ଯେପରିକି ବାଉଁଶ) ର ତାପୀୟ ବିଘଟନା।ଏହାକୁ ଏକ କାର୍ବନ ନିରପେକ୍ଷ ପଦାର୍ଥ ଭାବେ ଶ୍ରେଣୀଭୁକ୍ତ କରାଯାଇଛି, ଯାହା କମ ପାଉଁଶ ଯୁକ୍ତ ଏବଂ କାର୍ବନ ସିକ୍ୱେଷ୍ଟେସନ ର ଲାଭ ଦେଇଥାଏ।ବାୟୋମାସ ବୃଦ୍ଧି




ସମୟରେ ଶୋଷିତ କାର୍ବନ ଏବଂ ବ୍ୟବହାର ସମୟରେ ମୁକ୍ତ ହେଉଥିବା କାର୍ବନ ମଧରେ ସମତା ରଖି ଏହା ଏକ ସ୍ଥାୟୀ ଏବଂ ବୃହତ୍ତ ଉତ୍ପାଦନ ପ୍ରକ୍ରିୟା ସୁନିଶ୍ଚିତ କରିବା।ଜୀବନ ଚକ୍ର ମୂଲ୍ୟାଙ୍କନ ଫୁଟପ୍ରିଣ୍ଟ ଅଧ୍ୟୟନର ଫଳାଫଳ ଉପରେ ଆଧାର କରି, ଫେକର୍ ତାହାର ଉତ୍ପାଦନ ପ୍ରକ୍ରିୟାରେ ବାୟୋଚାର୍ କୁ ଏକ ସଫା ଏବଂ ସବୁଜ ରେଡକ୍ଟାଣ୍ଟ ଭାବେ ସମିଳିତ କରିବାକୁ ପ୍ରସ୍ତୁତ।

କମ୍ପାନୀ ଆଗାମୀ ଅଧ୍ୟୟନ ମାଧ୍ୟମରେ ଫେରୋକ୍ରୋମ ଉତ୍ପାଦନରେ ବାୟୋଚାର୍ ର ମାପନୀୟତା ଏବଂ ବାଣିଜ୍ୟିକ କାର୍ଯ୍ୟକ୍ଷମତା ର ଅଧିକ ଅନୁସନ୍ଧାନ କରିବା ଏହି ମାଇଲଖୁଣ୍ଟ ଫେକର୍ ର ଦାୟିତ୍ୱ ମାଇନିଂ ଏବଂ ସବୁଜ ଧାତୁ ଉତ୍ପାଦନ ପ୍ରତି ସମର୍ପଣକୁ ଆହୁରି ମଜବୁତ କରିଛି, ଯାହା ଭାରତର ସ୍ଥାୟୀ ଶିଳ୍ପୀୟ ଭବିଷ୍ୟତ ପାଇଁ ଏକ ସାମୂହିକ ରୂପାନ୍ତରଣକୁ ଅଗ୍ରସର କରୁଛି।

## ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହରର ଟୁଲଙ୍କ ସାହି ଛତୁଆ ପୋଖରୀଠାରେ ଦୁଇ ଦିନିଆ ବୋଇତ ବନ୍ଦାଣ ଉତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ରାଜ୍ୟ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ ଉଦ୍ଘାଟନ କରିଥିଲେ। ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ଓ ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦଦୁଲାଲ ଘଡ଼େଇ ମୁଖବକ୍ତା ଭାବେ ଯୋଗ ଦେଇ ମହାନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ ବୋଲି କହିଥିଲେ । ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପାଧକ୍ଷ ତଥା କମିଟିର ସଭାପତି ମନୋଜ



କୁମାର ରାଉତ ଏଥିରେ ପୌରହିତ୍ୱ କରିଥିବା ବେଳେ କୋଷାଧକ୍ଷ ପ୍ରାଣକୃଷ୍ଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଲ ଇଣ୍ଡିଆ ସି-ଫୁଡ ଏକ୍ସପୋଟର୍ସ ଆସୋସିଏସନ ଓଡ଼ିଶା ଚାପ୍ଟରର ନୂତନ ସଭାପତି ଭାବେ ମନୋନୀତ ହୋଇଥିବା ଯୁବ ଶିଳ୍ପଦ୍ୟୋଗୀ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କମିଟିର ବରିଷ୍ଠ ସଦସ୍ୟ ରମାକାନ୍ତ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

(ଶ୍ରୀମଦ୍‌ଭଗବଦ୍‌ ଗୀତା ୧/୩)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ! ମହତୀଂ ଚମୂମ୍ ।**
**ବ୍ୟୂଢ଼ାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ॥ ୩ ॥**

ହେ ଆଚାର୍ଯ୍ୟ ! (ଗୁରୋ) ଧୀମତା ତବ ଶିଷ୍ୟେଣ ଦ୍ରୁପଦପୁତ୍ରେଣ (ଧୃଷ୍ଟଦ୍ୟୁମ୍ନେନ) ବ୍ୟୂଢ଼ାଂ ବ୍ୟୂହାକାରେଣ ବ୍ୟବସ୍ଥିତାଂ) ପାଣ୍ଡୁପୁତ୍ରାଣାଂ (ଯୁଧିଷ୍ଠିରାଦୀନାଂ) ଏତାଂ (ସମ୍ମୁଖେ ସ୍ଥିତାଂ) ମହତୀଂ (ବିପୁଳାଂ) ଚମୂଂ (ସୈନ୍ୟଂ) ପଶ୍ୟ (ଅବଲୋକୟ) ॥ ୩ ॥

# ନିର୍ବାଚନ ଲଢ଼େଇ ପ୍ରସଙ୍ଗଭିତ୍ତିକ ହେଉ

ଆମ ରାଜ୍ୟର ନୂଆପଡ଼ାଠାରେ ହେଉଥିବା ଉପ-ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଦୁଇ ପ୍ରମୁଖ ରାଜନୀତିକ ଦଳ ମଧ୍ୟରେ ପ୍ରସଙ୍ଗ ବାହାରକୁ ଯାଇ ଯେପରି ବ୍ୟକ୍ତିଗତ ସ୍ତରକୁ ଓହ୍ଲାଇ ଆରୋପ ପ୍ରତ୍ୟାରୋପ ଚାଲିଛି ତାହା ଅନୁଚିତ । ଅବଶ୍ୟ ବିଜେଡି ଦଳ ପକ୍ଷରୁ ଏପରି ନିମ୍ନ ସ୍ତରକୁ ଯାଇ ଦୋଷାରୋପ କରାଯିବାରୁ ଏହାର ଜବାବ ଦେବାକୁ ଶାସକ ବିଜେପି ଦଳ ମଧ୍ୟ ପଛେଇ ଯାଇନାହିଁ ।

ଏହି ଉପ-ନିର୍ବାଚନରେ ଶାସକ ବିଜେପି ଦଳ ଜୟଯୁକ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ନୂଆପଡା ନିର୍ବାଚନମଣ୍ଡଳୀର ଅନେକ ସଚେତନ ବ୍ୟକ୍ତି ମତ ବ୍ୟକ୍ତ କରିଥିବା ବେଳେ ଆଉ କେତେକ କହିଛନ୍ତି ଯେ ସେଠାରୁ ଏହି ଉପ ନିର୍ବାଚନରେ ବିରୋଧୀ ଦଳର ପ୍ରାର୍ଥୀ ଜିତିବେ । ସାଧାରଣତଃ ଉପ ନିର୍ବାଚନରେ କ୍ଷମତାସୀନ ରାଜନୀତିକ ଦଳର ବିଜୟ ସମ୍ଭାବନା ରହିଥାଏ । କିନ୍ତୁ ଏଥର ଯଦି ଶାସକ ବିଜେପି ଦଳର ପ୍ରାର୍ଥୀ ବିଜୟୀ ହେବେ, ତେବେ ଦୁଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ପାଇଁ ଏହା ଏକ ସମ୍ମାନର ପ୍ରଶ୍ନ ହେବ ବୋଲି ଯାହା କୁହାଯାଉଛି, ତାହା ଠିକ୍ ।

ଏହି ଉପ ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଛି ଦିନ ତଳେ ପ୍ରଚାରରେ ଯାଇଥିଲେ ଏବଂ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ସେହି ଆସନରୁ ଜିତିବେ ଏବଂ ଦ୍ୱିତୀୟ ସ୍ଥାନରେ କଂଗ୍ରେସ ରହିବ ବୋଲି ସୂଚନା ଦେଇଥିଲେ । ଯାହା ମନେ ହେଉଛି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେ କଥା କହିବା ପରେ ଦୁଇ ପ୍ରମୁଖ ବିରୋଧୀ ରାଜନୀତିକ ଦଳ ଯଥା କଂଗ୍ରେସ ଓ ବିଜେଡି ମଧ୍ୟରେ ସମ୍ଭବତଃ ଦ୍ୱିତୀୟ ସ୍ଥାନରେ ରହିବା ଲାଗି ତୀବ୍ର ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇ ଯାଇଛି । ବିଜେଡି ଜୟଯୁକ୍ତ ହୋଇ ନପାରିଲେ ମଧ୍ୟ ବିଧାନସଭାରେ ବିରୋଧୀ ଦଳରେ ଥାଇ ନିଜର ମର୍ଯ୍ୟାଦା ରକ୍ଷା କରିବା ଲାଗି ଅନ୍ତତଃ ଦ୍ୱିତୀୟ ସ୍ଥାନରେ ରହିବାକୁ ଏବେ ଉଦ୍ୟମ ଆରମ୍ଭ କରିଛି । ବିଜେଡିର ସୁପ୍ରିମୋ ତଥା ରାଜ୍ୟ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମଧ୍ୟ ନୂଆପଡ଼ା ଗସ୍ତ କରିଛନ୍ତି । ସେ ଚବିଶ ବର୍ଷ କାଳ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବାରୁ ନୂଆପଡ଼ାର ବିଧାନସଭା ନିର୍ବାଚନମଣ୍ଡଳୀର ଅନେକ ଭୋଟଦାତାଙ୍କ ଉପରେ କିଛିଟା ପ୍ରଭାବ ରହିବ ବୋଲି କୁହାଯାଇ ପାରେ । ମାତ୍ର ତାଙ୍କ ଦଳରେ କନ୍ଦଳ ଥିବା କାରଣରୁ ତଥା ଓଡ଼ିଶାରେ ବିଜେଡି ପୁଣି ଥରେ ସରକାର ଗଢ଼ିବାର ସମ୍ଭାବନା ନଥିବାରୁ ସାଧାରଣ ଓ ଶିକ୍ଷିତ ଭୋଟଦାତାମାନେ ବହୁ ସଂଖ୍ୟାରେ ବିଜେଡ଼ି ପ୍ରାର୍ଥୀଙ୍କୁ ଏଥର ଭୋଟ ମିଳ ନ ପାରେ ବୋଲି କହୁଛନ୍ତି । ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆ ନବୀନଙ୍କ ସରକାରରେ ମନ୍ତ୍ରୀ ଥିଲେ ମଧ୍ୟ ସେପରି କିଛି ବ୍ୟକ୍ତିତ୍ୱ ତାଙ୍କର ଥିଲା ବୋଲି ଜଣାପଡ଼େ ନାହିଁ ଏବଂ ନୂଆପଡ଼ା ତାଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇ ନଥିବାରୁ କେବଳ ମହିଳା କାର୍ଡରେ ସେ ଜିତିବା କଷ୍ଟକର । ପୁଣି ତାଙ୍କ ଦଳର ନେତା ନବୀନ ପଟ୍ଟନାୟକ ବିଜେପି ପ୍ରାର୍ଥୀଙ୍କୁ 'ବେଇମାନ' କହି ଗାଳି ଦେବା ଘଟଣା ମଧ୍ୟ ଭୋଟଦାତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

ଅପରପକ୍ଷରେ ବିରୋଧୀ କଂଗ୍ରେସ ଦଳର ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କ ରଣ କୌଶଳ ତାଙ୍କୁ ବିଜେଡି ଠାରୁ ଆଗକୁ ନେଇ ଯିବାର ସମ୍ଭାବନା ରହିଛି । ତାଙ୍କ ଦଳର ପ୍ରାର୍ଥୀ ଘାସିରାମ ମାଝୀ ଗତ ସାଧାରଣ ନିର୍ବାଚନରେ ଅଳ୍ପ ଭୋଟରେ ହାରି ଯାଇଥିଲେ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ କଂଗ୍ରେସ ଏ ଆସନଟି ହାସଲ କରିବାର ସମ୍ଭାବନା ନାହିଁ । ଶ୍ରୀ ମାଝୀ ଘର ଘର ବୁଲି ଯେତେ ମୁଣ୍ଡିଆ ମାରିଲେ ବି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପ୍ରଭାବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାବମୂର୍ତ୍ତି ତଥା ରାଜ୍ୟ ଶାଖା ବିଜେପି ନେତା ମନମୋହନ ସାମଲଙ୍କ ପ୍ରଚାର କୌଶଳ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପକ୍ଷରେ ଯିବ ବୋଲି ସୂଚନା ମିଳୁଛି ।

## ଭକ୍ତ ହିଁ ସର୍ବଶ୍ରେଷ୍ଠ

**ରାଜା ରାଜ୍ୟକୁ ପରିଚାଳନା କରୁଥିବାବେଳେ, ଯୋଗୀ ଜଗତକୁ ପରିଚାଳନା କରେ, ଜଗତକୁ ପରିଚାଳନା କରୁଥିବା ଯୋଗୀକୁ ପରିଚାଳନା କରନ୍ତି ଭଗବାନ ଆଉ ସର୍ବଶେଷ୍ଠ ପରାକ୍ରମୀ ଭଗବାନଙ୍କୁ ପରିଚାଳନା କରେ ଜଣେ ସମର୍ପିତ ଭକ୍ତ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶୁଦ୍ଧ ଜଳ ଜହର ନହେଉ



**ସୁଧାଂଶୁ ଶେଖର ଧଡା**

ଜଳକୁ ଛାଡି ଜୀବଜଗତର ସ୍ଥିତିନାହିଁ । ଜଳର ବ୍ୟବହାର ସହିତ ଏହାର ପ୍ରଦୂଷଣ ଜଡିତ । ବ୍ୟବହାର ହେଲେ ଏହା ନିଶ୍ଚିତ ଦୂଷିତ ହେବ । କିନ୍ତୁ ବ୍ୟବହାର ପରେ ଏହାର ପରିଷ୍କାର ପ୍ରତି ଧ୍ୟାନ ଦିଆ ନଗଲେ କିମ୍ବା ଏହାର ଉପଯୋଗ ଜନିତ ଅଭ୍ୟାସର ପରିବର୍ତ୍ତନ ନହେଲେ ଜଳ ଜୀବନ ନହୋଇ ଜହରରେ ପରିଣତ ହୋଇଯିବ । ଦୂଷିତ ଜଳ ଜୀବଜଗତର ଯେତିକି କ୍ଷତି କରିବ, ତାର ଭରଣା ସମ୍ଭବ ହେବ ନାହିଁ । ଆମ ଦେଶରେ ବିଭିନ୍ନ ପର୍ବପର୍ବାଣୀ ପାଳନ ସହିତ ଜଳର ଘନିଷ୍ଠ ସମ୍ପର୍କ ରହିଛି । ବର୍ତ୍ତମାନ ବିଶ୍ୱ ପରିବେଶ ଓ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ହେଉଥିବା ଲକ୍ଷ୍ୟ କରାଯାଉଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଅତିବୃଷ୍ଟି ହେଉଥିବା ଲକ୍ଷ୍ୟ କରାଗଲାଣି । ଅତିବୃଷ୍ଟି କେବଳ ପାର୍ବତ୍ୟ ଅଞ୍ଚଳରେ ନୁହେଁ, ତଟୀୟ ଅଞ୍ଚଳରେ ମଧ୍ୟ ହେବା ଦେଖା ଗଲାଣି । ଚଳିତ ବର୍ଷ ରାଜ୍ୟରେ ମୌସୁମୀ ପ୍ରବାହ ସମୟରେ ବିଭିନ୍ନ ପାର୍ବତ୍ୟାଞ୍ଚଳରେ ଅତିବୃଷ୍ଟି ହୋଇଛି । କଳିଙ୍ଗା ଘାଟି ପାର୍ବତ୍ୟାଞ୍ଚଳରେ ଅତିବୃଷ୍ଟି ଫଳରେ ଭୂସ୍ଖଳନ ଯୋଗୁଁ ଘାଟିର ରାସ୍ତା ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଛି । ଏହାର ମରାମତି ଲାଗି ପ୍ରାୟ ଦେଢ ମାସରୁ ଅଧିକ ସମୟ ଲାଗିବାର ଆକଳନ କରାଯାଇଥିଲା । ତଟୀୟ ପୁରୀ ସହର ଭିତରେ ଅକ୍ଟୋବର ଶେଷ ଭାଗରେ ଅତିବୃଷ୍ଟି ହୋଇ ବଡଦାଣ୍ଡ ଛୋଟ ଏକ ନଦୀରେ ପରିଣତ ହୋଇଗଲା । ଜିଲ୍ଲା ମୁଖ୍ୟ ଡାକ୍ତରଖାନା ୱାର୍ଡ୍ ଭିତରେ ଫୁଟେ ଉଚ୍ଚର ପାଣି ପଶିଗଲା । ପରିବେଶଗତ ପରିବର୍ତ୍ତନ ଓ ବୃଷ୍ଟିପାତର ବିଶ୍ଳେଷଣ କରିଲେ ଦେଖା ଯାଉଛି ଯେ ଗୋଟିଏ ପକ୍ଷରେ ଜଳପ୍ରଳୟ ଭଳି ଘଟଣା ବଢି ଚାଲୁଛି, ଅନ୍ୟ ପକ୍ଷରେ ରାଜ୍ୟରୁ ମୌସୁମୀ ପ୍ରବାହ ସରି ଆସିବା ବେଳକୁ କେତେକ ପାର୍ବତ୍ୟାଞ୍ଚଳରେ ଜଳକଷ୍ଟ ଆରମ୍ଭ ହୋଇଗଲାଣି । ଦ୍ରୁତ ସହରୀକରଣର ପ୍ରଥମ କୁପ୍ରଭାବ ପ୍ରାକୃତିକ ଓ ପାରମ୍ପରିକ ଜଳଉତ୍ସଗୁଡିକ ଉପରେ ପଡୁଛି । ବିଶୁଦ୍ଧ ପାନୀୟ ଜଳ ବୋତଲରେ ଏବଂ ବଡ ବଡ ଜାରରେ ଏବେ ବିକ୍ରି ହେଉଛି । ଦିନକୁ ଦିନ ପାଣି ବଜାରର ପରିସର ବଢୁଛି । ଚଳିତ ବର୍ଷ ବର୍ଷା ଋତୁରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଦୂଷିତ ହେବାରୁ ଶହ ଶହ ଲୋକ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି ହୋଇଥିଲେ । ଏହାର ସିଧାସଳଖ କୁପ୍ରଭାବ ରାଜଧାନୀ ଓ ରାଜ୍ୟର ଆଉ କେତୋଟି ସହରର ପାଣି ବଜାର ଉପରେ ପଡିଲା ।

ପୃଥିବୀର ୭୧ ଭାଗ ଅଂଶ ଜଳ ହୋଇଥିବା ସ୍ଥଳେ ସ୍ଥାନୀୟ ଉପଯୋଗୀ ମଧୁର ଜଳର ପରିମାଣ ମାତ୍ର ୩ ଭାଗ ସେଥିମଧ୍ୟରୁ ଅଢେଇ ଭାଗ ମେରୁ ଅଞ୍ଚଳରେ ବରଫ ଏବଂ ବାୟୁମଣ୍ଡଳରେ ଜଳକଣା ହୋଇ ରହିଛି । ମାତ୍ର ଏକ ଭାଗରୁ ଅଧା ଜଳ ଆମେ ସିଧାସଳଖ ବ୍ୟବହାର କରୁ । ବର୍ତ୍ତମାନ ଏତିକି ମଧ୍ୟ ପ୍ରଦୂଷଣ ମୁକ୍ତ ନୁହେଁ । ଏହି ପରିମାଣର ଜଳକୁ ପୃଥିବୀ ପୃଷ୍ଠର ନଦୀନାଳ ଭଳି ବିଭିନ୍ନ ପ୍ରାକୃତିକ ଉତ୍ସରୁ, କିମ୍ବା ଗଡିଆ- ପୋଖରୀ ଭଳି ପାରମ୍ପରିକ ଉତ୍ସରୁ କିମ୍ବା ଭୂ-ଗର୍ଭରୁ ସଂଗ୍ରହ କରାଯାଉଛି । କଳକାରଖାନା ଏବଂ ଜନବସତି ଅଞ୍ଚଳର ବର୍ଜ୍ୟଜଳ ପରିଚାଳନା କରିବା ଉଦ୍ୟମ ବିଭିନ୍ନ ସମୟରେ ବ୍ୟର୍ଥ ହେଉଛି । କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ମିଳିତ ଭାବେ ଜଳ ସୁରକ୍ଷା ଲାଗି ଏକ ଜାତୀୟ ଅଭିଯାନ ଗତ ସେପ୍ଟେମ୍ବର ୨୫ ତାରିଖରୁ ଆରମ୍ଭ କରି ଜାତୀୟ ସ୍ତରରେ ଜଳ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି । ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧୀନରେ ଜଳକଷ୍ଟ ଅନୁଭୂତ ହେଉଥିବା ବ୍ଲକ୍‌ଗୁଡିକରେ ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ ନିର୍ମାଣ ଉପରେ ଗୁରୁତ୍ୱ ଦିଆ ଯାଉଛି । ଭୂତଳ ଜଳ କ୍ରମାଗତ ଭାବରେ ନିମ୍ନଗାମୀ ହେଉଥିବାରୁ ଏହା ସମଗ୍ର ବିଶ୍ୱପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି । ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ 'କ୍ୟାଚ ଦି ରେନ୍', ବର୍ଷାଜଳ ଅମଳ, ଅମୃତ ସରୋବର ନିର୍ମାଣ ଆଦି ଯୋଜନା ମାଧ୍ୟମରେ ଜଳ ସଂରକ୍ଷଣ ଉପରେ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ଅନ୍ୟ ପକ୍ଷରେ ଜଳର ଅପବ୍ୟବହାର ସମ୍ପର୍କରେ ଲୋକେ ସଚେତନ ହେଉ ନାହାନ୍ତି ।

ସହରାଞ୍ଚଳରେ ବର୍ଜ୍ୟ ଜଳକୁ ସିଧାସଳଖ ପ୍ରାକୃତିକ.ଓ ପାରମ୍ପରିକ ଜଳ ଉତ୍ସଗୁଡିକ ସହିତ ମିଶାଇ ଦିଆଯାଉଥିବା ଦେଖାଗଲାଣି । ଏବେ ଅକ୍ଟୋବର ତୃତୀୟ ସପ୍ତାହରେ ରାଜଧାନୀରେ ବିଶୁଦ୍ଧ ଜଳ ଯୋଗାଣକାରୀ ସଂସ୍ଥା 'ୱାଟକୋ ସ୍ୱରେଜ' ପାଣିକୁ ବିଭିନ୍ନ ଜଳାଶୟରେ ଛାଡିବାକୁ ନିଷ୍ପତ୍ତି ନେଇଥିବାର ସମ୍ବାଦ ପ୍ରକାଶ ପାଇଛି । ଏହି ସମ୍ବାଦ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ଦୟା ୱେଷ୍ଟ ଶାଖା ଲିଙ୍ଗିପୁର କେନାଲରେ ସ୍ୱରେଜ ଜଳକୁ ଛଡାଯିବ । ଲୋକେ ଏପରି କାର୍ଯ୍ୟକୁ ତୀବ୍ର ବିରୋଧ କରିଲେଣି । ଏଣେ ଭୁବନେଶ୍ୱରର ସର୍ବଶ୍ରେଷ୍ଠ ତୀର୍ଥ ପୁଷ୍କରିଣୀ ବିନ୍ଦୁସାଗର ଜଳ ଅତି ମାତ୍ରାରେ ଦୂଷିତ ବୋଲି ଜଣାପଡିଲାଣି । ବର୍ଷସାରା ବିନ୍ଦୁସାଗର ଜଳରେ ତର୍ପଣ କାର୍ଯ୍ୟ ସହ ବିଭିନ୍ନ ସମୟରେ ପୂଜା, ପର୍ବ ଆଦିରେ ଧାର୍ମିକ କାର୍ଯ୍ୟର ଅବଶେଷକୁ ପକା ଯାଉଛି । ରାଜଧାନୀର ଉତ୍ତରରେ କୁଆଖାଇ ନଦୀ ଓ ଦକ୍ଷିଣ-ପୂର୍ବରେ ଦୟାନଦୀ ମଧ୍ୟକୁ ବର୍ଷସାରା ଲୋକେ ଘରୋଇ ପୂଜାପାଠର ଅବଶେଷକୁ ପୋଲ ଉପରେ ଛିଡାହୋଇ ଫୋପାଡୁଥିବା ଦେଖିବାକୁ ମିଳୁଛି । ପାଇପ ଯୋଗେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନଥିବା କିମ୍ବା ସୀମିତ ଥିବା ସମୟରେ କୂଅ, ପୋଖରୀ, ଗଡିଆ ନଦୀ ଭଳି ପାରମ୍ପରିକ ଜଳଉତ୍ସଗୁଡିକର ସର୍ବାଧିକ ବ୍ୟବହାର ହେଉଥିଲା । ତେଣୁ ସେଗୁଡିକ ବିଶେଷ ଅପରିଷ୍କାର ହେଉନଥିଲା । ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ବ୍ୟାପକ ହେବାପରେ ଏହି ଜଳଉତ୍ସଗୁଡିକ ସମ୍ପୂର୍ଣ୍ଣ ଭାବରେ ଅଦରକାରୀ ହୋଇପଡିଛି । ଏହିସବୁ ଜଳାଶୟଗୁଡିକ ଉପରେ ବୁଲାପ୍ରାଣୀ, ଜଳଚର ପକ୍ଷୀ, ଜଳଚର ଓ ଉଭୟଚର ଜୀବ, ଜଳଜ ଉଦ୍ଭିଦ ଆଦି ନିର୍ଭର କରି ପ୍ରକୃତିର ଭାରସାମ୍ୟ ରକ୍ଷା କରିଥାନ୍ତି । ଜଳାଶୟଗୁଡିକରେ ଏବେ ପାହାଚ ନିର୍ମାଣ ଏବଂ ଚାରିକଡ଼ ବନ୍ଧାହେବା ଦ୍ୱାରା ଏହା ପଶୁପକ୍ଷୀଙ୍କର ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ଏହାର କୁପ୍ରଭାବ ପ୍ରାଣୀ ଓ ଉଦ୍ଭିଦ ଜଗତ ଉପରେ ପଡୁଛି । ସହରାଞ୍ଚଳରେ ଅବ୍ୟବହୃତ ଜଳାଶୟକୁ ପୋତି ବାସଗୃହ ଉପଯୋଗୀ ଜମିରେ ପରିଣତ କରାଯାଉଛି । ଏହା ଫଳରେ ପରିବେଶର ଭାରସାମ୍ୟ ନଷ୍ଟ ହେଉଛି ।

ކ

କଳକାରଖାନା ଏବଂ ଘରୋଇ ବର୍ଜ୍ୟ ଜଳ ଦିନକୁ ଦିନ ଅଧିକ ପରିମାଣରେ ବ୍ୟବହାର ଓ ପାନୀୟ ଉପଯୋଗୀ ଜଳକୁ ଦୂଷିତ କରୁଛି । ଲୋକଙ୍କର ସାମୂହିକ ସାମାଜିକ ବ୍ୟବହାର ଏବଂ ଆଚରଣ ଦ୍ୱାରା ଦିନକୁ ଦିନ ଜଳ ପ୍ରଦୂଷଣର ମାତ୍ରା ବଢୁଛି । ପ୍ରାୟ ଦୁଇ ତିନି ଦଶନ୍ଧି ତଳେ ପାର୍ବଣ ଋତୁରେ ଜଳ ପ୍ରଦୂଷଣ ସମସ୍ୟା ଗୁରୁତର ହୋଇନଥିଲା । କିନ୍ତୁ ଏହି ଦୁଇ ତିନି ଦଶନ୍ଧି ମଧ୍ୟରେ ମୂର୍ତ୍ତି ପୂଜା ସଂଖ୍ୟା ବୃଦ୍ଧି ଏବଂ ପର୍ବପର୍ବାଣୀ ସଂଖ୍ୟା ବୃଦ୍ଧି ଯୋଗୁଁ ସ୍ୱତନ୍ତ୍ର ଗଡିଆ ଖୋଳି ବିସର୍ଜନ ପାଇଁ ଆଇନଗତ ଭାବରେ ବାଧ୍ୟ କରାଗଲାଣି । ତେବେ ଏଭଳି ମୂର୍ତ୍ତି ବିସର୍ଜନ ନିମିତ୍ତ କୃତ୍ରିମ ଜଳାଶୟକୁ ନଦୀ ନିକଟରେ ନକରି ଦୂରରେ କରାଯିବା ଆବଶ୍ୟକ । ନଦୀ ନିକଟରେ କୃତ୍ରିମ ଜଳାଶୟ କରି ବିସର୍ଜନ କାର୍ଯ୍ୟ କରାଯିବା ଦ୍ୱାରା ଦୂଷିତ ଜଳ ପ୍ରତ୍ୟକ୍ଷ ଭାବରେ ନଦୀ ଜଳରେ ନ ମିଶି ପରୋକ୍ଷ ଭାବରେ ବାଲିରେ ଝରି ନଦୀ ଜଳରେ ମିଶୁଛି । ବିଭିନ୍ନ ପୂଜା ଦ୍ରବ୍ୟର ଜଳରେ ବିସର୍ଜନ, ତର୍ପଣ, ଶ୍ରାଦ୍ଧକର୍ମ ଆଦି ଦ୍ୱାରା ଜଳ ଦୂଷିତ ହେଉଥିବାର ହଠାତ ଅନୁଭବ କରିହୁଏ ନାହିଁ । କିନ୍ତୁ କିଛି ମାସ କିମ୍ବା ବର୍ଷେ ମଧ୍ୟରେ ନିର୍ଦ୍ଦିଷ୍ଟ କେତେକ ଜଳାଶୟରେ ଟ୍ରକ ଟ୍ରକ ଆବର୍ଜନା ଜମି ରହୁଥିବା ଦେଖାଯାଉଛି । **ବିଭିନ୍ନ ପୂଜାର ଅବଶେଷ ଏବଂ ଘିଅ ଦୀପ ଜଳରେ ବିସର୍ଜନ କରାଯାଉଥିବାରୁ ଦୀର୍ଘକାଳୀନ ଭିତ୍ତିରେ ଆବଦ୍ଧ ଜଳରେ ମାଇକ୍ରୋସିଷ୍ଟିସ୍ ନାମକ ଅଣୁଜୀବ ସୃଷ୍ଟି ହୋଇ ଜଳକୁ ବ୍ୟବହାର ଅନୁପଯୋଗୀ କରିଦେଉଛନ୍ତି । ଏଗୁଡିକର ସଂଖ୍ୟା ବଢିଲେ ଜଳ ସବୁଜ ରଙ୍ଗ ଏବଂ ମୃତ୍ୟୁରେ ପେଜୁଆ ରଙ୍ଗ ଧାରଣ ସହ ଦୁର୍ଗନ୍ଧ ସୃଷ୍ଟି ହୋଇଥାଏ । ଏଭଳି ଜଳରେ ଗୋଡ଼ ବୁଡାଇବା ମଧ୍ୟ ହାନିକାରକ ।**

ବିଶେଷ ଭାବରେ କାର୍ତ୍ତିକ ଶୁକ୍ଳ ଷଷ୍ଠୀରେ ଛଟ୍ ପୂଜା ଓ ପୂର୍ଣ୍ଣିମାଦିନ ଜଳାଶୟଗୁଡିକରେ ବୋଇତ ବନ୍ଦାଣ ଫଳରେ ଜଳାଶୟଗୁଡିକ ସର୍ବାଧିକ ଦୂଷିତ ହେଉଛି । ବିପୁଳ ସଂଖ୍ୟାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଦ୍ୱାରା ଜଳାଶୟଗୁଡିକ ଆବର୍ଜନାମୟ ହୋଇଯାଉଛି । ପୋଖରୀ, ଗଡିଆ, ନଦୀ, ନାଳ ଆଦିରେ କଦଳୀ ବାହୁଙ୍ଗା, ସୋଲ, ପ୍ଲାଷ୍ଟିକ, ଥର୍ମାକୁଲ, କାଉଁରିଆ କାଠି, କାଠପଟା, କାଗଜ ପଟି ଆଦିରେ ନିର୍ମିତ ପ୍ରତୀକାତ୍ମକ ଡ଼ଙ୍ଗା ଭସାଇବା ଅତି ମାତ୍ରାରେ ଦେଖାଯାଉଛି । ଗଡିଆ-ପୋଖରୀ ଆଦି ପୋତି ଦିଆଯାଉ ଥିବାରୁ ବୋଇତ ବନ୍ଦାଣ ପାଇଁ ହଜାର ହଜାର ଲୋକ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଜଳାଶୟକୁ ଆସୁଛନ୍ତି । ଅନ୍ୟପକ୍ଷରେ ପୋଖରୀ, ଗଡିଆ ଜଳାଶୟ ଆଦିକୁ ପରିଷ୍କାର କରିବାପାଇଁ ଦାୟିତ୍ୱ କାହାରି ଉପରେ ନ୍ୟସ୍ତ କରାଯାଉନାହିଁ ଏ କ୍ଷେତ୍ରରେ ଏକ ଭଲକଥା ଅଳ୍ପ କିଛିବର୍ଷ ହେଲା ଦେଖିବାକୁ ମିଳୁଛି । ବିଭିନ୍ନ ସ୍ୱେଚ୍ଛାସେବୀ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଭାବରେ ଜଳାଶୟଗୁଡିକୁ ପରିଷ୍କାର କରିବାକୁ ଆଗେଇ ଆସିଲେଣି । ସ୍ଥାନୀୟ ସ୍ୱାୟତ୍ତ ଶାସନ କର୍ତ୍ତୃପକ୍ଷ ମଧ୍ୟ ଏଦିଗରେ ତତ୍ପରତା ପ୍ରକାଶ କରିଲେଣି ।

ବିଭିନ୍ନ ପର୍ବପର୍ବାଣୀରେ ନଦୀଭଳି ଜଳାଶୟଗୁଡିକ ନିକଟରେ ମେଳା ବସିବା , ଜଳ ପ୍ରଦୂଷଣଜନିତ ଆଉ ଏକ ଗୁରୁତର ପ୍ରସଙ୍ଗ । ମନୁ ସଂହିତାର ଚତୁର୍ଥ ଅଧ୍ୟାୟର ଶ୍ଳୋକ ୪୬, ୪୭, ୪୮ରେ ଚାଷଜମି, ଜଳପୂର୍ଣ୍ଣ ଗାତ ଆଦିରେ ପରିଶ୍ରା ନକରିବାକୁ ନିର୍ଦ୍ଦେଶ କରାଯାଇଛି । ଶ୍ଳୋକ ୫୬ରେ ଜଳରେ ମଳ, ମୂତ୍ର, ଅମେଧ ବସ୍ତୁ କିମ୍ବା ବିଷାକ୍ତ ପଦାର୍ଥ ନପକାଇବା କିମ୍ବା ଉତ୍ସର୍ଗ ନକରିବା ନିର୍ଦ୍ଦେଶ ରହିଛି । ନଦୀ ତଥା ଜଳଉତ୍ସଗୁଡିକ କେବଳ ମନୁଷ୍ୟ ନୁହେଁ, ପ୍ରାଣୀ ଓ ଜୀବଜଗତର ଜୀବନ ରେଖା । ମନୁସଂହିତାରେ ନିର୍ଦ୍ଦେଶିତ ଶ୍ଳୋକଗୁଡିକୁ ବିଶେଷ ଭାବେ କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ସମୟରେ ମନେ ପକେଇବା ଉଚିତ ପ୍ରତୀକାତ୍ମକ ଡ଼ଙ୍ଗାଗୁଡିକୁ ବିଷାକ୍ତ ରାସାୟନିକ ରଙ୍ଗରେ ରଙ୍ଗେଇ ସେଥିରେ ଗୁଆ, ପାନ, ଚାଉଳ, ବିରି, ଡାଲି, ଘିଅ ଦୀପ, ଫଳ, ଫୁଲ, ମିଠା, ମୁଦ୍ରା, ମହମବତୀ, ବାଣ, କାଚ ବନ୍ଧେଇ ବିଭିନ୍ନ ଦେବାଦେବୀଙ୍କର ଫଟୋ ଆଦି ପଦାର୍ଥ ରଖି ଜଳରେ ଭସା ଯାଉଛି । ଏସବୁରେ ବ୍ୟବହୃତ ଜୈବ ଓ ରାସାୟନିକ ପଦାର୍ଥ ଜଳରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରିଦେଉଛି । ତେଣୁ ଏସବୁକୁ ଜଳରୁ ଯେତେଶୀଘ୍ର ସମ୍ଭବ ବାହାର କରାଯିବା ଆବଶ୍ୟକ । ଜଳ ସହ ଜୀବନକୁ ଯୋଡି କାର୍ତ୍ତିକ ପୂର୍ଣ୍ଣିମା ଦିନକୁ ଜଳ ଉତ୍ସ ସୁରକ୍ଷା ଦିବସ ଭାବରେ ପାଳନ କରିବାପାଇଁ ଉଦ୍ୟମ ହେବା ଆବଶ୍ୟକ ।

ବିଭିନ୍ନ ପର୍ବ ଓ ପୂଜା ପରେ ମୂର୍ତ୍ତି ଭଷାଣୀ ନିମିତ୍ତ ସ୍ୱତନ୍ତ୍ର ବିସର୍ଜନ ପୁଷ୍କରିଣୀ ବ୍ୟବସ୍ଥା କରାଯିବା ଭଳି ବୋଇତବନ୍ଦାଣ ନିମିତ୍ତ ମଧ୍ୟ ସ୍ୱତନ୍ତ୍ର ଗଡିଆ, ପାଣିକୁଣ୍ଡ କିମ୍ବା ଅସ୍ଥାୟୀ ଜଳକୁଣ୍ଡ ନିର୍ମାଣ କରାଯିବା ଉଚିତ । କାରଣ ଜଳଉତ୍ସ ସୁରକ୍ଷାରେ ଜୀବ ଜଗତର ସୁରକ୍ଷା କଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଗଲାଣି । ବୋଇତ ବନ୍ଦାଣ ଭଳି ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକ୍ରମକୁ ପ୍ରତୀକାତ୍ମକ ଜଳାଶୟରେ ପାଳନ କରିବାପାଇଁ ଜନଚେତନା ସୃଷ୍ଟି କରାଗଲେ ପ୍ରାଣୀ ଜଗତ ସହ ପ୍ରକୃତି ସୁରକ୍ଷିତ ରହିପାରିବ ।

ମୋ-୯୩୩୭୦୧୫୮୮୨
(ଲେଖକ ପୂର୍ବତନ ଉପ-ନିର୍ଦ୍ଦେଶକ ଆକାଶବାଣୀ ସମାଚାର ବିଭାଗ)

ବିଶେଷ ଭାବରେ କାର୍ତ୍ତିକ ଶୁକ୍ଳ ଷଷ୍ଠୀରେ ଛଟ୍ ପୂଜା ଓ ପୂର୍ଣ୍ଣିମାଦିନ ଜଳାଶୟଗୁଡିକରେ ବୋଇତ ବନ୍ଦାଣ ଫଳରେ ଜଳାଶୟଗୁଡିକ ସର୍ବାଧିକ ଦୂଷିତ ହେଉଛି । ବିପୁଳ ସଂଖ୍ୟାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଦ୍ୱାରା ଜଳାଶୟଗୁଡିକ ଆବର୍ଜନାମୟ ହୋଇଯାଉଛି । ପୋଖରୀ, ଗଡିଆ, ନଦୀ, ନାଳ ଆଦିରେ କଦଳୀ ବାହୁଙ୍ଗା, ସୋଲ, ପ୍ଲାଷ୍ଟିକ, ଥର୍ମାକୁଲ, କାଉଁରିଆ କାଠି, କାଠପଟା, କାଗଜ ପଟି ଆଦିରେ ନିର୍ମିତ ପ୍ରତୀକାତ୍ମକ ଡ଼ଙ୍ଗା ଭସାଇବା ଅତି ମାତ୍ରାରେ ଦେଖାଯାଉଛି । ଗଡିଆ-ପୋଖରୀ ଆଦି ପୋତି ଦିଆଯାଉ ଥିବାରୁ ବୋଇତ ବନ୍ଦାଣ ପାଇଁ ହଜାର ହଜାର ଲୋକ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଜଳାଶୟକୁ ଆସୁଛନ୍ତି । ଅନ୍ୟପକ୍ଷରେ ପୋଖରୀ, ଗଡିଆ ଜଳାଶୟ ଆଦିକୁ ପରିଷ୍କାର କରିବାପାଇଁ ଦାୟିତ୍ୱ କାହାରି ଉପରେ ନ୍ୟସ୍ତ କରାଯାଉନାହିଁ ଏ କ୍ଷେତ୍ରରେ ଏକ ଭଲକଥା ଅଳ୍ପ କିଛିବର୍ଷ ହେଲା ଦେଖିବାକୁ ମିଳୁଛି । ବିଭିନ୍ନ ସ୍ୱେଚ୍ଛାସେବୀ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଭାବରେ ଜଳାଶୟଗୁଡିକୁ ପରିଷ୍କାର କରିବାକୁ ଆଗେଇ ଆସିଲେଣି । ସ୍ଥାନୀୟ ସ୍ୱାୟତ୍ତ ଶାସନ କର୍ତ୍ତୃପକ୍ଷ ମଧ୍ୟ ଏଦିଗରେ ତତ୍ପରତା ପ୍ରକାଶ କରିଲେଣି ।

# ଝାଡ଼ଖଣ୍ଡରେ ପୁଣ୍ୟ କାର୍ତ୍ତିକ ମାସର ଅନୁଭୂତି



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ପାରମ୍ପରିକ ଓଷା, ବ୍ରତ ପାଳନରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ବେଶ ଆଗରେ । ଓଡ଼ିଶାରେ ପାଳିତ ଓଷା ବ୍ରତ ଭିତରେ କାର୍ତ୍ତିକ ମାସରେ ପାଳନ କରାଯାଉଥିବା କାର୍ତ୍ତିକ ବ୍ରତ ଓ ପଞ୍ଚୁକ ତଥା 'ଆକାଶ ଦୀପ'ର ପରମ୍ପରା ଅନେକ ମହତ୍ତ୍ୱ ରଖିଥାଏ । ଝାଡ଼ଖଣ୍ଡ ହେଉଛି ଭାରତର ଏପରି ଏକ ରାଜ୍ୟ ଯେଉଁଠି ଓଡ଼ିଆ ହେଉଛି ଦ୍ୱିତୀୟ ସରକାରୀ ମାତୃଭାଷା।

ଆସନ୍ତ ୧୫ ନଭେମ୍ବରକୁ ଝାଡ଼ଖଣ୍ଡ ରାଜ୍ୟ ସ୍ଥାପନର ୨୫ ବର୍ଷ ହୋଇଯିବ । ଏହି ୨୫ ବର୍ଷ ଭିତରେ ଝାଡଖଣ୍ଡରେ ରହୁଥିବା ମୋ ପରି ପିଢ଼ି ପିଢ଼ି ଧରି ଅନେକ ଅନେକ ଓଡ଼ିଆଙ୍କ ସ୍ମୃତି ଭିତରେ ରହିଛି ପୁଣ୍ୟ କାର୍ତ୍ତିକ ମାସ । କହିବାକୁ ଗଲେ ଏହି କାର୍ତ୍ତିକ ମାସଟା ଝାଡ଼ଖଣ୍ଡ ବିଶେଷକରି ଟାଟା ନଗର ଓ ସନ୍ନିକଟ ଅଞ୍ଚଳ ଏକ ମହ ମହ ପାରମ୍ପରିକ ଓଡ଼ିଆ ପଣର ବାସ୍ନାରେ ଚର୍ତୁଦିଗକୁ ମହକିତ କରିଥାଏ । ଏଠାରେ ଜାମସେଦପୁର ସହରଠାରେ ଅବସ୍ଥାନ କରୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କର ମହାକାର୍ତ୍ତିକର ଡଙ୍ଗା ଭସା, ରାହାସ, ଭାଗବତ ପାଠ, ପଞ୍ଚୁକ ଓ ଆକାଶ ଦୀପ ପ୍ରଜ୍ୱଳନର ବହୁ ପୁରୁଣା ପରମ୍ପରାକୁ ବଜାୟ ରଖିଛନ୍ତି । ଅନେକ ହୁଏତ ଜାଣିନଥିବେ ଝାଡ଼ଖଣ୍ଡର ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଗଢ଼ା ହୋଇଥିବା ଜଗନ୍ନାଥ ମନ୍ଦିର ଓ ଅନ୍ୟ ମନ୍ଦିରମାନଙ୍କରେ ପାରମ୍ପରିକ ଭାବେ ପଞ୍ଚୁକ ପାଳନ କରାଯାଇଥାଏ ।

ଜାମସେଦପୁରର ସନ୍ନିକଟରେ ରହିଥିବା ଛୋଟିଆ ସହର ସୋନାରୀ ଏହାରି ପାଖରେ ସୁବର୍ଣ୍ଣରେଖା ନଦୀଘାଟ ଓ ଖଡ଼ଖାଇ ନଦୀର ଘାଟମାନଙ୍କରେ ଓଡ଼ିଆ ଆବାଳ ବୃଦ୍ଧ ବନିତା ଏକତ୍ର ହୋଇ ଡଙ୍ଗା ଭସାଇଥାନ୍ତି । ଏହାଛଡ଼ା ସହରର ଅନ୍ୟ ସ୍ଥାନ ଯଥା କଦମା, ବିଷ୍ଣୁପୁର, ସାକଚୀ, ବାରିଡ଼ିଅ, ସିଦ୍ଧଗୋଡ଼ା, ଆଦିତ୍ୟପୁର, ପଶୁଡ଼ିଅ ଛଡ଼ା ଗୋଲପାହାଡ଼ି ଜଗନ୍ନାଥ ମନ୍ଦିର, ଉତ୍କଳ ଆସୋସିଏସନସ୍ଥ ସାକଚୀର ଜଗନ୍ନାଥ ମନ୍ଦିର ଖାସମହଲର ଜଗନ୍ନାଥ ମନ୍ଦିର, ଗୋଲମୁରୀ ଉତ୍କଳ ସମାଜର ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ଠାରେ ଥିବା ମନ୍ଦିର ପ୍ରାଗଣରେ ସୋଲ ଡ଼ଙ୍ଗା, କାଗଜ ଡଙ୍ଗା, ସଳିତା, ଧୂପଦୀପ ଆଦି ପୂଜା ସାମଗ୍ରୀ ଓଡ଼ିଆମାନଙ୍କ ପାଇଁ ବିକ୍ରି ହୋଇଥାଏ । ଏହାଛଡ଼ା ଚାଇଁବସାର କୁଜୁ ନଦୀ କୂଳରେ ମଧ୍ୟ ଡଙ୍ଗା ଭସା କରାଯିବାର ପରମ୍ପରା ରହିଆସିଛି ।

ଷଢ଼େଇଁକଳା ନିକଟସ୍ଥ ସଞ୍ଜୟ ନଦୀ ଓ ଅନ୍ୟାନ୍ୟ ପୁଷ୍କରିଣୀରେ ଡଙ୍ଗାଭସା ଧୁମଧାମରେ ପାଳିତ ହୋଇଛି । ଖରସୁଆଁ, ଚକ୍ରଧରପୁର, ଜୟନ୍ତ ଗଡ଼, କେରା, ଖଇରପାଳ, ହାତା, ହେଁସଲ, ଗୋବିନ୍ଦପୁର, ଖୀରି, ବାନା, କେଶରଗଡ଼ିଆ, ହଳଦୀ ପୋଖରୀ, ଯାଦୁଗଡ଼ାରେ ରାଧାକୃଷ୍ଣଙ୍କ ମୂର୍ତ୍ତି ନିର୍ମିତ ହୋଇଅଛି, ଯେଉଁଠି ଭଜନ କୀର୍ତ୍ତନ ସହ ପଙ୍ଗତ ଓ ଅନ୍ନଭୋଗର ଆୟୋଜନ ସହ ଘାଟଶୀଳା, ଧଳଭୂମଗଡ଼, ବାହାଡାଗୋଡ଼ା ଆଦି ଅଞ୍ଚଳରେ ରାହାସ ଗାୟନ ଓ ଭାଗବତ ପଠନର ଦୃଶ୍ୟ ପବିତ୍ର କାର୍ତ୍ତିକରେ ପରିଲକ୍ଷିତ ହୋଇ ଆସୁଛି । ଚଳିତ ବର୍ଷ ଉତ୍କଳ ଆସୋସିଏସନରେ ହବିଷ ଅନ୍ନ ସେବନ ଓ ଅଷ୍ଟପ୍ରହରୀ ଆୟୋଜନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ବର୍ମା ମାଇନସର ଇଷ୍ଟ ପ୍ଲାଣ୍ଟ ବସ୍ତୀ ଠାରେ ଅଷ୍ଟପ୍ରହରୀ ଓ ପ୍ରସାଦ ସେବନର ଆୟୋଜନ ଏଠାକାର ଓଡ଼ିଆମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିଆସୁଛି । ଏହି ଅବସରରେ ଓଡ଼ିଆମାନେ ଏକତ୍ର ହୋଇ ସୁଖଦୁଃଖ ହେବାର ସୁଯୋଗ ପାଇପାରିଥାନ୍ତି ।

ସବୁଠାରୁ ବଡ଼କଥା ହେଉଛି ପିଢ଼ି ପିଢ଼ି ଧରି ଏଠାରେ ଓଡ଼ିଆମାନେ ରହି ଆସୁଥିବାବେଳେ ସ୍ଥାନୀୟ ଝାଡ଼ଖଣ୍ଡ ଅଧିବାସୀମାନେ ସତେ ଯେପରି ନିଜ ଓଡ଼ିଆ ଭାଇମାନଙ୍କ ପରି ଲାଗନ୍ତି । ପୁଣ୍ୟ କାର୍ତ୍ତିକରେ ସମସ୍ତେ ଭାଇଚାରାର ବନ୍ଧନୀରେ ତମାମ କାର୍ତ୍ତିକ ମାସକୁ ଆନନ୍ଦମୟ ଭାବେ ପାଳନ କରିଥାନ୍ତି । ଟାଟା ନଗର ରେଳ ଷ୍ଟେସନ ପାଖରେ ଥିବା ଦୋକାନରେ ଦୁବଠାରୁ ବରକୋଳି ପତ୍ର, ନଡ଼ିଆ ଠାରୁ ପଦ୍ମଫୁଲ ଓ ଭୋଗ ସାମଗ୍ରୀ ସବୁ ମିଳିଥାଏ । ତାଙ୍କ ଚାରି ପିଢ଼ି ଏଠାରେ ରହିଲେଣି । ମାଉସୀ କିନ୍ତୁ ଓଡ଼ିଆମାନଙ୍କ ଖାସ ଏହି କାର୍ତ୍ତିକ ମାସ ପାଇଁ ତାଙ୍କର ପସରା ମେଲାଇଥାନ୍ତି । ସେହିପରି ସାକଚୀରେ ସୁଦୂର ସାକ୍ଷୀଗୋପାଳରୁ ଆସିଥିବା ସୁଧୀର ଓ ବିରଞ୍ଚି ଦୁଇ ଭାଇ ହବିଷ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ତାଙ୍କ ଗୋସେଇଁ ବାପା ଅମଳରୁ ଏଠାରେ ପ୍ରସ୍ତୁତ ହବିଷ ବିଶେଷକରି ଚୁଡ଼ାରେ ତିଆରି ହବିଷ ଓ ଡାଲାମା କେବଳ ଓଡ଼ିଆମାନଙ୍କୁ ନୁହେଁ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ପସନ୍ଦ ହୋଇଥାଏ ।

ଓଡ଼ିଶାରେ ରହୁଥିବା ବିଶେଷକରି ଉପକୂଳବର୍ତ୍ତୀ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ ଅଞ୍ଚଳର ଯେଉଁମାନେ ବି ସେମାନଙ୍କର ସମ୍ପର୍କୀୟ ଏଠାରେ ରହିଥାନ୍ତି ପ୍ରାୟତଃ ଅନେକ ଝାଡ଼ଖଣ୍ଡକୁ କାର୍ତ୍ତିକରେ ସମୟ କାଟିବା ପାଇଁ ଆସିଯାଇଥାନ୍ତି ।

ଏଠିକାର ଜଗନ୍ନାଥ ମନ୍ଦିରରେ ବରାଦି ଭୋଗର ବହୁତ ଚାହିଦା ରହି ଆସିଛି । ଅନେକ ହୁଏତ ଜାଣିନଥିବେ ଓଡ଼ିଆ ଝିଅମାନେ ଯେଉଁ ମୁରୁଜ ପକାଇଥାନ୍ତି ତାହା ଭିତରେ ରହିଥାଏ ଓଡ଼ିଆ କଳା ନୈପୁଣ୍ୟର ଅନବଦ୍ୟ କୃତି । ଅନେକ ଧନାଢ଼୍ୟ ଓ ପ୍ରତିଷ୍ଠିତ ଓଡ଼ିଆମାନେ କାର୍ଯ୍ୟକ୍ରମ ପାଇଁ ପୃଷ୍ଠପୋଷକତା କରିଥାନ୍ତି ଓ ଅନେକ ଓଡ଼ିଆ ଘରେ ଏହି ଧର୍ମ କାର୍ତ୍ତିକରେ ମାସ ତମାମ ଅସହାୟ ଓ ଗରିବ ଲୋକମାନଙ୍କୁ ଅନ୍ନଦାନ ସହ ବସ୍ତ୍ର ଦାନ କରି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ବାସ୍ତବରେ

**'ଗଙ୍ଗା ପରି ତୀର୍ଥ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ, କାର୍ତ୍ତିକ ପରି ମାସ ହିଁ ନାହିଁ'।**

ସୁଦୂର ପ୍ରବାସୀ ଉତ୍କଳୀୟ ଭାବନାରେ ପୁଣ୍ୟ କାର୍ତ୍ତିକରେ ରାଇଦାମୋଦର ଠାରୁ ବାଲୁକା ପୂଜା, ବୋଇତ ବନ୍ଦାଣରେ ଶେଷ ହୋଇଥାଏ ପୁଣ୍ୟ କାର୍ତ୍ତିକର ରୀତିନୀତି । କେବଳ ବର୍ଷକରେ ଥରେ ଏହି ଧର୍ମ ମାସ କାର୍ତ୍ତିକ ପାଳନ ନହୋଇ ବର୍ଷ ତମାମ ଆମେ ଭଗବାନଙ୍କ କୃପା ପାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ଏହି କାର୍ତ୍ତିକ ଚେତନା ଆମ ସମସ୍ତଙ୍କୁ ଅନୁପ୍ରେରିତ କରି ନୂତନ ଉତ୍ସାହ ପ୍ରଦାନ କରିଥିଲା ।

**ପ୍ରତିଷ୍ଠାତା, ସମ୍ପାଦକ ସିଂହଭୂମ୍, ପୁରୁଣା ସୋନାରି, ଜାମସେଦପୁର, ମୋ- ୭୪୮୮୯୯୮୫୩୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଐତିହାସିକ...

ଆମକୁ ମନେ ପକାଇ ଦିଏ ଏ ଜାତି କେବେ ବି ହାର ମାନିଆ ଜାତି ନୁହଁ । ଏ ଜାତି କେବେ ବି ଅନ୍ୟ ଆଗରେ ହାତ ପତାଇ ନାହିଁ । ଏବେବି ସମୟ ଠିକ୍ ସମୟ, ଆମେ ପଛକୁ ଦେଖିବା, ଆଗାମୀ ଦିନରେ ଆମର ଗତିବିଧି କ'ଣ ରହିବ ସେନେଇ ଆଲୋଚନା କରିବା । ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଏଚ୍. କୃଷ୍ଣମୂର୍ତ୍ତି କହିଲେ ଯେ, ଐତିହାସିକ ବାଲିଯାତ୍ରା କଟକ-୨୦୨୫ରେ ଇଣ୍ଡୋନେସିଆକୁ ସହଯୋଗୀ ରାଷ୍ଟ୍ର କରିଥିବାରୁ ଧନ୍ୟବାଦ । ୨୦୦୦ରୁ ଅଧିକ ବର୍ଷ ତଳେ ଭାରତର ଲୋକ ସୁବର୍ଣ୍ଣ ଭୂମିକୁ ଯାଇଥିଲେ । ସମୁଦ୍ର ଓଡ଼ିଶା-ଇଣ୍ଡୋନେସିଆକୁ ଅଲଗା କରିପାରି ନାହିଁ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହାବେବ ଶିଣ୍ଡେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଉନ୍ନୟନ ସଚିବ ଅନୁ ଗର୍ଗ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ୍ ତାପସ କୁମାର ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବାଲିଯାତ୍ରା ସ୍ମରଣୀକା-୨୦୨୫ ଉନ୍ମୋଚନ କରାଯାଇଥିଲା । ବଡ଼ମ୍ବା କଲେଜର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହିତ ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ଶ୍ରେଷ୍ଠ ନାଟକ ପାଇଁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଅନ୍ୟପଟେ ୫ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁସ୍ତକ ଉପହାର ଦେଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ଶ୍ରୀତମ ଦାସ, ଲଲାଟେନ୍ଦୁ ବହୁ, ବିଜୟ ବେହେରା, ସୁନାମଣୀ ରାଉତ, ବିଶେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସପ୍ତାହେ...

ହ୍ରାସ ପାଇପାରେ । ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ୧୯ ଡିଗ୍ରୀ ତଳକୁ ଖସିଆସିବ । ଏହାସହ ଉପକୂଳରେ ମଧ୍ୟ ରାତି ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି । ଏଭଳି ଥଣ୍ଡା ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିବ ।

ମଙ୍ଗଳବାର ରାତିରେ ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୨.୫ ସେଲସିୟସ ରେକର୍ଡ ହୋଇଥିଲାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨.୫ ହ୍ରାସ ପାଇଛି । ସେହିଭଳି ଦାରିଙ୍ଗିବାଡ଼ି ୧୪ ସେଲସିୟସ ଥିବାବେଳେ ୦.୫, ଝାରସୁଗୁଡ଼ାରେ ୧୪.୫, ଥିବାବେଳେ ୩.୩ ହ୍ରାସ ପାଇଛି । ସେହିଭଳି ଅନୁଗୁଳରେ ୧୫.୫ (-୩) ସେଲସିୟସ, ରାଉରକେଲାରେ ୧୫.୬ (-୨.୭), କେନ୍ଦୁଝରରେ ୧୫.୬ (-୨.୬), ଢେଙ୍କାନାଳରେ ୧୫.୮ (-୬.୩), ଭୁବନେଶ୍ୱରରେ ୧୯ (-୩.୮) ଓ କଟକରେ ୧୭.୬ (-୨.୬) ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି ।

ଆଭ୍ୟନ୍ତରୀଣ ଓଡ଼ିଶାର ଝାରସୁଗୁଡ଼ାରେ ତାପମାତ୍ରା ୧୯ ତଳକୁ ଖସିବାର ସମ୍ଭାବନା ଥିବାବେଳେ ଜି.ଉଦୟଗିରି ଓ ସିମିଳିଗୁଡ଼ାରେ ତାପମାତ୍ରା ମଧ୍ୟ ୧୦କୁ ଖସିଆସିବ ବୋଲି ପୂର୍ବାନୁମାନ କରାଯାଇଛି । ଫଳରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ରାଜୁତି କରିବ । ଭୁବନେଶ୍ୱରରେ ତାପମାତ୍ରା ୧୭ କିମ୍ବା ଏହା ତଳକୁ ରହିଲେ ମଧ୍ୟ ଶୀତ ଅନୁଭୂତ ହେବ । କୋରାପୁଟରେ ଶୀତ ହ୍ରାସ ପାଇବ । ତେବେ କୋରାପୁଟରେ ଏବେ ପୂର୍ବାଳି ପବନ ସହ ବାଦଲ ରହିଥିବାରୁ ତାପମାତ୍ରା କ୍ରମଶଃ ହ୍ରାସ ପାଇବ । ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇବା ସହ ପଶ୍ଚିମାଞ୍ଚଳ ପ୍ରଭାବରେ ପ୍ରବେଶ କରୁଥିବା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରଭାବରେ ରାତିର ତାପମାତ୍ରା ଅଧିକ ହ୍ରାସ ପାଇବ ଏବଂ ଆହୁରି ଥଣ୍ଡା ବଢ଼ିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

## ଆକାଶରେ...

ଚନ୍ଦ୍ର କକ୍ଷପଥ ବୃତ୍ତାକାର ନୁହେଁ, ତେଣୁ ଏହା ସବୁବେଳେ ଟିକେ ନିକଟତର କିମ୍ବା ଦୂରରେ ଗତି କରିଥାଏ । ନାସା ଅନୁସାରେ, ଯେତେବେଳେ ଚନ୍ଦ୍ର ପୂର୍ଣ୍ଣିମା ସହିତ ପେରିଗିରେ ଥାଏ, ଏହା ସାଧାରଣ ପୂର୍ଣ୍ଣିମା ଅପେକ୍ଷା ପ୍ରାୟ ୧୪% ବଡ଼ ଏବଂ ପ୍ରାୟ ୩୦% ଉଜ୍ଜ୍ୱଳ ଦେଖାଯାଏ । ଯେଉଁ କାରଣରୁ ସୁପରମନର ଦୃଶ୍ୟ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ହୋଇଥାଏ । ନାସା ଏବଂ ଏହାର ଆସୋସିଏଟେଡ୍ ପ୍ରେସ୍ ଅନୁସାରେ, ଏହି ନଭେମ୍ବର ସୁପରମୁନ୍ ପୃଥିବୀଠାରୁ ପ୍ରାୟ ୨୨୨,୦୦୦ ମାଇଲ କିମ୍ବା ୩୫୬,୭୦୦ କିଲୋମିଟରରୁ କମ୍ ଦୂରତାରେ ଆସିଛି । ଯେଉଁ କାରଣରୁ ଏହା ୨୦୨୫ର ସବୁଠାରୁ ବଡ଼ ଏବଂ ଉଜ୍ଜ୍ୱଳ ପୂର୍ଣ୍ଣିମା ହେବ ।

ବୁଧବାର ସୂର୍ଯ୍ୟାସ୍ତ ପରେ ଭାରତରେ ସୁପରମୁନ୍ ଦୃଶ୍ୟମାନ ହୋଇଛି । ଯାହାକୁ ଲୋକ ରାତିସାରା ଦେଖିଛନ୍ତି । ସନ୍ଧ୍ୟା ୬:୪୫ ରେ ଏହା ଶୀର୍ଷରେ ପହଞ୍ଚିଥିଲା । ଦିଲ୍ଲୀ, ଲକ୍ଷ୍ନୌ ଏବଂ ଚଣ୍ଡିଗଡ଼ରେ ସନ୍ଧ୍ୟା ୬ଟା ବେଳେ, ମୁମ୍ବାଇ ଏବଂ ଅହମ୍ମଦାବାଦରେ ସନ୍ଧ୍ୟା ୬:୧୫ ସମୟରେ ଏବଂ କୋଲକାତା, ପାଟନାରେ ସନ୍ଧ୍ୟା ୫:୨୫ ସମୟରେ ଏହି ସୁପରମୁନ୍ ଦୃଶ୍ୟମାନ ହୋଇଛି । ଏହା ଦକ୍ଷିଣ ଭାରତୀୟ ସହର ଯେପରିକି ଚେନ୍ନାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ସନ୍ଧ୍ୟା ୬ଟାରୁ ଦୃଶ୍ୟମାନ ହୋଇଥିଲା । ସିମଲା, ମନାଲି ଏବଂ ଲେହରେ ସନ୍ଧ୍ୟା ୫:୩୦ ସମୟରେ ଦୃଶ୍ୟମାନ ହେଉଥିବା ବେଳେ ଭାରତ ବ୍ୟତୀତ, ଆମେରିକା, ୟୁରୋପ, ଦୁବାଇ, ଟୋକିଓ, ସିଙ୍ଗାପୁର, ସିଡନୀ ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସୁପରମୁନ୍ ଭିନ୍ନ ଭିନ୍ନ ସମୟରେ ଦୃଶ୍ୟମାନ ହେବ । ଏହି ସବୁ ସ୍ଥାନରେ ଚନ୍ଦ୍ର ଦିଗବଳୟ ନିକଟରେ ସବୁଠାରୁ ବଡ଼ ଦେଖାଯିବ । ଯାହାକୁ ଦେଖିବା ପାଇଁ ସ୍ପଷ୍ଟ ପାଗ ଜରୁରୀ ।

## ବିଧାନସଭା...

ବିଜୟକୁ ପରାଜୟରେ ପରିଣତ କରାଯାଇଛି । ହରିୟାଣାରେ ୨କୋଟି ଭୋଟର ଅଛନ୍ତି । ସେଥିମଧ୍ୟରୁ ୨୫ଲକ୍ଷ ଜାଲ୍ । ତାଙ୍କ ଟିମ୍ ୫.୨ଲକ୍ଷ ନକଲି ଭୋଟର ଯୋଡା ହୋଇଥିବା ସୂଚନା ପାଇଛନ୍ତି । ପ୍ରତି ୮ ଭୋଟରରେ ହରିୟାଣାରେ ଜଣେ ଜାଲ୍‌ଭୋଟର ଥିଲେ । ରାହୁଲ ଭୋଟ ଚୋରିର ବିଭିନ୍ନ ସ୍ଲାଇସ୍ ଉପସ୍ଥାପନ କରି ଜଣେ ବ୍ରାଜିଲ୍ ମଡେଲ ମହିଳାର ଉଦାହରଣ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ସମ୍ପୃକ୍ତ ମହିଳାଙ୍କ ଫଟୋ ବହୁବାର ମତଦାତା ସୂଚୀରେ ରହିଛି । କେଉଁଠି ତାଙ୍କ ନାମ ସୀମା, ସୁଇଟି ଓ ସରସ୍ୱତୀ ରଖାଯାଇଛି । ସମ୍ପୃକ୍ତ ମହିଳା ଜଣକ ୨୨ଥର ଭୋଟ ଦେଇଛନ୍ତି । ଏହା ଏକ ସୁଚିନ୍ତିତ ଅପରେସନ ଯାହାକି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଧ୍ୱଂସ କରିଛି । ସମସ୍ତ ଏକ୍ଜିଟ୍‌ପୋଲ ହରିୟାଣାରେ କଂଗ୍ରେସ ଜିତିବ ବୋଲି ଆକଳନ କରିଥିଲେ । ମାତ୍ର ଫଳ ଓଲଟା ହୋଇଥିଲା । ପ୍ରଥମଥର ପାଇଁ ହରିୟାଣା ଇତିହାସରେ ପୋଷ୍ଟାଲ ବାଲାଟ ପ୍ରକୃତ ଭୋଟ ସହ ମେଳ ଖାଉନାହିଁ । ଆଗରୁ ଏଭଳି ହୋଇନଥିଲା । କଂଗ୍ରେସର ଏକତରଫା ବିଜୟକୁ ହାରିବାରେ ପରିଣତ କରିବା ପାଇଁ ଏଭଳି ଯୋଜନା କରାଯାଇଥିଲା । ରାହୁଲ ମଧ୍ୟ ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସାଇନଙ୍କ ଇଲେକ୍ସନ ପୂର୍ବ ଭିଡିଓକୁ ପ୍ରଦର୍ଶିତ କରିଥିଲେ ଏବଂ କହିଥିଲେ ତାଙ୍କ ମୁହଁର ହସ ଦେଖନ୍ତୁ ଏବଂ ବ୍ୟବସ୍ଥା ସମ୍ପର୍କରେ ସେ କହିଛନ୍ତି । ଦୁଇଦିନ ପୂର୍ବରୁ ସମସ୍ତେ କହୁଥିଲେ କଂଗ୍ରେସ ଜିତିବ ମାତ୍ର ଫଳ ଓଲଟା ହେଲା ।

ରାହୁଲ ପୁଣି ଅଭିଯୋଗ କରିଛନ୍ତି ଯେ ବିଜେପିର କର୍ମୀ ଓ ନେତାମାନେ ହରିୟାଣା ଓ ଉତ୍ତରପ୍ରଦେଶରେ ମତଦାତା ଭାବେ ପଞ୍ଜୀକୃତ ହୋଇଛନ୍ତି । ଜଣେ ବିଜେପି ନେତାଙ୍କ ଘର ଯାହାର ନମ୍ବର ୧୫୦ ସେଥିରେ ୬୬ଟି ଭୋଟର ପଞ୍ଜୀକରଣ ହୋଇଛନ୍ତି । ଜଣଙ୍କ ଘର ଠିକଣାରେ ୫୦୦ ମତଦାତା ରହିଛନ୍ତି । ବିଜେପି ନେତା ଡାଲଚାନ ଯେ କି ଉଭୟ ହରିୟାଣା ଓ ଉତ୍ତରପ୍ରଦେଶରେ ଭୋଟ ଦେଇଛନ୍ତି । ମଥୁରାର ବିଜେପି ସରକାର ପ୍ରହଲ୍ଲାଦ ମଧ୍ୟ ସେଭଳି କରିଛନ୍ତି । ଘର ନଂ-୦ ଥିବା ଠିକଣାରେ ମଧ୍ୟ ଭୋଟର ପଞ୍ଜୀକୃତ ହୋଇଛନ୍ତି । ନିର୍ବାଚନ କମିଶନ କାହିଁକି ନକଲି ଭୋଟକୁ ହଟାଉ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ବିହାରରେ ଏବେ ପୁଣି ସରକାର ଚୋରି କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଆସନ୍ତାକାଲି ଭୋଟ ହେବ । ଭୋଟର ତାଲିକାରୁ ଅଧିକାଂଶ ଲୋକଙ୍କ ନାମ ବାଦ୍ ଦିଆଯାଇଛି । ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଛି । କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ମତଦାତା ସୂଚୀକୁ ନେଇ କୌଣସି ଅଭିଯୋଗ ଦାଖଲ କରାଯାଇନାହିଁ । ବିଜେପି ମଧ୍ୟ ରାହୁଲଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜୁ କହିଛନ୍ତି ଯେ ରାହୁଲ ନିଜ ବିଫଳତାକୁ ଲୁଚାଇବା ପାଇଁ ମିଛ ଅଭିଯୋଗ କରୁଛନ୍ତି । ବିଦେଶରେ ମଧ୍ୟ ରାହୁଲ ଦେଶକୁ ବଦନାମ କରିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସଂସ୍ଥାକୁ ବଦ୍‌ନାମ କରିଛନ୍ତି । ଭାରତ ବିରୋଧୀ ଶକ୍ତି ଏହାଦ୍ୱାରା ସଫଳ ହେବେନାହିଁ ବୋଲି ସେ କହିଛନ୍ତି ।

## ଆଜି...

ସେହିଭଳି ବିଜେପିକୁ ମଧ୍ୟ ଏକ ଝଟକା ଲାଗିଛି । ଭାଗଲପୁର ପୀରପେନ୍ତିରୁ ବିଜେପି ବିଧାୟକ ଲଲନ ପାଶ୍ୱାନ ଆର୍‌ଜେଡିରେ ଯୋଗ ଦେଇଛନ୍ତି । ପାଟଣାରେ ସେ ରାବିଡ଼ି ଦେବୀ ଓ ତେଜସ୍ୱୀ ଯାଦବଙ୍କୁ ସାକ୍ଷାତ କରି ଯୋଗ ଦେଇଛନ୍ତି ।

## ପବିତ୍ର...

ଦୂରଦେଶକୁ ଯାତ୍ରାକୁ ମନେ ପକାଇଥାଏ । ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଯାହା ଓଡ଼ିଶାର ଗୌରବମୟ ଇତିହାସର ଏକ ପ୍ରମୁଖ ଅଙ୍ଗ । ଛୋଟ ଛୋଟ ଡଙ୍ଗାଗୁଡ଼ିକରେ ଦୀପ, ପାନ ଓ ଗୁଆ ରଖାଯାଇ ନଦୀରେ ଭସାଯାଏ, ଯାହା ସାଧବମାନଙ୍କ ସମୃଦ୍ଧ ବାଣିଜ୍ୟ ଯାତ୍ରାର ପ୍ରତୀକ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରଦ୍ଧାଳୁମାନେ ସକାଳୁ ପବିତ୍ର ନଦୀ ଓ ଜଳାଶୟରେ ସ୍ନାନ କରିଥାନ୍ତି । ଏହାକୁ "କାର୍ତ୍ତିକ ସ୍ନାନ' କୁହାଯାଏ ଏବଂ ଏହାର ଅନେକ ଧାର୍ମିକ ଗୁରୁତ୍ୱ ରହିଛି । ଭକ୍ତମାନେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି ।

କାର୍ତ୍ତିକ ପୂର୍ଣ୍ଣିମା ବା ବୋଇତ ବନ୍ଦାଣ କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ । ଏହି ଦିନ ରାଜ୍ୟବାସୀ ପୂର୍ବପୁରୁଷମାନଙ୍କ ସାହସିକତା, ଉଦ୍ୟମ ଏବଂ ସମୁଦ୍ର ମାଧ୍ୟମରେ ଦୂରଦେଶ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନର ଗାଥାକୁ ମନେ ପକାଇଥାଉ । ଏହି ପର୍ବ ଶାନ୍ତି, ସମୃଦ୍ଧି ଏବଂ ଭାଇଚାରାର ବାର୍ତ୍ତା ବହନ କରେ । ଏହା ଓଡ଼ିଆମାନଙ୍କୁ ସେମାନଙ୍କ ଇତିହାସ ସହିତ ଯୋଡ଼ି ରଖିବା ସହ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇଥାଏ । ଆଜିର ଭୋରରୁ ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନମାନଙ୍କରେ ନିକଟସ୍ଥ ଜଳାଶୟଗୁଡ଼ିକରେ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରିଥାଆନ୍ତି ବ୍ରତଧାରୀ ।

## ଯାତ୍ରା...

ପଣତ କାନି ,ବାଟ ଛାଡ ଷଣ୍ଢ ଆସୁଛି ଆଦି ନାଟକ ତାଙ୍କୁ ଦେଇଥିଲା ସତନ୍ତ୍ର ପରିଚୟ । ତାଙ୍କ ଦେହ ଅସୁସ୍ଥ ଥିବା ବେଳେ ସେ ନିଜ ପୈତୃକ ବାସଭବରେ ଥିଲେ । ମଙ୍ଗଳବାର ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ ଜାଲିଆ ଭସାଣି କାର୍ଯ୍ୟକ୍ରମ ଚାଲିଥିଲା ।ଗ୍ରାମରେ ପ୍ରାୟ ପାଞ୍ଚଟି ଉଚ୍ଚ କ୍ଷମତା ସମ୍ପନ୍ନ ବକ୍ସ ସଂଯୋଗ ଡ଼ିଜେ ଗାଡି ଆସି ଦେବୀ ରଥଙ୍କ ଘର ଆଗରେ ପ୍ରାୟ ଦୁଇ ଘଣ୍ଟା ଧରି ବିକଟାଳ ଶବ୍ଦ କରିଥିଲା । ସେହି ସମୟରେ ଦେବୀ ରଥଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି ।ଏହି ଘଟଣାକୁ ନେଇ ଏବେ ସମଗ୍ର ଯାତ୍ରା ଜଗତରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଉଚ୍ଚ ଶବ୍ଦ ନକରିବାକୁ କଡା ନିୟମ ଥିବାବେଳେ ଏଠି କିଭଳି ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଗଲା ଓ ଦେବୀରଥଙ୍କ ଭଳି ଜଣେ ମହାନ କଳାକାରଙ୍କର ଆଜି ମୃତ୍ୟୁ ଘଟିଲା ତାହାକୁ ନେଇ ସୃଷ୍ଟି ହୋଇଛି ବିରାଟ ପରିବାରର ଅଭିଯୋଗ ଅନୁଯାଇ ଗୋଟିଏ ଗାଡ଼ିରେ ଆଗ ପଛ ହୋଇ ପ୍ରାୟ ୨୦ଟି ବକ୍ସ ଲାଗିଥିଲା । ଆମେ ଯେତେ ଅନୁରୋଧ କଲୁ କେହି ଶୁଣିଲେ ନାହିଁ କିମ୍ବା ଆମ କଥାକୁ ଖାତିର କଲେ ନାହିଁ । ସେହି ସମୟରେ ଦେବୀ ରଥଙ୍କର ବିୟୋଗ ଘଟିଲା । ସବୁଠାରୁ ବଡ଼କଥା ହେଲା ପାଖରେ ଏକ ପୋଲିସ ଗାଡି ମଧ୍ୟ ଥିଲା ଓ ମାତ୍ର ଅଳ୍ପ ଦୂରରେ ପାରାଦୀପ ଲକ ଥାନା । ଏକକାଳୀନ ଏତେ ଉଚ୍ଚ କ୍ଷମତା ସମ୍ପର୍ଣ ସାଉଣ୍ଡ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା ନା ସେମାନେ ନିଜ ଇଛାରେ କରିଥିଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ । ଖ୍ୟାତି ସମ୍ପର୍ଣ ଏହି କଳାକାରଙ୍କ ଉଚ୍ଚ ଶବ୍ଦ ପାଇଁ ଜୀବନ ଚାଲିଯାଇଥିବା ବେଳେ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଦୃଢ କାର୍ଯ୍ୟନୁଷ୍ଠ ଗ୍ରହଣ କରିବା ନିମନ୍ତେ ପରିବାର ପକ୍ଷରୁ ଦାବି ହୋଇଛି ।ଅନ୍ୟପଟେ ଜଗତସିଂହପୁର ଜିଲ୍ଲା ଜଗନ୍ନଥା ସାଉଣ୍ଡ ଆଣ୍ଡ ଲାଇଟ ମାଲିକ ସଂଘର ସଭାପତି ଶିଶିର କୁମାର ଦାସ କହିଛନ୍ତି କେନ୍ଦ୍ରାପଡ଼ାରୁ କିଛି ବ୍ୟାଣ୍ଡ ପାର୍ଟି ଆସିଥିଲେ ଓ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱବକ୍ସ ଏକକାଳୀନ ବାଜିଥିଲା ।ସେଥିରେ କିଛି ଲାଇଲନ ବକ୍ସ ମଧ୍ୟ ଥିଲା । ଆମେ ଏହାକୁ ନେଇ ପ୍ରଶାସନ ପାଖରେ ପହଂଚି ଅଭିଯୋଗ କରିବୁ ଯେ ସେମାନଙ୍କୁ ଏଭଳି ଶବ୍ଦ ପରିବେଷଣ କରିବା ପାଇଁ ଅନୁମତି ଦେଲା କିଏ ।

## ଭୋଟ୍...

ନୂଆପଡ଼ା ଏକତା ଛକରେ ଏକତାର ବାର୍ତ୍ତା ଦେଇଛି ଯୁବ ଓ ଛାତ୍ର ବିଜେଡି । ସେମାନେ କହିଛନ୍ତି ଯେ ପୁଣିଥରେ ନବୀନ ପଟ୍ଟନାୟକଙ୍କ ସହିତ ଛିଡା ହେବ ନୂଆପଡା । ନୂଆପଡାରେ କେବଳ ଶଙ୍ଖ ବାଜିବ । ବିଜେଡି ବିପୁଳ ଭୋଟରେ ନୂଆପଡ଼ା ବିଧାନସଭା କ୍ଷେତ୍ରକୁ ପୁନଃ ଦଖଲ କରିବ । ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀଙ୍କ ଆଶୀର୍ବାଦ ରହିଥିଲା, ଆଗକୁ ବି ରହିବ । ନୂଆପଡ଼ା ଏନଏସି ଅଧୀନ ଆକଟ ଛକ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ଉପସ୍ଥିତ ଜନତାଙ୍କ ଭରପୁର କରତାଳି ସହ ନାରା ଦିଆଯାଇଥିଲା ।

ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍‌ସିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଦେବେଶ ଆଚାର୍ଯ୍ୟ, ଦିପାଲି ଦାସ, ସ୍ୱରୂପ ଦାସ, ନନ୍ଦଲାଲ ସିଂହ, ସୁବ୍ରତ ସିଂହ, ରାଧାରାଣୀ ପଣ୍ଡା, ଅମିତ ସିଂଦେଓ, ମାନସ ବାଗ, ମୁଜାହିଦ୍ ଖାନ୍ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କ ଦ୍ୱାରା ନୂଆପଡାରେ ହୋଇଥିବା ବିକାଶମୂଳକ କାମକୁ ସ୍ମରଣ ପୂର୍ବକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ବିଶ୍ୱାସ ପ୍ରତିବେଦନା କରିଥିଲେ । ନବୀନ ବାବୁଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସ୍ନେହାଙ୍ଗିନୀ ଛୁରିଆଙ୍କୁ ବହୁ ଭୋଟରେ ବିଜୟୀ କରିବା ପାଇଁ ଉପସ୍ଥିତ ଜନତାଙ୍କ ସହଯୋଗ କାମନା କରିଥିଲେ ।

ନୂଆପଡା ଖୁଣ୍ଟିଆ ଭବନଠାରେ ଉପନିର୍ବାଚନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ (ସୁର ଭାଇ) ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତରାୟ କହିଲେ ଯେ କଳାହାଣ୍ଡି ନୂଆପଡା ମାଟି ରନିଗର୍ଭା । ଏଠାକାର ବାସମତୀ ଚାଉଳ ପୃଥିବୀ ବିଖ୍ୟାତ । ସମସ୍ତ ପ୍ରାକୃତିକ ବୈଭବରେ ପରିପୂର୍ଣ୍ଣ ହେବା ସତ୍ତ୍ୱେ ଏହା ଓଡ଼ିଶାର ଅନ୍ୟତମ ପଛୁଆ ଜିଲ୍ଲାରେ ପରିଗଣିତ ହେଉଛି । ଯାହା କିଛି ଉନ୍ନତି ହୋଇଥିଲା ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଏବଂ ଭକ୍ତ ଦାସଙ୍କ ଅମଳରେ ହୋଇଥିଲା । ଆମେ ଡ୍ୟାମ ତିଆରି କରି ଯେତିକି ଜଳସେଚନ ବ୍ୟବସ୍ଥା କରିଥିଲୁ ତାହା ଆଉ ଆଗକୁ ବୃଦ୍ଧି ପାଇନି । ମୁଁ ଜଣେ ଚାଷୀ ପରିବାରଙ୍କୁ ଭେଟିଥିଲି କହିଲେ ମୋର ୩୦ ଏକର ଜମି ଅଛି କିନ୍ତୁ ଦୁଃଖର ବିଷୟ ମୋ ଦୁଇ ପୁଅ ଦାଦନ ଖଟୁଛନ୍ତି । ଠିକଣା ସମୟରେ ବିହନ, ସାର, କୀଟନାଶକ କିଛି ମିଳୁନାହିଁ । ସରକାର ଘୋର ଅବହେଳା କୃଷକ ପ୍ରତି କରୁଛନ୍ତି । ଉଚ୍ଚ ଶିକ୍ଷା ପାଇଁ କୌଣସି ଟେକ୍ନିକାଲ କଲେଜ ନାହିଁ । ପିଲା ଉଚ୍ଚ ଶିକ୍ଷରୁ ବଞ୍ଚିତ ହୋଇ ଦାଦନ ଯିବାକୁ ବାଧ ହେଉଛନ୍ତି ।

ବିଜେପିର ଘର ଗୁଜରାଟରେ, ଜୟଙ୍କ ଘର ମଧ୍ୟ ଗୁଜରାଟରେ । ନିର୍ବାଚନ ଠିକ ପୂର୍ବରୁ ମୁଖ୍ୟମନ୍ତ୍ରୀ ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କର୍ତ୍ତବ୍ୟ ନିର୍ବାଚନ ପକ୍ଷପାତବିହୀନ କରାଇବା କିନ୍ତୁ ଅଧିକାରୀ ତାହା ପାଳନ କରୁ ନାହାନ୍ତି । ତୁମ ବାପାଙ୍କୁ ଯିଏ ଟିକଟ ଦେଲା, ମନ୍ତ୍ରୀ କଲା, ସେଇ ଦଳ ତ୍ୟାଗକରି ତୁମେ ବିଜେପି ପାଖରେ ବିକ୍ରୀ ହୋଇଗଲ ଓ ସେଇ ବିଜେଡି ଦଳ ବିରୁଦ୍ଧରେ ପ୍ରେସ ମିଟ କରି ବଦନାମ କରୁଛ କାହିଁକି ବୋଲି ଶ୍ରୀ ରାଉତରାୟ ବିଜେପି ପ୍ରାର୍ଥୀଙ୍କୁ ପ୍ରଶ୍ନ କରିଥିଲେ । ଯେଉଁ ଭୋଟ ଚୋରୀ କଥାର ରାହୁଳ ଗାନ୍ଧୀ ପର୍ଦ୍ଦାଫାଶ କରି ସାରା ଦେଶକୁ ଅବଗତ କଲେ ନବୀନ ବାବୁ ଆଜି ବୁଝୁଛନ୍ତି । ସବୁ କାର୍ଯ୍ୟରେ ତାଙ୍କୁ ଅନ୍ଧ ସମର୍ଥନ କରୁଥିଲ କିନ୍ତୁ ଆଜି ତଣ୍ଟିଆ ମାଡ଼ ହେବାରୁ ଭୋଟ ଚୋରୀ ପ୍ରସଙ୍ଗ କହୁଛ । ବିଜେପି ଭୋଟ ଚୋରୀ କରିବା ସାଥିରେ ବର୍ତ୍ତମାନ ପ୍ରାର୍ଥୀ ମଧ୍ୟ ଚୋରୀ କରୁଛି । କଂଗ୍ରେସ ପ୍ରାର୍ଥୀ ହେଉଛନ୍ତି ଜଣେ ସଂଗ୍ରାମୀ, ଭଲ ଆଇନଜୀବୀ, ଆଦିବାସୀଙ୍କ ନେତା ତେଣୁ ତାଙ୍କୁ ବିଜୟୀ କଲେ ନୂଆପଡାର ବିକାଶ ପାଇଁ ସେ ଲଢେଇ କରିବେ । ସାମ୍ବାଦିକ ସମ୍ମୀଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ବିଭାଗ ଅଧକ୍ଷ ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ଏସଟି ସେଲ ଅଧକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରି, ଏସସି ସେଲ ଅଧକ୍ଷ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଭିଯୁକ୍ତଙ୍କୁ...

ବୋଲି କହିଥିଲା । କୁରୁପତିଙ୍କ କଥା ଶୁଣି ପୀତବାସ ନିଜ ସ୍କୁଟିର ଗତିକୁ କମାଇ ଦେବା ସହ କିଏ ବୋଲି ପଚାରି ସ୍କୁଟିର ଷ୍ଟାଣ୍ଡ ମାରିବାକୁ ଚେଷ୍ଟା କରୁଥିବା ବେଳେ କୁରୁପତି ନିଜ ପାଖରେ ରଖିଥିବା ଏକ ଦେଶୀ ବନ୍ଧୁକ ବାହାର କରି ପତବାସଙ୍କ ଉପରକୁ ଗୁଳି ଚଳାଇ ଥିଲା । ଗୁଳିଟି ତାଙ୍କ ଡାହାଣ ଛାତିରେ ବାଜିବା ପରେ ପୀତବାସ ତଳେ ପଡିଯିବା ସହ ସ୍କୁଟି ତଳେ ପଡିଯାଇଥିଲା । ପୀତବାସ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରି କିଛି ପାଦ ଆଗକୁ ଘୋଷାଡି ହୋଇ ଯାଇଥିଲେ । ହେଲେ ସେଠାରେ ହିଁ ତଳେ ପଡି ଯାଇଥିଲେ । ଏହାଦେଖି କୁରୁପତି ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ସେହି ଗୁଳିଟି ବାଜିନଥିଲା । ଏହାପରେ କୁରୁପତି ଓ ଚିଣ୍ଟୁ ବାଇକ୍‌ରେ ବସି ଗୋକର୍ଣ୍ଣେଶ୍ୱର ମନ୍ଦିର ହୋଇ ଲୋଚପଡା ଦେଇ ଶୀତଳାପଲ୍ଲୀ ଗ୍ରାମକୁ ଯାଇ ସେଠାରୁ ଫେରାର ହୋଇ ଯାଇଥିଲେ ବୋଲି ଆଜି କୁରୁପତି ଓ ଚିଣ୍ଟୁ ପୁଲିସକୁ କହିଥିଲେ । ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ଆଜି ୪ ଜଣଙ୍କୁ ରିମାଣ୍ଡରେ ନେବା ସହ ବ୍ରହ୍ମପୁରର ଜଣେ ଜଣାଶୁଣା କର୍ପୋରେଟରଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି । ରିମାଣ୍ଡରେ ନେଇଥିବା ଅଭିଯୁକ୍ତମାନେ ହେଲେ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇ, ଅଭିଯୁକ୍ତ ଯୋଗୀ ରାଉତ ଓ ଚିଣ୍ଟୁ ପ୍ରଧାନ । ବ୍ରହ୍ମପୁରର ଏହି ଜଣାଶୁଣା କର୍ପୋରେଟର ଜଣଙ୍କ ବିକ୍ରମ ଜଣେ ଘନିଷ୍ଠ ସହଯୋଗୀ ଅଟନ୍ତି । ତାଙ୍କୁ ଆଜି ବୈଦ୍ୟନାଥପୁର ଥାନାରେ ଅଟକ ରଖି ପୁଲିସ ଜେରା କରିଛି ।


**AFFIDAVIT**

I, **Jeena John,** W/o: Ramapada Pattnaik, resident of Anandabhawan Complex, Jobra, PS.: Malgodown, Town/Dist.: Cuttack, declare by this **affidavit No-5356, Dtd-25.08.2006,** that now onwards I shall be known as **Jeena Pattnaik** for all future purposes.

**AFFIDAVIT**

I, BOBIRANI SABAT, W/O- SANGRAM KESHARI MOHAPATRA, NUABANDHA STREET, NABARANGAPUR-764059, ODISHA DECLARE BY THIS AFFIDAVIT NO-40535, DT 03.11.2025 THAT NOW ONWARDS I SHALL BE KNOWN AS **SHREEYA MOHAPATRA** FOR ALL FUTURE PURPOSES.

**AFFIDAVIT**

I, Ibrahim Ali Shah , S/O- Mojafar Shah, resident of Ward No.8, AT- Bairoi, PO- Bairoi, PS- Oltapur, Dist- Cuttack, Pin- 754010 Odisha declare by this affidavit No.1313 dtd-25/10/2025 that now onwards I shall be known as IBRAHIM SHAH for all future Purposes.

**MUNICIPAL OFFICE, JHARSUGUDA**

C-1361

**"E" Procurement Notice**

**Tender Call Notice No. 4154 / JM Dt. 29.10.2025**

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tenderodisha.gov.in**

1. Tender Reference : **EO/JMC/06/2025-26**
2. Tender ID No. : **2025_ORULB_120345**
3. Name of the Work : **Civil Construction works as mentioned in website.**
4. No. of works : **As per DTCN.**
5. Estimated Cost : **As per DTCN**
6. Date & Time of availability of Bid Documents in the Portal : **01.11.2025 at 06.00 PM**
7. Last date & time for receipt of bids in the portal : **12.11.2025 at 06.00 PM**
8. Bids received online shall be opened on : **13.11.2025 at 3.30 PM**
9. Name and address of the Officer inviting : **Executive Officer, Jharsuguda Municipality.**
10. Further details can be seen from the procurement portal i.e. **www.tenderodisha.gov.in.**

Sd/- Executive Officer,
Jharsuguda Municipality

I-367 **GOVERNMENT OF ODISHA : (PANCHAYATI RAJ & DRINKING WATER DEPARTMENT)**
**OFFICE OF THE PANCHAYAT SAMITI NANDAPUR, KORAPUT**
E-mail-ori-nandapur@nic.in, No. 4007 / 2025 Date : 30.10.25

**NOTICE INVITING TENDER**

**Bid Identification No. - NDP04 of 2025-26 of B.D.O. Nandapur**

The Block Development Officer, Nandapur, Dist- Koraput, Pin-764037(Odisha) invites **Percentage Rate Bids in Double Cover System on behalf of Governor of Odisha in electronic tendering system (www.tendersodisha.gov.in)** for the construction of 1 (One) nos of works from the eligible civil contractors from Date- 07.11.2025 to Dt- 21.11.2025. The bidders may participate for any bids or all the following works.

| Sl. No. | Name of the Work | Amount put to Tender (Approx. in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Class Rooms in Favour of Sindhadevi Degree Mahavidyalaya, Nandapur | 57,999,84/- | "B" | 10,000/- | 58,000/- | 06 Months |

For more details visit the website - www.tendersodisha.gov.in

Sd/- Block Development Officer
Nandapur

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142

No. 5808 Date. 01.11.2025

**OFFICE OF THE PARADEEP MUNICIPALITY, PARADEEP**
**Quotation Call Notice No. 5806 / Dt. 01.11.2025**

C-1385 : The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for " Internal renovation of office building of Paradeep Municipality " DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of Rs. 4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.03.11.2025 to dt. 13.11.2025. Paper cost shall be paid as per the same method noted in DTCN downloaded online. The firms/ agencies/ fabricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.14.11.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd/- Executive Officer
Paradeep Municipality

**OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA**
Phone No. - (0674) - 2571075, E-mail ID - secz.dag@gov.in
e - Procurement Notice No- 2234 /Agril, Date-30.10.2025
L-97 Bid Identification No. : 13/S.E. (A), C/Z,BBSR /2025-26

The Superintending Engineer (Agril), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below(Composite Tender)
**Name & Type of the work : Construction of Field Laboratory cum Office Building.( including furniture, electrical fittings, CCTV and 3 phase connection )at Pipili Agriculture Farm, Dist-Puri (Composite Tender)**

| | | |
|---|---|---|
| 1 | Civil construction works | RCC framed structure Building |
| 2 | Estimated Cost put to Tender | Rs.44,99668.00 |
| 3 | EMD Amount | Rs.44996.00 |
| 4 | Bid Cost | Rs. 6,000/- as Mentioned in Column - 04 |
| 5 | Period of completion | 06 (Six) Calendar Months Mentioned in Column - 07 |
| 6 | No of work (Tender) | 01 no. |
| 7 | Class of Contractor | 'B' class with valid LT/HT/MV Electrical License as Mentioned in Column - 06 |
| 8 | Date & Time of availability of bid document in the portal | 03.11.2025 at 10.AM. to Dt.18.11.2025 at 5.00 P.M. |
| 9 | Last date / Time for receipt of bids in the portal | Dt.18.11.2025 at 5.00 P.M |
| 10 | Last Date of submission of documents/Hardcopy | Dt. 19.11.2025, 5.00 P.M (Working days) only. |
| 11 | Date & time of opening of online bids | Dt.20.11.2025 at 11.30 AM & onwards |
| 12. | Name and address of the officer inviting Bid | Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007 |

NB The Bidders have to participate in ON LINE bidding only in the e - Procurement website; **https://tendersodisha.gov.in** with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders increase decrease the quantities of works without assigning any reasons thereof.

Superintending Engineer (Agril.) Central Zone, Bhubaneswar

A - 822 E-mail : eemidivision_deogarh@yahoo.in
**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH**
No. 1338 / Date. 29.10.2025
**e-PROCUREMENT NOTICE**
**BID REF No: SE MID,DGR /04 / 2025-26**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in.**

| | | |
|---|---|---|
| 1 | Name of the works | Civil Construction works. |
| 2 | No of Works | 08(Eight) No. |
| 3 | Estimated Cost | Approximately From 2.50 lakh and Rs. 25.50 lakh. |
| 4 | Period of completion | 2 ( Two) &. 4 (Four) Calendar months |
| 5 | Date and Time of availability of bid documents in the portal | From Dt.04.11.25 at 10.00 AM to Dt. 13.11.25 up to 5.00 PM. |
| 6 | Last Date / Time of receipt of bids in the portal | Dt.13.11.2025 up to 5.00 PM |
| 7 | Date of opening of Bid | Dt.14.11.2025 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security | Online |

** Further details can be seen from the e-Procurement market place http://tendersodisha.gov.in

Sd/- Superintending Engineer
M.I. Division, Deogarh

N-187 **OFFICE OF THE PRINCIPAL,**
**NABAKRUSHNA CHOUDHURY C.T.E., ANGUL**
No. 1182 / dt. 30.10.2025
**ADVERTISEMENT FOR ENGAGEMENT OF GUEST FACULTIES ON CONTRATUAL BASIS IN NKC CTE, ANGUL**
**WALK IN INTERVIEW**

Applications are invited from interested eligible candidates (fresh/retired) for engagement of Guest Faculties on contractual basis of the following posts in NKC CTE, Angul. The guidelines for engagement of guest faculty on contractual basis issued by Department of Higher Education Notification No.2590/HE dated 11.02.2025, No.20318/HE dated 17.04.2025, No.33122/HE dated 24.06.2025 and No.33124/HE dated 24.06.2025 are available in the college website **(http://nkccteangul.ac.in/).**

| Name of the Post | No. of post for which engagement is to be made | Qualification | Remuneration |
|---|---|---|---|
| Associate Professor in Education | 01 | As per NCTE norm. | As per Higher Education Department letter No.33122/HE dated 24.06.2025 |
| Assistant Professor in English | 01 | | |
| Assistant Professor in Odia | 01 | | |

The interested candidates are required to attend the Interview directly on 7th November, 2025 in the office of the undersigned during 11.00 a.m. to 2.00 p.m. along with their bio-data, present and Permanent address, copies of educational certificates, bank account no., photographs etc.

- No. TA/DA is allowed to the candidates for the purpose.
- Authority reserves the right to accept / reject any of / all applications without assigning any reason thereof.

**Sd/- PRINCIPAL**

A-835 **GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, PADAMPUR,**
E-mail : eemipad@yahoo.com
Ph. No. 06683-223418
**e- PROCUREMENT NOTICE : BID IDENTIFICATION No: SEMIDPDP-03/2025-26**
**No- 2195 Date-31.10.2025**

The Superintending Engineer, Minor Irrigation Division, Padampur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of work | Civil Construction Work |
| No. of works | 17 (Seventeen) Nos Minor irrigation Projects. |
| Estimated cost | From Rs 5.07 lakh to Rs. 68.04 lakh |
| Tender paper cost | Rs 4000.00 to 10000.00 |
| Period of completion | 3 to 6 (Three to Six) Calendar months |
| Class of Contractor | "D" & "C", "B" |
| Availability of bid documents | From 06.11.2025 (11.00 AM) to 20.11.2025 up to (5.00 PM) through online in website (www.tendersorissa.gov.in) |
| Period of Receipt of bid through on Line | From 06.11.2025 (11.00 AM) to 20.11.2025 up to \| (5.00 PM) through online. |
| Mode of Payment | Online |
| Date of opening of Bid documents/ Technical Bid | **21.11.2025 (11.00 AM onwards)** in the Office of the S.E, M.I. Division, Padampur. |
| Date of opening of Financial Bid | 27.11.2025 (11.00 AM onwards) in the Office of the S.E.M.I. Division, Padampur. |
| Date of Lottery (If required) | **01.12.2025 (11.00 AM Onwards)** |
| Digital signature certificate of Bidder | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website | **https://tendersodisha.gov.in** |
| Name & Address of the OIT | O/o The Superintending Engineer, M.I. Division, Padampur, Dist - Bargarh, PIN - 768036 |
| Further details can be seen from the E-Procurement website. | **https://tendersodisha.gov.in** |

**Note :** Corrigendum / Addendum / Modifications/ Additions if any can be seen through on-line only.

Sd/- Superintending Engineer
M.I. Division, Padampur

# ନାଲ୍‌କୋରେ ସତର୍କତା ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ : ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼(ନାଲକୋ) ପକ୍ଷରୁ ସତର୍କତା ଆମର ସହଭାଗୀ ଦାୟିତ୍ୱ ବିଷୟବସ୍ତୁ ଆଧାରରେ ସତର୍କତା ସଚେତନତା ସପ୍ତାହ -୨୦୨୫ ପାଳିତ ହୋଇଯାଇଛି । ଜୀବନରେ ଅଖଣ୍ଡତା, ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କମ୍ପାନୀର ସମସ୍ତୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଭୁବନେଶ୍ୱର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭୁବନେଶ୍ୱର ଏବଂ କଟକର ପ୍ରାୟ ୭୦ଟି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୨୫୦ ରୁ ଅଧିକ ଉତ୍ସାହୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କର୍ମକ୍ଷେତ୍ରରେ ନୈତିକ ଆଚରଣ ଏବଂ ସତର୍କତାର ବାର୍ତ୍ତାକୁ ଆହୁରି ସୁଦୃଢ଼ କରିବା ପାଇଁ ନାଲକୋ କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ବୁଧବାର କର୍ପୋରେଟ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସମାପନୀ ସମାରୋହରେ, ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥି ସହ, ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପିଏଣ୍ଡଟି), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ଏବଂ ପ୍ରଣବଜ୍ୟୋତି ନାଥ, ସିଭିଓ, ନାଲକୋ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ପ୍ରଣବଜ୍ୟୋତି ନାଥ, ସିଭିଓ , ନାଲକୋ, ସପ୍ତାହବ୍ୟାପୀ ପାଳନ ସମୟରେ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ଏବଂ




ସତର୍କତା ସଚେତନତା ସପ୍ତାହ ସମୟରେ କର୍ମଚାରୀ, ଛାତ୍ର ଏବଂ ଅଂଶୀଦାରମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସହଭାଗିତାକୁ ପ୍ରଶଂସା କରିଥିଲେ । ସେ ନୈତିକ ଆଚରଣ ଏବଂ ସଂଗଠନିକ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ନିଜ ଅଭିଭାଷଣରେ, ହେମନ୍ତ ଶର୍ମା, ନାଲକୋର ଅବଦାନକୁ ପ୍ରଶଂସା କରି କହିଥିଲେ ଯେ, ନାଲକୋ ସଚ୍ଚୋଟତାର ସହିତ ସମ୍ବଳର ସୁପରିଚାଳନା ଦ୍ୱାରା ଦେଶର ପ୍ରଗତି କ୍ଷେତ୍ରରେ ନିଜର ଯୋଗଦାନ କରିପାରିଛି । ଆନ୍ତରିକ ମୂଲ୍ୟବୋଧକୁ ବଜାୟ ରଖିବା ସହ ଓଡ଼ିଶା ତଥା ସାମୁଦାୟିକ ବିକାଶରେ ସମ୍ବଳର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ନାଲକୋର ପ୍ରଚେଷ୍ଟାକୁ ସେ ପ୍ରଶଂସା କରିଥିଲେ । ବିଶ୍ୱସନୀୟତା । ଯେକୌଣସି ସଫଳ ସଂଗଠନର ଆଧାର ବୋଲି ସେ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ନାଲକୋ କର୍ମଚାରୀମାନଙ୍କୁ ସଶକ୍ତ କରିବା ଦ୍ୱାରା ସତର୍କତା ପ୍ରୋତ୍ସାହିତ ହୁଏ ଓ ସ୍ୱଚ୍ଛତା ଏବଂ ଗୁଣବତ୍ତା ସହିତ କାର୍ଯ୍ୟ କରିବା ଦ୍ୱାରା ତାହା ସ୍ୱାଭାବିକ ଭାବରେ ସଂଗଠନର ଆୟ ବୃଦ୍ଧି ନିମନ୍ତେ ପଥ ପ୍ରଶସ୍ତ କରେ । ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ ଯେ, ସତର୍କତା ଏକ ନିରନ୍ତର ଅଭ୍ୟାସ ହେବା ଉଚିତ । ସତର୍କତା କେବଳ ଭୁଲକୁ ରୋକିବା ବିଷୟ ନୁହେଁ ବରଂ ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାର ବିଷୟ ଯେଉଁଠାରେ ସଚ୍ଚୋଟତା ଏବଂ ନ୍ୟାୟ ପ୍ରତ୍ୟେକ କାର୍ଯ୍ୟ ଏବଂ ନିଷ୍ପତ୍ତିକୁ ମାର୍ଗଦର୍ଶନ କରେ । ସେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ, ସତର୍କତା କାର୍ଯ୍ୟବ୍ୟବସ୍ଥାକୁ ମଜବୁତ କରିବା ସହ ନୈତିକ ଅଭ୍ୟାସକୁ ପ୍ରୋତ୍ସାହିତ କରେ ଏବଂ ସଂଗଠନିକ ବିଶ୍ୱସନୀୟତା ନିର୍ମାଣ କରେ, ଯାହା ଦ୍ୱାରା ଅଂଶୀଦାରଙ୍କ ବିଶ୍ୱାସ ଅଧିକ ସୁଦୃଢ଼ ହୋଇଥାଏ । ସମାପନୀ ସମାରୋହ ନାଲକୋର ନୈତିକ ଉତ୍କର୍ଷତା ଏବଂ ସ୍ୱଚ୍ଛତାର ସହିତ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ନାଲକୋ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ବିଷୟବସ୍ତୁ ସହିତ, ଅଗଷ୍ଟ ୧୮, ୨୦୨୫ ଠାରୁ ଆରମ୍ଭ ହୋଇଥିବା ତିନି ମାସ ବ୍ୟାପୀ ସଚେତନତା ଅଭିଯାନ ମଧ୍ୟ ପାଳନ କରିଛି ।

## ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଇଁ "ଓକେସିଏଲ୍ ଅଲମ୍ପିଆଡ୍ ଆନ୍ଦୋଳନ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଜ୍ଞାନ ନିଗମ (ଓକେସିଏଲ୍) ପକ୍ଷରୁ ବୁଧବାର ରାଜ୍ୟସ୍ତରରେ "ଓକେସିଏଲ୍ ଅଲମ୍ପିଆଡ୍ ଆନ୍ଦୋଳନର ଶୁଭାରମ୍ଭ ହୋଇଛି । ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ହେଉଛି ଓଡ଼ିଆ ମାଧ୍ୟମ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମନେରଖି ପଢ଼ିବା ଅଭ୍ୟାସକୁ କମେଇ, ବୁଝି ଓ ଭାବି ଶିଖିବା ଦୃଷ୍ଟିକୋଣକୁ ଗୁରୁତ୍ୱ ଦେବା । ଭୁବନେଶ୍ୱର ଜୟଦେବ ବିହାର ସ୍ଥିତ ଓକେସିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକେସିଏଲ୍‌ର ଜିଲ୍ଲା ସଂଯୋଜକମାନେ , ଓକେସିଏଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୮୦୦ରୁ ଅଧିକ



ଅଧିକୃତ ଶିକ୍ଷା କେନ୍ଦ୍ର ଏବଂ ଶତାଧିକ ସ୍କୁଲ ଛାତ୍ରଛାତ୍ରୀ ଅନଲାଇନ୍ ମାଧ୍ୟମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ଃ. ମନୋରଞ୍ଜନ ପୁଥାଲଙ୍କ ଦ୍ୱାରା ହୋଇଥିଲା । ସଭାରେ ପ୍ରଖ୍ୟାତ ଗଣିତଜ୍ଞ ଡ଼ଃ. ହାଡିବନ୍ଧୁ ପଟ୍ଟନାୟକ ବିଶେଷ ଅତିଥି ଭାବେ ଉପସ୍ଥିତ ହୋଇ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ବର୍ଷ ରାଜ୍ୟର ୨୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏହି ଆନ୍ଦୋଳନ ସହିତ ଯୋଡି ଏହି ଆନ୍ଦୋଳନକୁ ଭବିଷ୍ୟତରେ ସାରା ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଁଚାଇବା ହେଉଛି ଓକେସିଏଲ୍‌ର ଲକ୍ଷ୍ୟ । ଓକେସିଏଲ୍ ଅଲମ୍ପିଆଡ୍ ଆନ୍ଦୋଳନ ହେଉଛି ଏକ ରାଜ୍ୟସ୍ତରୀୟ ଅନଲାଇନ୍ ପ୍ରତିଯୋଗିତା, ଯେଉଁଥିରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ (ଇଗଉ) ଅଧୀନସ୍ଥ ସମସ୍ତ ଓଡ଼ିଆ ମାଧ୍ୟମ ସ୍କୁଲର ୪ରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ ।

## ଭୁବନେଶ୍ୱର ଭାରତ ସେବାଶ୍ରମ ସଂଘ ଆଶ୍ରମରେ ରାସ ପୂର୍ଣ୍ଣିମା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ଭାରତ ସେବାଶ୍ରମ ସଂଘ ଆଶ୍ରମରେ ସ୍ୱାମୀ ଜଗନ୍ନାଥାନନ୍ଦ ଜୀଙ୍କ ଅଧ୍ୟକ୍ଷତାରେ ରାସ ପୂର୍ଣ୍ଣିମା ଉପଲକ୍ଷେ ଯଜ୍ଞ, ଗୁରୁବନ୍ଦନା, ଭଜନ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁ ପ୍ରଣବାନନ୍ଦଙ୍କର ଭଜନ ମଧ୍ୟ ପରିବେଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସିଏସ୍ ରାଓ, ପୂଜକ ଏସ୍ ଆର



ଚକ୍ରବର୍ତ୍ତୀ, ଗୁରୁକଲ୍ୟାଣ ମହାପାତ୍ର, ଦିବ୍ୟଜ୍ୟୋତି ସାହୁ, ରଶ୍ମି ନାୟକ ଓ ପ୍ରଣବ କନ୍ୟା ସଂଘର ସନ୍ୟାସିନି ଆକୃଷ୍ଣାନନ୍ଦ ମୟୀ ଓ ବ୍ରହ୍ମଚାରିଣୀ ଭବାନୀ (ଝାରସୁଗୁଡ଼ା) ପ୍ରମୁଖ ଯୋଗ ଦେଇଥିଲେ ।

## ବାଲିଯାତ୍ରାରେ ରୁଚି ମଣ୍ଡପ ଉଦ୍‌ଘାଟିତ

# ଗ୍ରାହକଙ୍କ ପାଇଁ ରହିଛି ବିଶେଷ ଅଫର

କଟକ, (ସବ୍ୟୁ) : ଐତିହାସିକ କଟକ ବାଲିଯାତ୍ରାରେ ଓଡିଶାର ଜଣାଶୁଣା ରୁଚି ଫୁଡ ଲାଇନ୍ ଶିଳ୍ପୋଦ୍ୟୋଗର ମଣ୍ଡପ ଉଦ୍‌ଘାଟିତ ହୋଇଛି । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ ଓ ରୁଚିର ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଶାର ପ୍ରସିଦ୍ଧ ଏହି ବାଣିଜ୍ୟିକ ଓ ସାଂସ୍କୃତିକ ମେଳା କଟକ ବାଲିଯାତ୍ରାରେ ରୁଚି ଦୀର୍ଘ ୫୦ ବର୍ଷ ଧରି ଅଂଶଗ୍ରହଣ କରୁଥିବା ନେଇ ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ରୁଚି



ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଚଳିତ ବାଲିଯାତ୍ରାରେ ରୁଚିର ସମସ୍ତ ପ୍ରକାର ମସଲା, ସିମାଇ, ପାସ୍ତା, ଫାର୍ମ ବି ର ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀର ଗୋଟିଏ ସାମଗ୍ରୀ ସହିତ ଆଉ ଗୋଟିଏ ସାମଗ୍ରୀ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ପ୍ରଥମ ଦିନରେ ଗ୍ରାହକମାନଙ୍କର ବେଶ୍ ପସନ୍ଦ ହୋଇଛି ରୁଚି ସାମଗ୍ରୀ । ଏହି ଅବସରରେ ଫାର୍ମ ବି ମଣ୍ଡପ ମଧ୍ୟ ଉଦଘାଟିତ ହୋଇଛି । ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ରୁଚି ମାନବ ସମ୍ବଳ ବିଭାଗ ମୁଖ୍ୟ ସନ୍ତୋଷ କୁମାର ପାଢୀ, ମେସେଞ୍ଜର୍ସର ମୁଖ୍ୟ ଦେବୀପ୍ରସାଦ ଦାଶ, ମାର୍କେଟିଂର ପ୍ରଶାନ୍ତ ପାତ୍ର, ଆଲୋକ ଦାସ, ଅରକ୍ଷିତ ରଣା, ଅକ୍ଷୟ କୁମାର ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ଅବିନାଶ ସିଂ, ହିମାଂଶୁ ଦାସ, ଅଜିତ ବେବର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜଖପୁରାରେ ନୂତନ ଗତି ଶକ୍ତି କାର୍ଗୋ ଟର୍ମିନାଲ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର, (ସବ୍ୟୁ) : ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଜାଖପୁରା ଷ୍ଟେସନ ଠାରେ ୧୬ ଅକ୍ଟୋବର ୨୦୨୫ରେ ଏକ ନୂତନ ଗତି ଶକ୍ତି କାର୍ଗୋ ଟର୍ମିନାଲ୍ କାର୍ଯ୍ୟକ୍ଷମ ହୋଇଛି । ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ଏହି ଟର୍ମିନାଲ୍, ସମନ୍ୱିତ ଏବଂ ନିର୍ବିଘ୍ନ ବହୁମୁଖୀ ସଂଯୋଗୀକରଣ ପାଇଁ ପ୍ରଧାନମନ୍ତ୍ରୀ ଗତି ଶକ୍ତି - ଜାତୀୟ ମାଷ୍ଟର ପ୍ଲାନକୁ ସୁଦୃଢ଼ କରିବାରେ ଆଉ ଏକ ମାଇଲଖୁଣ୍ଟ । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ ମୋଟ ପ୍ରକଳ୍ପ ମୂଲ୍ୟ ୩୬.୮୫ କୋଟି ଟଙ୍କା ଅଟେ । ଟର୍ମିନାଲ୍‌ର ଚାରୋଟି ଲାଇନ ପରିଚାଳନା କ୍ଷମତା ଅଛି ଏବଂ ଏହା ସ୍ୱତନ୍ତ୍ର ବ୍ୟବହାର ପାଇଁ ଡିଜାଇନ୍ କରାଯାଇଛି । ବାହ୍ୟ ସାମଗ୍ରୀ ଭାବରେ ଏହି କାର୍ଗୋ ଟର୍ମିନାଲ୍ ସିମେଣ୍ଟ ପରିବହନ କରିବାକୁ ଥିବାବେଳେ କ୍ଲିଙ୍କର୍, ସ୍ଲାଗ୍ ଏବଂ ଜିପସମ୍ ଭଳି ଦ୍ରବ୍ୟ ଆଭ୍ୟନ୍ତରୀଣ ସାମଗ୍ରୀ ଭାବରେ ପରିବହନ କରାଯାଇ ପାରିବ । ଆକଳନ ଅନୁଯାୟୀ ଏହି କାର୍ଗୋ ଟର୍ମିନାଲ୍ ପ୍ରତି ମାସରେ ପ୍ରାୟ ୮୬ ରେକ୍ ପରିଚାଳନା କରିବ ବୋଲି ଆଶା କରାଯାଉଛି ଯେଉଁଥିରେ ୩୬ଟି ବାହ୍ୟ (ଇନୱାର୍ଡ) ଏବଂ ୫୦ଟି ଆଭ୍ୟନ୍ତରୀଣ (ଆଉଟୱାର୍ଡ) ରେକ୍ ଅନ୍ତର୍ଭୁକ୍ତ, ଯାହା ସିମେଣ୍ଟ ଏବଂ ଆନୁସଙ୍ଗିକ ଶିଳ୍ପ ପାଇଁ କଞ୍ଚାମାଲ ଏବଂ ସମାପ୍ତ ଉତ୍ପାଦର ପରିବହନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।

## କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଷ୍ଟ୍ରୋକ ଦିବସ ୨୦୨୫ ଅବସରରେ, କେୟାର୍ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ପ୍ରତି ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରୋକକୁ ଚିହ୍ନଟ କରନ୍ତୁ, ତୁରନ୍ତ ପଦକ୍ଷେପ ନିଅନ୍ତୁ ବିଷୟରେ ଏକ ଜନସଚେତନତା କାର୍ଯକ୍ରମ ଆୟୋଜନ କରାଯାଇଛି । ଯାହାର ଉଦେଶ୍ୟ ଜଣସାଧାରଣଙ୍କୁ ଷ୍ଟ୍ରୋକର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ତୁରନ୍ତ ଚିକିତ୍ସା ଓ ଜୀବନଶୈଳୀର ସଠିକ ପରିବର୍ତ୍ତନ ଦ୍ୱାରା ଷ୍ଟ୍ରୋକ ସମ୍ପର୍କିତ ଅସମର୍ଥତାକୁ ରୋକିବା ବିଷୟରେ ସଚେତନ କରିବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଷ୍ଟ୍ରୋକ ବିଶ୍ୱସ୍ତରରେ ମୃତ୍ୟୁର ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦୀର୍ଘକାଳୀନ ଅସମର୍ଥତାର ମୁଖ୍ୟ ଯୋଗଦାନକାରୀ । ଭାରତରେ ମଧ୍ୟ ଏହା ମୃତ୍ୟୁର ପ୍ରମୁଖ କାରଣମାନଙ୍କ ମଧ୍ୟରେ ରହିଛି, ଯେଉଁଠାରେ ଗ୍ରାମାଞ୍ଚଳରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ




୨୬୨ ଓ ସହର ଅଞ୍ଚଳରେ ୪୨୪ ଲୋକ ପ୍ରଭାବିତ ହେଉଛନ୍ତି । ଷ୍ଟ୍ରୋକ ହେଉଛି ଯେତେବେଳେ ମସ୍ତିଷ୍କକୁ ଯାଉଥିବା ରକ୍ତ ପ୍ରବାହ ବନ୍ଦ ହୋଇଯାଏ କିମ୍ବା ରକ୍ତନଳୀ ଫାଟିଯାଏ, ଫଳରେ ମସ୍ତିଷ୍କ କୋଷକୁ କ୍ଷତି ହୁଏ । ସାଧାରଣ ଲକ୍ଷଣମାନେ ହେଲା - ହଠାତ୍ ଦୁର୍ବଳତା, ମୁହଁ ବଙ୍କା ହୋଇଯିବା, ଉଚ୍ଚାରଣରେ ଅସୁବିଧା ହେବା , ସମତା ହରାଇବା କିମ୍ବା ଅଚେତ ହୋଇଯିବା । ପ୍ରମୁଖ ବିପଦପୂର୍ଣ୍ଣ କାରଣ ଗୁଡିକ ହେଲା - ରକ୍ତଚାପ, ଡାୟବେଟିସ୍, ମୋଟାପା, ଧୂମ୍ରପାନ, ମଦପାନ ଓ ହୃଦରୋଗ । ଡା. ବିକାଶ କୁମାର ମିଶ୍ର, କ୍ଲିନିକାଲ୍ ଡିରେକ୍ଟର ଓ ବିଭାଗୀୟ ମୁଖ୍ୟ - ନ୍ୟୁରୋସାଇନ୍ସସ୍, କେୟାର୍ ହସ୍ପିଟାଲ୍ସ ଭୁବନେଶ୍ୱର କହିଛନ୍ତି ,ପୃଥିବୀରେ ପ୍ରତି ଛଅ ଜଣ ମଧ୍ୟରୁ ଜଣେ ଷ୍ଟ୍ରୋକର ଶିକାର ହୁଅନ୍ତି । ଜୀବନ ମୂଲ୍ୟବାନ, ଯଥାର୍ଥ ସତର୍କ ରୁହନ୍ତୁ ଓ ଷ୍ଟ୍ରୋକ ଦ୍ୱାରା ଜୀବନକୁ ହାରିବାକୁ ଦିଅନ୍ତୁ ନାହିଁ । ଯଦି କାହାର ମୁହଁ ବଙ୍କା ହେଉଛି, ହାତ ଦୁର୍ବଳ ହେଉଛି କିମ୍ବା କଥା କହିବାରେ ଅସୁବିଧା ହୁଏ, ତେବେ ତୁରନ୍ତ ହସ୍ପିଟାଲକୁ ଯାଆନ୍ତୁ । ବିଶେଷଜ୍ଞମାନେ ସୁପାରିଶ କରିଛନ୍ତି ଯେ ୪୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନେ, ବିଶେଷତଃ ଧୂମ୍ରପାନ, ମଦପାନ କିମ୍ବା ରକ୍ତଚାପ ରୋଗୀମାନେ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ ।

## ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ

## ୬.୫୦ ଲକ୍ଷ ୟୁନିଟ ବିକ୍ରୟ ସହିତ ମଜଭୁତ ଅଭିବୃଦ୍ଧି ହାସଲ କଲା

ଭୁବନେଶ୍ୱର, (ସବ୍ୟୁ) : ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ୨୦୨୫ ଅକ୍ଟୋବରରେ ମୋଟ ୬,୫୦,୫୯୬ୟୁନିଟ ବିକ୍ରି କରିଛି । ଏଥିମଧ୍ୟରେ ୫,୯୮,୯୫୨ ୟୁନିଟ ଘରୋଇ ବଜାରରେ ବିକ୍ରି ଏବଂ ୫୧,୬୪୪ୟୁନିଟ ର ପ୍ତାନି ଅନ୍ତର୍ଭୁକ୍ତ ରହିଛି । ଏଚଏମ ଏସଆଇ ମୋଟ ବିକ୍ରି କ୍ଷେତ୍ରରେ ୨୦୨୪ ଅକେଫାବର ତୁଳନାରେ ୯% ଇୟର-ଅନ -ଇୟର ଅଭିବୃଦ୍ଧି ଏବଂ ୨୦୨୫ ସେପ୍ଟେମ୍ବର ତୁଳନାରେ ମୋଟ ବିକ୍ରିରେ ୧୫% ମନ୍ଥ-ଅନ -ମନ୍ଥ (ଏମ ଓଏମ ) ଅଭିବୃଦ୍ଧି ହାସଲ କରିଛି । ଏଫ ୱାଇ୨୬ (ଏପ୍ରିଲ-ଅକ୍ଟୋବର ୨୦୨୫) ଅବଧିରେ ଇୟର-ଟୁ-ଡେଟ (ୱାଇଟିଡି) ଅବଧି ନିମନ୍ତେ ଏଚଏମ ଏସଆଇ ମୋଟ ୩୬,୪୧,୬୧୨ୟୁନିଟ ବିକ୍ରି କରିଛି, ଯେଉଁଥିରେ ଘରୋଇ ବଜାରରେ ୩୨,୭୮,୪୫୧ୟୁନିଟ ଏବଂ ର ପ୍ତାନି ୩,୬୩,୧୬୧ୟୁନିଟ ଅନ୍ତର୍ଭୁକ୍ତ ।

## କ୍ୟୁଏସ୍ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ ୨୦୨୬ : ଓଡ଼ିଶାରେ ଶୀର୍ଷରେ କିଟ୍

ଭୁବନେଶ୍ୱର, (ସବ୍ୟୁ) : କ୍ୟୁଏସ ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି । ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଏସିଆରେ ୨୯୪ ତମ ସ୍ଥାନ ହାସଲ କରି ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ସମକକ୍ଷ ହୋଇପାରିଛି । ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସମ୍ମାନଜନକ ସ୍ଥାନରେ ରହିଛି । ପ୍ରତିବର୍ଷ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ନେଇ କ୍ୟୁଏସ୍ ପକ୍ଷରୁ ରାଙ୍କିଙ୍ଗ ପ୍ରସ୍ତୁତ କରାଯାଇଥାଏ । ଚଳିତବର୍ଷ ମଧ୍ୟ କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ପ୍ରକାଶ ପାଇଛି । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଭାରତରେ ସମ୍ମାନଜନକ ସ୍ଥାନରେ ରହିଛି । ପୂର୍ବ ଭାରତରେ ମଧ୍ୟ କିଟ୍ ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛି । ଏହି ସଫଳତା କିଟ୍‌ର ଉଚ୍ଚଶିକ୍ଷାରେ ଉତ୍କର୍ଷତା ପ୍ରତି ଉତ୍ସର୍ଗକୁ ପ୍ରତିପାଦିତ କରୁଛି । କ୍ୟୁଏସ ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ୫୫୫ ନୂତନ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଛନ୍ତି । ନିକଟରେ ପ୍ରକାଶ ପାଇଥିବା ଟାଇମ୍ସ ହାଇୟର ଏଜୁକେସନ୍ ରାଙ୍କିଙ୍ଗରେ ମଧ୍ୟ କିଟ୍ ବିଶ୍ୱର ୫୦୧ କୋହର୍ଟରେ ରହିଥିବା ବେଳେ ସମଗ୍ର ଭାରତରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିଲେ । ଏହି ରାଙ୍କିଙ୍ଗ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି । ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ । ନିରବଚ୍ଛିନ୍ନ ଭାବେ ସମସ୍ତ ୱାର୍ଲ୍ଡ ରାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ନିଜର ଉନ୍ନତ ରାଙ୍କ ବଜାୟ ରଖି ଓଡ଼ିଶାକୁ ଗୌରବାନ୍ୱିତ କରିଆସିଛି । କିଟ୍ ମାତ୍ର ୨୨ ବର୍ଷର ଏକ କନିଷ୍ଠତମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗରେ ଭଲ ପ୍ରଦର୍ଶନ କରି ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି । ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି ।

## "ଆଇଏଫ୍‌ଏଟି ଇଣ୍ଡିଆ ୨୦୨୫'ର ୧୨ତମ ସଂସ୍କରଣ ସମାପ୍ତ

ଭୁବନେଶ୍ୱର : ଜଳ, ସ୍ୱେରେଜ୍, କଠିନ ବର୍ଜ୍ୟବସ୍ତୁ ଓ ରିସାଇକ୍ଲିଂ ସଲ୍ୟୁସନ୍ ପାଇଁ ଦେଶର ସର୍ବବୃହତ୍ ବାଣିଜ୍ୟ ମେଳା "ଆଇଫାଟ୍ ଇଣ୍ଡିଆର ୧୨ତମ ସଂସ୍କରଣ ମୁମ୍ବାଇରେ ଶେଷ ହୋଇଛି । ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମେସେ ମୁଏନଚେନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବମ୍ବେ ପ୍ରଦର୍ଶନୀ କେନ୍ଦ୍ରରେ ୪୫,୦୦୦ ବର୍ଗମିଟର ପରିମିତ ସ୍ଥଳରେ ୩୦ ଦେଶରୁ ୧୮,୦୦୦ ପରିଦର୍ଶକ, ୫୬୦ ପ୍ରଦର୍ଶନକାରୀଙ୍କ ସର୍ବକାଳୀନ ସର୍ବାଧିକ ଅଂଶଗ୍ରହଣ ରେକର୍ଡ କରାଯାଇଛି । ଆଇଏମଇଏର ସଭାପତି ଭୂପିନ୍ଦର ସିଂ କହିଛନ୍ତି, ଆଇଏଫଏଟି ଇଣ୍ଡିଆ ୨୦୨୫ ବାସ୍ତବରେ ବିଶ୍ୱ ସହଯୋଗର ଭାବନାକୁ ପ୍ରତିଫଳିତ କରିଛି । ୩୦ ରୁ ଅଧିକ ଦେଶର ପ୍ରଦର୍ଶନକାରୀ ଏବଂ ଆନ୍ତର୍ଜାତୀୟ ପ୍ରତିନିଧି, ମଣ୍ଡପ ଏବଂ ବକ୍ତାମାନଙ୍କ ଅଂଶଗ୍ରହଣ ସହିତ, ଏହି ସଂସ୍କରଣ ଆନ୍ତର୍ଜାତୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ଉଦ୍ଭାବନର ଏକ ମିଶ୍ରଣ ସ୍ଥଳରେ ପରିଣତ ହୋଇଥିଲା ।

## ୟଙ୍ଗ ଇଣ୍ଡିୟାନ୍ସ ଭୁବନେଶ୍ୱର ଚ୍ୟାପ୍ଟର ଦ୍ୱାରା

# କନଫ୍ଲୁଏନ୍ସିଆ ୨୦୨୫ ପାଇଁ ପ୍ରାରମ୍ଭିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ୟଙ୍ଗ ଇଣ୍ଡିୟାନ୍ସ (ୱାଇଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ କନଫ୍ଲୁଏନ୍ସିଆ ୨୦୨୫ର ପ୍ରାରମ୍ଭିକ ଉତ୍ସବ ଭାବେ ଭାରତରେ ସ୍ପେନର ରାଷ୍ଟ୍ରଦୂତ ମହାମହିମ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା ଆୟୋଜନ କରାଯାଇଥିଲା । ଏହି ଅଧିବେଶନରେ ୱାଇଆଇ ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ଅବନୀଶ ନାୟକଙ୍କ ଅଧ୍ୟକ୍ଷତା ଏବଂ ପରିଚାଳନା କରିଥିବା ବ୍ୟବସାୟର ପରିବର୍ତ୍ତନଶୀଳତା ଏବଂ ଭୌ-ରାଜନୈତିକ ପରିଦୃଶ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ବୈଶ୍ୱିକ ବ୍ୟବସ୍ଥା ଉପରେ ଅନ୍ତର୍ନିହିତ




ଦୃଷ୍ଟିକୋଣ ବାଣ୍ଟିଥିଲେ । ଭାରତ ଏବଂ ସ୍ପେନ ମଧ୍ୟରେ ଗଭୀର ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ୨୦୨୬ର ଆଗାମୀ ଦ୍ୱୈତ ବର୍ଷର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ, ଯାହାର ଉଦ୍ଦେଶ୍ୟ ବାଣିଜ୍ୟ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି - ସହଯୋଗ ଏବଂ ପାରସ୍ପରିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ସଂସ୍ଥାଗତ ମୁଖ୍ୟ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ଉଦ୍ୟୋଗୀ ଏବଂ ୱାଇଆଇ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ଆମେରିକା ଉପରୁ ୨୪% ଶୁଳ୍କ ହଟାଇଲା ଚୀନ



**ୱାଶିଂଟନ:** ଆମେରିକୀୟ ସାମଗ୍ରୀ ଉପରୁ ୨୪% ଶୁଳ୍କ ହଟାଇଲା ଚୀନ୍। ଏହାକୁ ଗୋଟିଏ ବର୍ଷ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଦକ୍ଷିଣ କୋରିଆରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଆମେରିକା, ଚୀନ୍ ଉପରୁ ୧୦% ଶୁଳ୍କ ହ୍ରାସ କରିଥିଲା । ଏବେ ଚୀନ୍ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଇ ଆମେରିକାକୁ ଆଶ୍ୱସ୍ତି ଦେଇଛି ।

ସି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକର ପ୍ରମୁଖ ପ୍ରଭାବ ଏବେ ଦେଖିବାକୁ ମିଳୁଛି । ଆମେରିକା-ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ପ୍ରାୟ ସ୍ଥଗିତ ହୋଇଯାଇଛି । ଚୀନ୍ ବୁଧବାର ଏକ ବଡ଼ ଘୋଷଣା କରି କହିଛି ଯେ, ସେ ଚୀନକୁ ଆସୁଥିବା ସମସ୍ତ ଆମେରିକୀୟ ସାମଗ୍ରୀ ଉପରେ ଏହାର ୨୪% ଶୁଳ୍କକୁ ଗୋଟିଏ ବର୍ଷ ପାଇଁ ସ୍ଥଗିତ ରଖିବ । ଏବେ ଆମେରିକୀୟ ସାମଗ୍ରୀ ଉପରେ ଚୀନ୍ ୧୦% ଶୁଳ୍କ ଲାଗୁ କରିବ । ଚୀନ୍ ଦ୍ୱାରା ଏହି ନିଷ୍ପତ୍ତି ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଉତ୍ତେଜନା ହ୍ରାସର ସଙ୍କେତ ଦେଇଛି ।

ଚୀନର ରାଷ୍ଟ୍ରୀୟ ଶୁଳ୍କ କମିଶନ ପରିଷଦ ଦ୍ୱାରା ଜାରି ଏକ ବିବୃତିରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱର ସର୍ବବୃହତ କୃଷିଭିତ୍ତିକ ଜିନିଷ ଆମଦାନୀକାରୀ ଚୀନ୍, ଚଳିତ ମାସ ନଭେମ୍ବର ୧୦ ତାରିଖରୁ ଆମେରିକୀୟ କୃଷି ଉତ୍ପାଦ ଉପରେ ଲାଗୁ ହୋଇଥିବା ୧୫% ପର୍ଯ୍ୟନ୍ତ ଟାରିଫ୍ ପ୍ରତ୍ୟାହାର କରିବ ।

ଜିନପିଙ୍ଗଙ୍କୁ ଭେଟିବା ପରେ ଟ୍ରମ୍ପ ଚୀନ ଉପରୁ ଶୁଳ୍କ ହ୍ରାସ କରିଛନ୍ତି । ସେ କହିଥିଲେ ଯେ, ଚୀନ ସହିତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ବାଣିଜ୍ୟ ଚୁକ୍ତି ଉପରେ ଖୁବ୍ ଶୀଘ୍ର ଭଲ ଖବର ମିଳିବ । ଆପଣ ଜାଣନ୍ତି, ମୁଁ ଫେଣ୍ଟାନିଲ୍ ଯୋଗୁଁ ଚୀନ ଉପରେ ୨୦ପ୍ରତିଶତ ଶୁଳ୍କ ଲାଗୁ କରିଥିଲି । କିନ୍ତୁ ସେମାନଙ୍କ ମୋ କଥା ଶୁଣିବା ପରେ, ମୁଁ ଏହାକୁ ୧୦ ପ୍ରତିଶତ ହ୍ରାସ କରିଛି, ଯାହା ତୁରନ୍ତ କାର୍ଯ୍ୟକାରୀ ହେବ ।

# ଏଫ୍-୩୫ ଚୁକ୍ତିକୁ ଆମେରିକା ଦେଇପାରେ ସବୁଜ ସଙ୍କେତ

**ୱାଶିଂଟନ :** ସାଉଦି ଆରବ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ଏକ ନୂତନ ସ୍ତରକୁ ପହଞ୍ଚିପାରେ ବୋଲି ଚର୍ଚ୍ଚା ହେଉଛି । ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସାଉଦି ଆରବର ୪୮ ଟି ଏଫ୍-୩୫ ଲଢୁଆ ବିମାନ କ୍ରୟ କରିବା ଅନୁରୋଧକୁ ଗମ୍ଭୀରତାର ସହିତ ବିଚାର କରୁଛି । ଏହି ଚୁକ୍ତି କୋଟି କୋଟି ଡଲାରର ହୋଇପାରେ ଏବଂ ଯଦି ଅନୁମୋଦିତ ହୁଏ, ତେବେ ଏହା ସାଉଦି ଆରବର ସାମରିକ ଶକ୍ତିକୁ ଯଥେଷ୍ଟ ବୃଦ୍ଧି କରିବ । ଏହି ପ୍ରସ୍ତାବ ପେଣ୍ଟାଗନରେ ଏକ ପ୍ରମୁଖ ପ୍ରତିବନ୍ଧକକୁ ଅତିକ୍ରମ କରିସାରିଛି ଏବଂ ବର୍ତ୍ତମାନ ଏହା ଉଚ୍ଚସ୍ତରରେ ବିଚାରାଧୀନ ଅଛି ।ଚୁକ୍ତି କାର୍ଯ୍ୟକାରୀ ହେଲେ ଟମ୍ପ୍‌ଙ୍କ ପ୍ରଶାସନକୁ ବଡ଼ ସଫଳତା ମିଳିବା ସହିତ ଆମେରିକାର ସ୍ଥିତି ମଧ୍ୟପ୍ରାଚ୍ୟରେ ସୁଦୃଢ ହୋଇ ପାରିବ ।



ଏ-୩୫ ଜେଟ ବିଶ୍ୱର ସବୁଠାରୁ ଉନ୍ନତ ଲଢୁଆ ବିମାନ ଭାବରେ ବିବେଚନା କରାଯାଏ । ଏହା ଗୁପ୍ତ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ । ଏହା ଶତ୍ରୁ ରାଡାରରେ ଧରା ପଡ଼ି ନଥାଏ । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ଏହି ଜେଟ୍ ପରିଚାଳନା କରୁଛି । ଯଦି ସାଉଦି ଆରବ ଏହାକୁ ଅଧିଗ୍ରହଣ କରେ, ତେବେ ଏହା ସମଗ୍ର ଅଞ୍ଚଳରେ ସାମରିକ ସନ୍ତୁଳନକୁ ପରିବର୍ତ୍ତନ କରିବ ବୋଲି ଅନୁମାନ କରାଯାଉଛି ।

## ସଞ୍ଜୟ ରାଉତ ଅସୁସ୍ଥ: ହସ୍ପିଟାଲରେ ଭର୍ତ୍ତି

**ମୁମ୍ବାଇ:** ବରିଷ୍ଠ ଶିବସେନା (ୟୁବିଟି) ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହେବା ପରେ ତାଙ୍କୁ ବୁଧବାର ଅପରାହ୍ନରେ ମୁମ୍ବାଇର ଭାଣ୍ଡୁପ୍ ସ୍ଥିତ ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।



ତେବେ ତାଙ୍କ ଅସୁସ୍ଥତାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ ।ସେ ସର୍ବଦା ମହାରାଷ୍ଟ୍ର ରାଜନୀତିରେ ତାଙ୍କର ସ୍ପଷ୍ଟବାଦୀ ସ୍ୱର ପାଇଁ ଜଣାଶୁଣା ।

# ଦୋହାରେ ସାମାଜିକ ବିକାଶ ସମ୍ମିଳନୀ

**ନୂଆଦିଲ୍ଲୀ:** କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡାଭିୟ ଦୋହାରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ଭାରତର ପରିବର୍ତ୍ତନକାରୀ ପ୍ରଗତି ଉପରେ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ, ସବକା ବିକାଶ' ଦୃଷ୍ଟିକୋଣକୁ ରେଖାଙ୍କିତ କରି ସେ କହିଛନ୍ତି ଯେ ଭାରତର ଯାତ୍ରା ଅନ୍ତ୍ୟୋଦୟର ଦର୍ଶନ ଦ୍ୱାରା ପରିଚାଳିତ ।





ଭାରତର ବିକାଶ ପଥ ବିଶ୍ୱ ଦକ୍ଷିଣ ପାଇଁ ଏକ ଅନୁକରଣୀୟ ବିକାଶ ମଡେଲ ପ୍ରଦାନ କରେ ।କାତାରର ଦୋହାରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ ଭାରତକୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ସମ୍ମାନର ବିଷୟ ବୋଲି ସେ କହିଥିଲେ ।


ତିରିଶ ବର୍ଷ ପୂର୍ବେ, କୋପେନହେଗନ୍ ଘୋଷଣାନାମାରେ ଲୋକମାନଙ୍କୁ ବିକାଶର କେନ୍ଦ୍ରରେ ରଖାଯାଇଥିଲା, ଦାରିଦ୍ର୍ୟ ଦୂରୀକରଣ, ପୂର୍ଣ୍ଣ ନିଯୁକ୍ତି ଏବଂ ଉତ୍ତମ କାର୍ଯ୍ୟ ଏବଂ ସାମାଜିକ ଅନ୍ତର୍ଭୁକ୍ତି ଉପରେ ଧ୍ୟାନ ଦିଆଯାଇଥିଲା । ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତି ପାଇଁ ଭାରତର ଆଭିମୁଖ୍ୟ ଏହି ଘୋଷଣାନାମା ସହିତ ସମାନ । ଭାରତର ବିକାଶ କାହାଣୀ ଏକ ବିଶାଳ ପରିବର୍ତ୍ତନର କାହାଣୀ । ଗତ ୧୦ ବର୍ଷ ମଧ୍ୟରେ, ସ୍ଥିର ସଂସ୍କାର, ସମନ୍ୱିତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ଡିଜିଟାଲ୍ ନବସୃଜନ ମାଧ୍ୟମରେ ପ୍ରାୟ ୨୫୦ ନିଯୁତ ଭାରତୀୟଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି ।

ଭାରତର ଯାତ୍ରା ଅନ୍ତ୍ୟୋଦୟର ଗଭୀର ଦର୍ଶନ ଦ୍ୱାରା ପରିଚାଳିତ, ଯାହାର ଅର୍ଥ ହେଉଛି ଧାଡ଼ିରେ ଥିବା ଶେଷ ବ୍ୟକ୍ତିକୁ ସଶକ୍ତ କରିବା । ଆମର ପ୍ରଗତି ଏକ ଜୀବନଚକ୍ର-ଆଧାରିତ ଢାଞ୍ଚାର ଫଳାଫଳ, ଯେଉଁଠାରେ ଜଣେ ଶିଶୁର ସୁସ୍ଥ ଭିତ୍ତିଭୂମି ଅଛି, ଜଣେ ଯୁବକ ଶିକ୍ଷା ଏବଂ ଜୀବିକା ପାଇଁ ସମର୍ଥନ ପାଏ, ଜଣେ ଶ୍ରମିକ ଉପଯୁକ୍ତ କାମ ପାଏ, ଏବଂ ଜଣେ ବୃଦ୍ଧ ବ୍ୟକ୍ତି ବୃଦ୍ଧାବସ୍ଥାରେ ମର୍ଯ୍ୟାଦା ଏବଂ ଆୟ ସୁରକ୍ଷାର ଗ୍ୟାରେଣ୍ଟି ପାଏ । ଆଜି, ୧୧୮ ନିଯୁତ ସ୍କୁଲ ପିଲା ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପାଆନ୍ତି, ଏବଂ ୮୦୦ ନିଯୁତରୁ ଅଧିକ ନାଗରିକଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରାଯାଇଛି । ୪୨୫ ନିଯୁତ ଭାରତୀୟଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି ଏବଂ ନିମ୍ନ ଆୟକାରୀ ଲୋକଙ୍କୁ ୩୭ ନିଯୁତରୁ ଅଧିକ ଘର ଯୋଗାଇ ଦିଆଯାଇଛି ।

ଭାରତର ସାମାଜିକ ସୁରକ୍ଷା କଭରେଜ୍ ୨୦୧୫ରେ ୧୯ ପ୍ରତିଶତରୁ ୨୦୨୫ରେ ୬୪.୩ ପ୍ରତିଶତକୁ ବୃଦ୍ଧି ପାଇଛ । ଆମର ପ୍ରୟାସକୁ ସ୍ୱୀକୃତି ଦେଇ, ଅନ୍ତର୍ଜାତୀୟ ସାମାଜିକ ସୁରକ୍ଷା ସଂଘ ଏହି ବର୍ଷ ଭାରତକୁ ସାମାଜିକ ସୁରକ୍ଷାରେ ଉତ୍କୃଷ୍ଟ ସଫଳତା ପାଇଁ ଔଗଅଅ ପୁରସ୍କାର ପ୍ରଦାନ କରିଛି ।

# ୪ ଜଣଙ୍କୁ ଦଳି ଦେଲା ଦ୍ରୁତଗାମୀ ଟ୍ରେନ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ମିର୍ଜାପୁରରେ ରେଳ ଧାରଣା ପାର କରୁଥିବା ବେଳେ ୪ ଜଣଙ୍କୁ ଦଳି ଦେଇଛି ଗୋଟିଏ ଦ୍ରୁତଗାମୀ ଟ୍ରେନ । ଚୁନାର ରେଳ ଷ୍ଟେସନରେ ପୂରା ଘଟଣା ଘଟିଛି । ଏଠାରେ ଗୋଟିଏ ଟ୍ରେନ ଅଟକିବା ପରେ କିଛି ଯାତ୍ରୀ ପ୍ଲାଟଫର୍ମର ବିପରୀତ ଦିଗରେ ଓହ୍ଲାଇଥିଲେ । ଏହି ସମୟରେ ଉକ୍ତ ଟ୍ରାକରେ ଆସୁଥିବା ଦ୍ରୁତଗାମୀ ଟ୍ରେନ ସେମାନଙ୍କ ଉପରେ ମାଡ଼ି ଯାଇଥିଲା । ସକାଳ ୯.୩୦ରେ ଘଟିଥିବା ଏହି ଘଟଣାରେ ୬ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି । ମୃତ ଯାତ୍ରୀମାନେ ଚୋପାନ-ପ୍ରୟାଗରାଜ ଏକ୍ସପ୍ରେସରେ ଯାତ୍ରା କରି ଚୁନାର ଷ୍ଟେସନରେ ପହଞ୍ଚିଥିଲେ । ନିୟମ ଅନୁସାରେ ସେମାନେ ପ୍ଲାଟଫର୍ମ ପଟେ ଥିବା ଦ୍ୱାରରେ ଓହ୍ଲାଇବା କଥା । କିନ୍ତୁ କିଛି ଯାତ୍ରୀ ପ୍ଲାଟଫର୍ମ



୪ରେ ଅଟକି ଥିବା ଟ୍ରେନର ଟ୍ରାକ ପଟେ ଥିବା ଦ୍ୱାର ଦେଇ ଓହ୍ଲାଇଥିଲେ । ଏହି ସମୟରେ ଉକ୍ତ ଟ୍ରାକରେ ବିପରୀତ ଦିଗରୁ କାଲକା-ହାୱଡ଼ା ନେତାଜୀ ଏକ୍ସପ୍ରେସ ଆସୁଥିଲା । ଏ ସମ୍ପର୍କରେ କିନ୍ତୁ ଯାତ୍ରୀମାନେ ଜାଣି ପାରି ନଥିଲେ । ସେ ଟ୍ରାକରେ ଓହ୍ଲାଇ ଚାଲିଚାଲି ଯାଉଥିବା ବେଳେ ଦ୍ରୁତଗାମୀ ଟ୍ରେନଟି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲାଛ

ଦୁର୍ଘଟଣାରେ ୪ ଜଣ ପ୍ରାଣ ହରାଇଥିବା ରେଳ ବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ।ଏଥିସହ ରେଳ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ଗୁରୁତ୍ୱର ସହ ନେଇ ମୃତକଙ୍କ ପରିବାର ପ୍ରତି ଶୋକ ପ୍ରକାଶ କରିଛନ୍ତ ।

## ପ୍ରଶାନ୍ତ କିଶୋରଙ୍କୁ ବଡ଼ ଝଟକା

# ବିଜେପିରେ ମିଶିଲେ ଜନସୁରାଜ ପ୍ରାର୍ଥୀ

**ପାଟନା:** ବିହାରରେ ନଭେମ୍ବର ୬ ତାରିଖ ଗୁରୁବାର ପ୍ରଥମ ପର୍ଯ୍ୟାୟ ମତଦାନ ହେଉଛି । ମତଦାନର ମାତ୍ର ଗୋଟିଏ ଦିନ ପୂର୍ବରୁ, ବିହାରରେ ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନରେ ପ୍ରବେଶ କରିଥିବା ପ୍ରଶାନ୍ତ କିଶୋର(ପିକେ)ଙ୍କୁ ଏକ ବଡ଼ ଝଟକାଲାଗିଛି । ପ୍ରଶାନ୍ତ କିଶୋରଙ୍କ ଦଳ ଜନସୁରାଜ ମୁଙ୍ଗେର ଆସନରୁ ସଞ୍ଜୟ ସିଂହଙ୍କୁ ପ୍ରାର୍ଥୀ କରିଥିଲେ ।



ଏବେ ଭୋଟର ଗୋଟିଏ ଦିନ ପୂର୍ବରୁ ସଞ୍ଜୟ ସିଂହ ବିଜେପିରେ ଯୋଗ ଦେଇ ପିକେଙ୍କୁ ଏକ ଝଟକା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ମୁଙ୍ଗେରରେ ମତଦାନ ହେବ। ସଞ୍ଜୟ ସିଂହଙ୍କ ଦଳ ପରିବର୍ତ୍ତନ ଭୋଟର ପୂର୍ବରୁ ଜନସୁରାଜଙ୍କୁ ମୁଙ୍ଗେର ଆସନ ହରାଇବାକୁ ପଡିଛି । ତେବେ ପ୍ରଶାନ୍ତ କିଶୋର ଏପର୍ଯ୍ୟନ୍ତ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ।ଜନସୁରାଜଙ୍କ ପ୍ରାର୍ଥୀ ସଞ୍ଜୟ ସିଂହ ବିଜେପିରେ ଯୋଗଦେବା ପରେ ମୁଙ୍ଗେରରେ ଲଢେଇ ଏବେ ସିଧାସଳଖ ହେବାକୁ ଯାଉଛି । ପୂର୍ବରୁ ରଣନୀତିକାର ଭୂମିକା ଗ୍ରହଣ କରିଥିବା ପ୍ରଶାନ୍ତ କିଶୋର ପ୍ରଥମ ଥର ପାଇଁ ସିଧାସଳଖ ନିର୍ବାଚନରେ ଅଂଶଗ୍ରହଣ କରୁଛନ୍ତି । ଜନସୁରାଜ ପାର୍ଟି ଗଠନ କରି ପ୍ରଶାନ୍ତ କିଶୋର ବିହାରର ସମସ୍ତ ଆସନରେ ପ୍ରାର୍ଥୀ ଦେଇଛନ୍ତି ।

# ବାୟୁ ପ୍ରଦୂଷଣ: ନୟାନ୍ତ ହେଲେଣି ଦିଲ୍ଲୀବାସୀ

**ନୂଆଦିଲ୍ଲୀ:** ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତ୍ୟନ୍ତ ଗୁରୁତର ସ୍ଥିତିରେ ପହଞ୍ଚିଛି । ପ୍ରଦୂଷଣ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟାରୁ ବର୍ତ୍ତିବା ପାଇଁ ଏବେ ବହୁ ଲୋକ ଦିଲ୍ଲୀ ଛାଡି ଅନ୍ୟ ସହରରେ ଶରଣାର୍ଥୀ ହେବାକୁ ଯାଉଛନ୍ତି । ଶୀତ ଋତୁରେ ଏହି ପ୍ରଦୂଷଣ ମାତ୍ରା ବଢୁଛି । ଗାଡି ଚଲାଇବା ବେଳେ ହୋଇଥିବା କୁହୁଡିରେ ଆଖିରୁ ପାଣି ଗଳୁଛି । ଫଳରେ ଅଧିକାଂଶ ଲୋକ ନିଜର ସ୍ୱାସ୍ଥ୍ୟ ପାଇଁ ସହର ଛାଡୁଛନ୍ତି ।

ଏନସିଆର୍ ରିଜିନରେ ରହୁଥିବା ଜଣେ ନ୍ୟୁଜ୍ ଆଙ୍କର ତାଙ୍କ ପରିବାର ସହ ଗୋଆ ଯାଇଛନ୍ତି । ସେ ୨୦୧୮ରେ ସେ ଦିଲ୍ଲୀ ଛାଡି ଗୋଆରେ ରହୁଛନ୍ତି । ତାଙ୍କ କହିବାନୁଯାୟୀ ତାଙ୍କ ବାପ-ମା' ଓ ଛୋଟ ପିଲାମାନଙ୍କର ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା । ଲଗାତାର ଥଣ୍ଡା ଓ କଫ ଲାଗି ରହୁଥିଲା । ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ସେ ସହର ଛାଡିଥିଲେ । ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାଲାନି ଆସୋଲା କହିଛନ୍ତି ଯେ ସେ ଦିଲ୍ଲୀ ଛାଡି ସାଢେ ୩ବର୍ଷରୁ ଚେନ୍ନାଇ ପଳାଇଥିଲେ । ବାୟୁ ପ୍ରଦୂଷଣ ତାଙ୍କୁ ଏଭଳି କରିବାକୁ ବାଧ କରିଥିଲା । ଦିଲ୍ଲୀରେ ଥିବା ସମୟରେ ସେ ତାଙ୍କ ଝିଅର ଜନ୍ମ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । କିନ୍ତୁ ଦିଲ୍ଲୀ ଛାଡିଲା ପରେ ସେ ଝିଅକୁ ଜନ୍ମ ଦେଇଥିଲେ । ସେହିଭଳି ପଲିମୋନୋଲୋଜିଷ୍ଟ ଗୋପିଚାନ୍ଦ ଖିଲାନୀ କହିଛନ୍ତି ଯେ ସହର ଛାଡିବା ଏ ସମସ୍ୟାର ସମାଧାନ ନୁହଁ । ଏଥିପାଇଁ ଲୋକଙ୍କୁ ସଠିକ୍ ସାବଧାନତା ନେବାକୁ ପଡିବ । ଅଧିକାଂଶ ଲୋକ ନିଜକୁ ସୁରକ୍ଷା ଦେଇ ସ୍ୱାଭାବିକ ଜୀବନ ବିତାଉଛନ୍ତି । ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ ତଥ୍ୟ ଅଭିଯାୟୀ ୨୦୨୩ରେ ଦିଲ୍ଲୀରେ ହୋଇଥିବା ମୃତ୍ୟୁର ୧୫% ବାୟୁ ପ୍ରଦୂଷଣ ଯୋଗୁ ହୋଇଥିଲା । ଏହି ସହରରେ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବିଶ୍ୱର ତଥ୍ୟ ଅନୁଯାୟୀ ୨୦୨୪ରେ ୮.୧ ନିଯୁତ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁବରଣ କରିଥିଲେ । କୋଭିଡ୍ ଠାରୁ ଏହି ମୃତ୍ୟୁସଂଖ୍ୟା ଅଧିକ ବୋଲି ଏମ୍ସର ପୂର୍ବତନ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ କହିଛନ୍ତି । ଦିଲ୍ଲୀ ର ବାୟୁର ମାନ ବିଷାକ୍ତ ହୋଇଛି ତେଣୁ ଦିଲ୍ଲୀ ଲାଗି ନୀତି ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି ।

## ହାତୀ ସୁରକ୍ଷାକୁ ପ୍ରାଥମିକତା ଦେଉଛି ଏସଇଆର



**କୋଲକାତା:** ପଶୁଙ୍କ ନିରାପଦ ଯାତ୍ରା ପାଇଁ ଟ୍ରେନ ଚଳାଚଳ ଅସ୍ଥାୟୀ ଭାବରେ ବନ୍ଦ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ କାର୍ଯ୍ୟକ୍ଷମ ସୁରକ୍ଷା ପ୍ରତି ଏହାର ଏକ ଉଲ୍ଲେଖନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରି, ହାତୀ ପଲଙ୍କ ନିରାପଦ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଗଡ୍ଡର ଚକ୍ରଧରପୁର ଡିଭିଜନ ଗତ୧ତାରିଖରେ ବିସ୍ରା ଏବଂ ବୋଣ୍ଡାମୁଣ୍ଡା ମଧ୍ୟରେ ଟ୍ରେନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ କରିଥିଲା । ବନ ବିଭାଗର ସହିତ ଘନିଷ୍ଠ ସମନ୍ୱୟ ଏବଂ ସେମାନଙ୍କ ପରାମର୍ଶ ଅନୁଯାୟୀ, ମାଲବାହୀ ଟ୍ରେନ ଏବଂ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବନ୍ଦ କରାଯାଇଥିଲା ଏବଂ ୩୧.୧୦.୨୦୨୫ ରେ ମଧ୍ୟ ଏହି ଅଞ୍ଚଳ ଉପରେ ଅନେକ ଥର ପୁନଃ ଆରମ୍ଭ କରାଯାଇଥିଲା ।କ୍ଷେତ୍ର ଅଧିକାରୀମାନେ ରେଳ ଟ୍ରାକ ନିକଟରେ ହାତୀଙ୍କ ଗତିବିଧି ବିଷୟରେ ରିପୋର୍ଟ କରିବା ପରେ ତୁରନ୍ତ ଏହି ନିଷ୍ପତ୍ତି ନିଆଯାଇଥିଲା । ଯେକୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ ଟ୍ରେନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଥିଲା ।୦୧.୧୧.୨୦୨୫ ତାରିଖ ଦିନ ୦୦:୧୦ ଘଣ୍ଟାରୁ ବିସ୍ରା ଏବଂ ବୋଣ୍ଡାମୁଣ୍ଡା ମଧ୍ୟରେ ସମସ୍ତ ଲାଇନରେ ଟ୍ରେନ ମୁହୂର୍ତ୍ତକୁ ବନ୍ଦ କରାଯାଇଥିଲା । ଡାଉନ୍ ଲାଇନ ଘଣ୍ଟା ପ୍ରତି ଘଣ୍ଟା ୩୦ କିଲୋମିଟର ବେଗରେ ନିୟନ୍ତ୍ରଣ ସହିତ ୨:୩୦ ଘଣ୍ଟାରେ କାର୍ଯ୍ୟକ୍ଷମ ହୋଇଥିଲା । ସମସ୍ତ ଲାଇନରେ ଟ୍ରେନ ଚଳାଚଳ ୪:୪୫ ଘଣ୍ଟାରେ ସ୍ୱାଭାବିକ ଗତିରେ ପୁନଃ ଆରମ୍ଭ ହୋଇଥିଲା । ଏହି ଘଟଣା ଯୋଗୁଁ ଅନେକ ମାଲବାହୀ ଟ୍ରେନ ଏବଂ ଯାତ୍ରୀବାହୀ ଟ୍ରେନ ଅଟକାଯାଇଥିଲା । ଏସଇଆର ସୁରକ୍ଷା, କରୁଣା ଏବଂ ଦାୟିତ୍ୱର ମୂଲ୍ୟବୋଧକୁ ବଜାୟ ରଖିଆସୁଛି, ବନ୍ୟପ୍ରାଣୀ ସୁରକ୍ଷା ଏବଂ ଯାତ୍ରୀ ସୁରକ୍ଷା ଉଭୟ ସୁନିଶ୍ଚିତ କରିବା ପାଇଁ ଏହାର ଉତ୍ସର୍ଗତାକୁ ପୁନଃନିର୍ଦ୍ଦେଶ କରୁଛି ।

# ଲିଭ ଇନ ପାର୍ଟନରଙ୍କୁ ହତ୍ୟା: ଟ୍ରଲିରେ ପୂରାଇ ମୃତଦେହକୁ ଫିଙ୍ଗିଦେଲା

**ସୁରଟ:** ଏକାଠି ରହୁଥିଲେ । ସ୍ୱାମୀ-ସ୍ତ୍ରୀ ଭଳି ଚଳୁଥିଲେ । କିନ୍ତୁ ପରସ୍ପରକୁ ବାହା ହୋଇ ନଥିଲେ । ଦୀର୍ଘ ସମୟ ଏକାଠି ରହିବା ପରେ ବାହା ହେବାକୁ ଜିଦ କରିଥିଲେ ପ୍ରେମିକା । ବାସ୍ ଏଥିରେ ରାଗି ଯାଇ ପ୍ରେମିକାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା ପ୍ରେମିକ । ଏହାପରେ ମୃତଦେହକୁ ସୁଟକେସରେ ଚାପି ଚୁପି ଭର୍ତ୍ତି କରି ଦେଇଥିଲା ।ଶେଷରେ ଏହାକୁ ଗୋଟିଏ ନାଳ ନିକଟରେ ଫିଙ୍ଗି ଫେରାର ହୋଇ ଯାଇଥିଲା ।

ଗୁଜରାଟର ସୁରଟ ଅନ୍ତର୍ଗତ କୋସାମ୍ବା ଠାରେ ଏପରି ଗୋଟିଏ ଘଟଣା ଘଟିଛି । ସୋମବାର କୋସାମ୍ବା ଠାରୁ ୫.୨ ଫୁଟର ଜଣେ ଅଜଣା ମହିଳାଙ୍କ ମୃତଦେହ ଟ୍ରଲି ବ୍ୟାଗରୁ ମିଳିଥିଲା । ଏହି ଘଟଣାରେ ପୁଲିସ୍ ଦିଲ୍ଲୀ ନିକଟ ଫିରୋଜାବାଦରୁ ପ୍ରେମିକକୁ ଗିରଫ କରିଛି । ସାମ୍ନାକୁ ଆସିଥିବା ସିସିଟିଭିରେ ଅଭିଯୁକ୍ତ ଟ୍ରଲି ବ୍ୟାଗ ଧରି ରାସ୍ତାରେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି ।

ଗିରଫ ଅଭିଯୁକ୍ତ ଜଣକ ହେଲେ ରବି ଶର୍ମା । ତା'ର ମୂଳ ଘର ବିହାରର ମୁଜାଫରପୁରରେ । ମୃତ ମହିଳାଙ୍କ ସହ ରବି ଶର୍ମାର ରୋମାଣ୍ଟିକ ସମ୍ପର୍କ ଥିଲା । ମହିଳା ଜଣଙ୍କ ଦୀର୍ଘ ସମୟ ଧରି ରବି ସହ ଏକାଠି ରହୁଥିଲେ । କିନ୍ତୁ ମହିଳା ଜଣଙ୍କ ରବି ଉପରେ ବାହାଘର ପାଇଁ ଚାପ ପକାଇବାରୁ ସେ ତାଙ୍କୁ ହତ୍ୟା କରିଥିଲା ।ଏହାପରେ ମୃତଦେହକୁ ମୋଡ଼ିମାଡ଼ି ସୁଟକେସରେ ଭର୍ତ୍ତି କରି ଅନ୍ୟତ୍ର ଫିଙ୍ଗି ଦେଇଥିଲା ।ପ୍ରଥମେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଭାବୁଥିଲେ ଯେ ରବି ଓ ମହିଳା ଜଣଙ୍କ ସ୍ୱାମୀ-ସ୍ତ୍ରୀ । କିନ୍ତୁ ଏବେ ସେମାନେ ଦୁଇ ଜଣ ପ୍ରେମିକ-ପ୍ରେମିକା ଥିଲେ ବୋଲି ଜାଣିବାକୁ ପାଇଛନ୍ତି ।

ରବି ମୃତଦେହକୁ ଫିଙ୍ଗିବା ପାଇଁ ବ୍ୟବହାର କରିଥିବା ଟ୍ରଲି କେଉଁଠୁ କିଣିଥିଲା, ତା'ର ତଦନ୍ତ ପୁଲିସ୍ କରିଥିଲା ।ରବି ଯେଉଁଠାରୁ ଏହାକୁ କିଣିଥିଲା ସେଠାରେ ୟୁପିଆଇ ଦ୍ୱାରା ଟଙ୍କା ଦେଇଥିଲା । ବାସ୍ ଏହାକୁ ଆଧାର କରି ପୁଲିସ୍ ତା' ପାଖରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା । ଟ୍ରଲି ବ୍ୟାଗରୁ ମୃତଦେହ ମିଳିଥିବା ବେଳେ ତାଙ୍କ ପରିଚୟ ମିଳି ପାରି ନଥିଲା । ତଥାପି ସୁରଟ ସିଭିଲ ହସ୍ପିଟାଲରେ ଫରେନ୍ସିକ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପ୍ରାଥମିକ ଫରେନ୍ସିକ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମହିଳାଙ୍କ ବୟସ ୨୫ରୁ ୩୦ ବର୍ଷ ହେବ ଓ ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ସେହିପରି ତଣ୍ଟି ଚିପିବା ବେଳେ ମହିଳା ବର୍ତ୍ତିବା ପାଇଁ ଚେଷ୍ଟା କରିଥିଲେ । ଏହି ସମୟରେ ହତ୍ୟାକାରୀ ଓ ତାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ଏଥିଯୋଗୁ ତାଙ୍କ ଦେହରେ ୫ରୁ ୬ଟି କ୍ଷତଚିହ୍ନ ବି ରହିଥିଲା ।

ଫରେନ୍ସିକ ଡାକ୍ତର କହିଥିଲେ ଯେ ମୃତଦେହ ମିଳିବାର ୨୪ରୁ ୪୮ ଘଣ୍ଟା ପୂର୍ବରୁ ହତ୍ୟାକାଣ୍ଡ ଘଟିଥିଲା । ଅତିରିକ୍ତ ଭାବେ ମହିଳାଙ୍କୁ ଆଉ କେଉଁଥିରେ ଆକ୍ରମଣ କରାଯାଇଛି କି ନାହିଁ, ତା'କୁ ଜାଣିବା ପାଇଁ ଡାକ୍ତରମାନେ ବିଭିନ୍ନ ନମୁନା ମଧ୍ୟ ସଂଗ୍ରହଣ କରିଥିଲେ ।କିନ୍ତୁ ଏହାର ରିପୋର୍ଟ ଏଯାଏ ଆସିନି । ପ୍ରଥମେ ମୃତଦେହ ସମ୍ପର୍କରେ ପୁଲସକୁ ସୂଚନା ଦେଇଥିବା ପୁଷ୍ପେନ୍ଦ୍ର ସିଂହ ସୋଲାଙ୍କି କହିଛନ୍ତି, ମୁଁ ସବୁ ଦିନ ଭଳି ଚାଲିବାକୁ ଯାଉଥିଲି । ଏହି ସମୟରେ ମୋ ସିକ୍ୟୁରିଟୀ ଗାର୍ଡ ବ୍ୟାଗରେ କିଛି ସମସ୍ୟା ରହିଥିବା କହିଥିଲେ । ମୁଁ ଏହାକୁ ଯାଞ୍ଚ କରିବା ବେଳେ ଭିତରେ ମୃତଦେହ ଥିବା ଅନୁଭବ କରିଥିଲି । ତେଣୁ ତୁରନ୍ତ ପୁଲିସକୁ ଖବର ଦେଇଥିଲି ।

ସୁରଟ ଜିଲ୍ଲା ପୁଲିସ୍ ମୁଖ୍ୟ ରାଜେଶ ଗଧିୟା ନିଜେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସେ କହିଛନ୍ତି, ଗୋଟିଏ ବାଇଗଣୀ ରଙ୍ଗର ଟ୍ରଲି ବ୍ୟାଗରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା । ସର୍ଭିସ ରୋଡ ପାଖରେ ଥିବା ଗୋଟିଏ ଖାତ ନିକଟରୁ ଏହା ମିଳିଥିଲା । ମୃତଦେହ ଠାବ ସମୟରେ ମହିଳାଙ୍କ ପାଟି ଓ ନାକରୁ ରକ୍ତ ବାହାରୁଥିଲା ବୋଲି ସେ କହିଛନ୍ତି ।

ଘଟଣା ସମ୍ପର୍କରେ ପୁଲିସ୍ ରବିର ପଡ଼ୋଶୀ ଭାବେ ରହୁଥିବା ଲୋକଙ୍କୁ ପଚରାଉଚରା କରିଛି । ଏହି ସମୟରେ ଜଣାପଡ଼ିଛି ଯେ ରବିବାର ସନ୍ଧ୍ୟା ପ୍ରାୟ ୬.୧୫ରୁ ୬.୩୦ ମଧ୍ୟରେ ରବି ଟ୍ରଲି ବ୍ୟାଗ ଧରି ନିଜ ରୁମରୁ ତରବରିଆ ଭାବେ ପାହାଚ ଦେଇ ବାହାରକୁ ଯାଉଥିଲେ । ଏହି ସମୟରେ ସେ ଧରି ଥିବା ବ୍ୟାଗ ହାତରୁ ଖସି ପଡ଼ିଥିଲା । ଏଥିଯୋଗୁ ପ୍ରବଳ ଶବ୍ଦ ହୋଇଥିଲା । ପଡ଼ୋଶୀରେ ରହୁଥିବା ଜଣେ ମହିଳା ଏ ସମ୍ପର୍କରେ ରବିକୁ ପଚାରି ଥିଲେ । କିନ୍ତୁ ସେ ବ୍ୟାଗ ପଡ଼ି ଗଲା ବୋଲି କହି ସେଠାରୁ ଚାଲି ଯାଇଥିଲା ।

ଟ୍ରଲି ବ୍ୟାଗ ଧରି ଘରୁ ବାହାରିଥିବା ରବି ୨୦ରୁ ୨୫ ମିନିଟ ପରେ ଘରକୁ ଫେରିଥିଲା। ତା' ହାତରେ ଟ୍ରଲି ବ୍ୟାଗ ନଥିଲା । ଏହାପରେ ସେ ଗୋଟିଏ ଛୋଟ ବ୍ୟାଗରେ ନିଜ ଜିନିଷପତ୍ର ଭର୍ତ୍ତି କରି ରୁମରେ ତାଲା ପକାଇଥିଲେ । ଚାବି ପଡ଼ୋଶୀଙ୍କୁ ଦେଇଥିଲା । ଦିଲ୍ଲୀରେ ଚାକିରି ହୋଇ ଯାଇଥିବା କହି ସେଠାରୁ ଫେରାର ହୋଇଯାଇଥିଲା ।

# ମହିଳା ବିଶ୍ୱକପ ବିଜୟୀ ଦଳକୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୫।୧୧(ଏଜେନ୍ସି): ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଛନ୍ତି। ନୂଆଦିଲ୍ଲୀର ଲୋକକଲ୍ୟାଣ ମାର୍ଗରେ ଥିବା ବାସଭବନରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧିନ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଭେଟିବା ସହ ଅଭିନନ୍ଦନ ଜଣାଇଛନ୍ତି। ଚଳିତ ବିଶ୍ୱକପରେ ୩ଟି ପରାଜୟ ପରେ ଭାରତୀୟ ଦଳର ସଫଳ ପ୍ରତ୍ୟାବର୍ତ୍ତନ ତଥା ସେମିଫାଇନାଲରେ ୭ଥର ବିଜେତା ଅଷ୍ଟ୍ରେଲିଆକୁ ଚିତପଟାଙ୍ଗ କରି ଫାଇନାଲରେ ପ୍ରବେଶ କରିବା ଏବଂ ଦ.ଆଫ୍ରିକାକୁ ଧରାଶାୟୀ କରି ବିଶ୍ୱକପ ଟ୍ରଫି ତୋଳି ଧରିବା ପର୍ଯ୍ୟନ୍ତ ଭାରତୀୟ ଦଳର ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏତଦବ୍ୟତୀତ ସମସ୍ତ ବିଶ୍ୱକପ ବିଜୟୀ ଖେଳାଳିଙ୍କୁ ଜୁନିୟରସ୍ତରରେ ଝିଅମାନଙ୍କୁ କ୍ରିକେଟ ପ୍ରତି ଆଗ୍ରହୀ କରିବା ପାଇଁ ବାର୍ତ୍ତା ଦେବାକୁ କହିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ବିଶ୍ୱକପ୍ ଟ୍ରଫିକୁ ପ୍ରଧାନମନ୍ତ୍ରୀଙ୍କୁ ଧରାଇଥିଲେ। ନିଜ ନିଜର ପଦକ ଓ ଟ୍ରଫି ସହ ସମସ୍ତ ଖେଳାଳି ପ୍ରଧାନମନ୍ତ୍ରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ମୋଦି ଫାଇନାଲ ମ୍ୟାଚର ସେହି ଗୁରୁତ୍ୱପୂର୍ଣ୍ଣ କ୍ୟାଚକୁ ମନେ ପକାଇଥିଲେ। ଦ.ଆଫ୍ରିକା ଅଧିନାୟିକା ଲୋରା ଓଲଭରଡିଟଙ୍କ ଏକ ଚମତ୍କାର କ୍ୟାଚ ଡିପମିଡୱିକେଟ ଅଞ୍ଚଳରେ ନେଇଥିଲେ ଅମନଜ୍ୟୋତ କୌର। ଏହି କ୍ୟାଚ ଥିଲା ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ। ଏତଦ୍ ବ୍ୟତୀତ ଖେଳାଳି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବିଶ୍ୱକପ ସମୟର ସ୍ମରଣୀୟ ମୁହୂର୍ତ୍ତ ଆଦାନପ୍ରଦାନ ହୋଇଥିଲା।

## ଜୋନାଲ୍‌ସ୍ତରୀୟ ଅନ୍ତଃକଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଯାଜପୁର, ୫।୧୧(ସବ୍ୟୁ): କୁସୁମାସ୍ଥିତ କ୍ରିକେଟ୍ ଷ୍ଟାଡିୟମ୍ ଖେଳ ପଡ଼ିଆରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହାୟତାରେ ଜୋନାଲ୍‌ସ୍ତରୀୟ କ୍ରିକେଟ୍ (ବାଳକ) ଟୁର୍ଣ୍ଣାମେଣ୍ଟ ତା ୩୧/୧୦/୨୦୨୫ ଠାରୁ ଆରମ୍ଭ ୦୪/୧୧/୨୦୨୫ ରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୦ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ପାଇନାଲ୍ ମ୍ୟାଚ୍‌ରେ କ୍ରାନିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମଞ୍ଚରେ କ୍ରାନିୟମ ବିଜୟଲାଭ କରିବା ସହିତ ଫାଇନାଲ୍ ଜୋନ୍‌ରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲାର କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ ଓ ସମ୍ମାନିତ ଅତିଥିଭାବେ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ଦାସ, ଅନ୍ୟତମ ଅତିଥିଭାବରେ କ୍ରୀଡାସଂସଦର ଉପସଭାପତି ଇତିହାସ ବିଭାଗର ଅଧ୍ୟାପକ ପ୍ରଭାତ ରଞ୍ଜନ ସାମଲ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସୁତାର ଓ କ୍ରାନିୟମ ବିଦ୍ୟାଳୟର ପରିଚାଳକ ବିଭୂପ୍ରସାଦ ସାହୁଙ୍କୁ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡା ସଂସଦ ତରଫରୁ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି କ୍ରାନିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଚାମ୍ପିୟନ ଟ୍ରଫି ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରର୍ନ୍ସ ଅପ୍ ଟ୍ରଫି ପ୍ରଦାନ ପୂର୍ବକ କ୍ରୀଡାକୁ କ୍ୟାରିୟର କରିବାକୁ ଆହ୍ୱାନ ଦେଇଥିଲେ ।

# ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ

## ଉମିଦ କୁମାର ଅଗ୍ରଣୀ, ଫାଇନାଲ ରାଉଣ୍ଡରେ ୩୯

ଭୁବନେଶ୍ୱର, ୫।୧୧(ସବ୍ୟୁ): ଭୁବନେଶ୍ୱର ଗଲ୍ଫ କୋର୍ସ ଠାରେ ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟର ଦୁଇଟି ରାଉଣ୍ଡ ଶେଷ ହୋଇଛି। ପ୍ରଥମ ରାଉଣ୍ଡ ଶେଷ ସୁଧା ମିଳିତ ଅଗ୍ରଣୀ ଥିବା ଦିବେଶ ରାଣା ଓ ଉମିଦ କୁମାରଙ୍କ ପ୍ରଦର୍ଶନ ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ଭଲ ରହିଛି। କିନ୍ତୁ ଚଣ୍ଡିଗଡ଼ର ୨୪ ବର୍ଷୀୟ ଉମିଦ ଦ୍ୱିତୀୟ ରାଉଣ୍ଡରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ଅଗ୍ରଣୀ ଲାଭ କରିଛନ୍ତି। ହରିୟାଣାର ଦିବେଶ ରାଣା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ରାଉଣ୍ଡ ସୁଧା ଉମିଦ କୁମାର ୭ ଅଣ୍ଡର ପର ୧୩୭ ସ୍କୋର ସହ ଫ୍ରଣ୍ଟ ରନର ହୋଇଛନ୍ତି। ଉମିଦ ଦ୍ୱିତୀୟ ରାଉଣ୍ଡରେ ୨ ଅଣ୍ଡର ପର ୭୦ ସ୍କୋର କରିଥିଲେ। ପଛକୁ ରହିଛନ୍ତି ଦିବେଶ ରାଣା। ଦିବେଶ ୪ ଅଣ୍ଡର ପର ୧୪୦ ସ୍କୋର କରି ଦ୍ୱିତୀୟକୁ ଖସିଛନ୍ତି।

ଦ୍ୱିତୀୟ ରାଉଣ୍ଡ ସୁଧା ଏକାଧିକ ହଡ଼ଚମଟ ଦେଖିବାକୁ ମିଳିଛି। ମୋଟ୍ ୫୮ ଜଣ ପେସାଦାର ଗଲ୍ଫ ଖେଳାଳି ପ୍ରଥମ ରାଉଣ୍ଡରେ ଅବତୀର୍ଣ୍ଣ ହୋଇଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡ ସୁଧା ପ୍ରତିଯୋଗିତାର ନିୟମ ଅନୁଯାୟୀ ୧୮ ଜଣ ତୃତୀୟ ତଥା ଫାଇନାଲ ରାଉଣ୍ଡରୁ ବାଦ ପଡିଛନ୍ତି। ଅର୍ଥାତ ଗୁରୁବାର ଫାଇନାଲ ରାଉଣ୍ଡରେ ମୋଟ୍ ୩୯ ଜଣ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରଥମ ରାଉଣ୍ଡରେ ଅଂଶଗ୍ରହଣ କରିଥିବା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଦ୍ୱିତୀୟ ରାଉଣ୍ଡ ଖେଳିନାହାନ୍ତି। ସେ ଜୁନିୟର ହକି ବିଶ୍ୱକପର ଟ୍ରଫି ଅନାବରଣ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାମିଲନାଡୁ ଯାଇଥିବାରୁ ଗଲ୍ଫ ପ୍ରତିଯୋଗିତାରୁ ଓହରିଯାଇଛନ୍ତି।

ସେହିଭଳି ପ୍ରଦୀପ ଭଗତ ମଧ୍ୟ ଡିସକ୍ୱାଲିଫାଏ ହୋଇଥିଲେ। ବିଜୟ କୁମାର ଦ୍ୱିତୀୟ ରାଉଣ୍ଡରୁ ରିଟାର୍ଡ ହୋଇଥିଲେ। ସଚିନ ଚୌହାନ, ଅଭିମନ୍ୟୁ ଧାରା, ଅଜୟ ବୈଶ୍ୟ, ଫିରୋଜ ଅଲ୍ଲୀମୋଲା, ସୁକାନ୍ତ ମଣ୍ଡଳ କୁନାଲ ଚେଲାନୀ, ପୱନ ବର୍ମା, ଏମ୍ ରୋହିନ୍ଦ ସିଂ, ଏମଡି ସହୁନ, ସାତ୍ତ୍ୱିକ ପଣ୍ଡା, ପୱାନ କଲ୍ୟାଣ କେ, ସଞ୍ଜୟ କୁମାର, ଜୟ ସୁ ଜେଦେ, ସୁଭ୍ରଦୀପ ଦାସ, ସତ୍ୟ ରଞ୍ଜନ ପଟ୍ଟନାୟକ, ଅମରେନ୍ଦ ଯାଦବ ପ୍ରମୁଖ ଦ୍ୱିତୀୟ ରାଉଣ୍ଡ ପରେ ଅଭିଯାନ ଶେଷ କରିଛନ୍ତି।

ଉମିଦ କୁମାର ଓ ଦିବେଶ ରାଣାଙ୍କ ବ୍ୟତୀତ ସଞ୍ଜୀବ କୁମାର ୩ ଅଣ୍ଡର ପର ୪୧ ସ୍କୋର କରି ତୃତୀୟ ସ୍ଥାନରେ ରହିଛନ୍ତି। ବିଆର ରାଜା ୨ ଅଣ୍ଡର ପର ୪୨ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ଅଭିଶେକ କୁମାର, ସୌରଭ ରଥ, କୁଶଳ ସିଂ, ଚନ୍ଦ୍ରଜିତ ଯାଦବ, ପଙ୍କଜ ମନ୍ଦିଆ, ପ୍ରକାଶ ଲୋହାର ପ୍ରମୁଖ ପଞ୍ଚମରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ବିପିନ ମୁଖିଆ, ବ୍ରିଜେଶ କୁମାର, ୱାସିମ ଖାନ୍, ଇମ୍ରାନ ଅଲ୍ଲୀ ମୁଲ୍ଲା, ଏମଡି ସୋଲେମାନ, ପୁରୁଷ ହିରାଜୀ, ରାଜେଶ କୁମାର ଗୌତମ, ଅକ୍ଷୟ ନିରଞ୍ଜନ, କରନ ବାସଦେବ ପ୍ରମୁଖ ୧୧ରୁ ୧୯ତମ ସ୍ଥାନରେ ରହିଛନ୍ତି। ବରୁଣ ସାହାଏ, ବିଶ୍ୱମ ଘୋଷ, ରାଜୁ ଅଲ୍ଲୀ ମୁଲ୍ଲା, ଏମଡି ମୁଆଜ,ଆକ୍ରମ ଅଲ୍ଲୀ ମୁଲ୍ଲା, ଲକ୍ଷ୍ୟ ନାଗର, ଅଜୟ କୁମାର ସାହୁ, ଅଙ୍କିତ ପାଢ଼ୀ, ହେମନ୍ତ ଯାଦବ, ବିଶାଳ ସିଂ, ଏମଡି ନବାବ, ଖୋକନ ମୋଲ୍ଲା, ଇମ୍ରାନ ଅଲ୍ଲୀ ମୁଲ୍ଲା, ଦୀପକ ଚୌହାନ, ଦେବେନ୍ଦ୍ର ପଟେଲ, ଶ୍ରେୟାସ ଯାଦବ, ସୌଭିକ ନାୟକ, ସୁଦୀପ୍ତ ଦାସ, ପିଣ୍ଟୁ ହଲଦାର ଓ କାର୍ତ୍ତିକ ଦିଗବିଜୟ ସିଂ ପ୍ରମୁଖ ୩୯ ତମ ସ୍ଥାନ ମଧ୍ୟରେ ରହିଛନ୍ତି। ଏହି ୩୯ ଜଣଙ୍କ ପ୍ରତିଯୋଗୀଙ୍କ ମଧ୍ୟରେ ଗୁରୁବାର ଫାଇନାଲ ରାଉଣ୍ଡ ଖେଳାଯିବ। ଓଡ଼ିଶାର ଅଙ୍କିତ ପାଢ଼ୀ, କଟ ଟୁ ଟପ୍ ୩୬ରେ ନିଜର ସ୍ଥାନ ସୁରକ୍ଷିତ କରିଛନ୍ତି। ତେଣୁ ସେ ଫାଇନାଲ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟତମ ଓଡ଼ିଆ ଅଜୟ କୁମାର ସାହୁ ମଧ୍ୟ ୫ ଓଭର ୧୪୯ ୨୬ ତମ ସ୍ଥାନରେ ରହିଛନ୍ତି।

ବିଜୟ ପରେ ଉମିଦ କୁମାର ପ୍ରତିକ୍ରିୟା ରଖି କହିଥିଲେ ଏକାଗ୍ରତା ଓ ସଠିକ ଲୟ ଯୋଗୁଁ ମୁଁ ଦ୍ୱିତୀୟ ଦିନ ଆଗୁଆ ହେବା ସହ ପ୍ରଥମ ସ୍ଥାନରେ ରହିପାରିଛନ୍ତି। କଷ୍ଟକର ପୋଜିସନରୁ ନିଜକୁ ମୁକଳାଇବା ମୋ ପାଇଁ ଚ୍ୟାଲେଞ୍ଜ ତଥା ଗୁରୁତ୍ୱପୂର୍ଣ୍ଣ ଥିଲା। ଶେଷ ରାଉଣ୍ଡରେ ଅଗ୍ରଣୀ ସହ ଆଗକୁ ବଢ଼ିବା ପାଇଁ ଯୋଜନା କରିଛି। ଏହି ସଙ୍କୀର୍ଣ୍ଣ ଫେୟାର ୱେରେ ବଲକୁ ଉଚିତ ସ୍ଥାନରେ ରଖିବା ମୋ ପାଇଁ ପ୍ରମୁଖ ହେବ। ମୁଁ ଦ୍ୱିତୀୟ ରାଉଣ୍ଡ ଯେଉଁ ତ୍ରୁଟି କରିଥିଲେ ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବେ। ଦିବେଶ ରାଣା ତାଙ୍କ ଦ୍ୱିତୀୟ ରାଉଣ୍ଡରେ ୭୩ ସ୍କୋର ମଧ୍ୟରେ ୬ଟି ବର୍ଡି ଏବଂ ୭ଟି ବେଦି ବେଗିଜ କରିଥିଲେ। ମେକ୍ସଜେନ ଅର୍ଡର ଅପ ମେରିଟର ସଞ୍ଜୀବ କୁମାର ଯଦି ଶେଷ ଦିନରେ ତାଙ୍କର ବର୍ତ୍ତମାନର ତୃତୀୟ ସ୍ଥାନରୁ ଉପରକୁ ଉଠନ୍ତି ତେବେ ସେ ର୍‍ୟାଙ୍କିଂରେ ନଂ.୧ ସ୍ଥାନ ପାଇଁ ଉମିଦଙ୍କ ଲାଗି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବେ।

ଗୁରୁବାର ଫାଇନାଲ ରାଉଣ୍ଡ ପର୍ଯ୍ୟାୟ ସକାଳ ୭.୩୦ରେ ଆରମ୍ଭ ହେବ। ପ୍ରତିଯୋଗିତା ଶେଷ ହେବାପରେ ଅପରାହ୍ଣ ୨ଟା ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବ।




# ତାମିଲନାଡୁରେ ଜୁନିୟର ପୁରୁଷ ହକି ବିଶ୍ୱକପ ଟ୍ରଫି ଉନ୍ମୋଚିତ

ଚେନ୍ନାଇ, ୫।୧୧(ଏଜେନ୍ସି): ଚଳିତ ମାସ ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏଫଆଇଏଚ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ଖେଳାଯିବ। ଏଥି ନିମନ୍ତେ ବୁଧବାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଟ୍ରଫି ଅନାବରଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ତିରୁଥିରୁ ଉଦୟନିଧି ଷ୍ଟାଲିନ, ଏନ ମୁରୁଗନନ୍ଦମ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ସେକ୍ରେଟାରୀ ଭୋଲାନାଥ ସିଂ, କୋଷାଧ୍ୟକ୍ଷ ଥିରୁ ଶେଖର ଜେ ମନୋହରନ ପ୍ରମୁଖ ଉପସ୍ଥିତ ଥିଲେ। ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ବିଶ୍ୱକପ୍ ଆୟୋଜନ ହେବ। ଏଥିରେ ବିଶ୍ୱର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ଆୟୋଜକ ଭାରତ ୨୦୦୧ ଓ ୨୦୧୬ରେ ଦୁଇଥର ଚାମ୍ପିଅନ୍ ହୋଇଥିଲା। ଏଥର ତୃତୀୟଥର ପାଇଁ ଘରୋଇ ମାଟିରେ ଚାମ୍ପିଅନ ହେବାର ସୁଯୋଗ ରହିଛି। ପୁଲ ବି'ରେ ଭାରତ ସହ ଓମାନ, ଚିଲି ଓ ସ୍ୱିଜରଲାଣ୍ଡ ରହିଛନ୍ତି। ବିଶ୍ୱକପରୁ ପାକିସ୍ତାନ ଓହରିଯିବା ପରେ ଓମାନକୁ ଅଂଶଗ୍ରହଣର ସୁଯୋଗ ମିଳିଛି। ଆଗାମୀ ୨୮ ତାରିଖରେ ଭାରତୀୟ ଦଳ ଚିଲି ବିପକ୍ଷ ମ୍ୟାଚ ମେୟାର ରାଧା କ୍ରିଷ୍ଣନ ଷ୍ଟାଡିୟମରେ ଖେଳି ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ଚେନ୍ନାଇରେ ବିଶ୍ୱକପ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଟ୍ରଫି ଅନାବରଣ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଛି। ତାମିଲନାଡୁ ସର୍ବଦା ଭାରତୀୟ ହକିର ବଡ଼ ସମର୍ଥକ। ତେଣୁ ଚେନ୍ନାଇ ଓ ମଦୁରାଇରେ ମର୍ଯ୍ୟାଦାଜନକ ବିଶ୍ୱକପ୍ ଆୟୋଜନ ସମ୍ଭବ ହୋଇପାରିଛି। ତାମିଲନାଡୁରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଛି। ତେଣୁ ବିଶ୍ୱକପରେ ଭାଗ ନେବାକୁ ଆସିବାକୁଥିବା ଦଳ ଗୁଡିକ ସୁଖଦ ଅନୁଭୂତି ସାଉଁଟିବାକୁ ସଫଳ ହେବେ। ହକି ଇଣ୍ଡିଆ ତରଫରୁ ମୁଁ ତାମିଲନାଡୁ ସରକାରଙ୍କୁ ବିଶ୍ୱକପ ଆୟୋଜନ ପାଇଁ ସାଧୁବାଦୀ ଜଣାଉଛି ବୋଲି ଦିଲ୍ଲୀପ ତିର୍କୀ କହିଛନ୍ତି।




# ବିଓବି ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ

## ଆନ୍ତଃଜୋନସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ଭୁବନେଶ୍ୱର, ୫।୧୧(ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ୍-ବ୍ୟାଙ୍କ୍ ଅଫ୍ ବରୋଦା(ବିଓବି) ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ୍‌ରେ ନଭେମ୍ବର ୩ ଓ ୪ ତାରିଖରେ ଆନ୍ତଃ-ଜୋନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ କର୍ପୋରେଟ୍ କାର୍ଯ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ ଓ ସାରା ଭାରତରେଥିବା ୨୫ଟି ଜୋନ୍‌କୁ ପ୍ରତିନିଧିତ୍ୱ କରୁଥିବା ୧୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । କର୍ମଚାରୀ କଲ୍ୟାଣକୁ ଉତ୍ସାହିତ କରିବା ଏବଂ ଚେସ୍ ଭଳି ଏକ ବୌଦ୍ଧିକ କ୍ରୀଡ଼ା ଜରିଆରେ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଏହିଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ସମେତ ଉପ ମହାପ୍ରବନ୍ଧକ (ବ୍ୟବସାୟ ବିକାଶ) ଶିବ ପଦ ନାୟକ ଓ ଉପ ମହାପ୍ରବନ୍ଧକ (କମ୍ପ୍ଲାଏନ୍ସ ଆଣ୍ଡ ଆସ୍ୟୁରାନ୍ସ) ଡି ଏମ୍ ଏନ୍ ଏସ୍ ସାଇବାବୁ ଯୋଗଦେଇଥିଲେ ।ଏହି ଅବସରରେ ବ୍ୟାଙ୍କ୍ ଅଫ୍ ବରୋଦାର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି ଯେ, ବ୍ୟାଙ୍କ୍ ଅଫ୍ ବରୋଦା ବିଶ୍ୱାସ କରେ କି କର୍ମଚାରୀଙ୍କ କଲ୍ୟାଣ ଯୋଜନା ସେମାନଙ୍କ ପେସାଦାର ସଫଳତାରେ ସହାୟତା କରିଥାଏ । ଆନ୍ତଃ-ଜୋନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଭଳି ପଦକ୍ଷେପ ମାନସିକ ସନ୍ତୁଳନ, ଏକାଗ୍ରତା ଓ ଦଳଗତ ଭାବନାର ପ୍ରସାର କରିବାରେ ସହାୟକ ହେଉଥିବା ବେଳେ କର୍ମଚାରୀମାନଙ୍କୁ ଏହା ପରସ୍ପର ସହ ଯୋଡ଼ିହେବା ଓ ଆଗକୁ ବଢ଼ିବା ଲାଗି ଏକ ମଞ୍ଚ ପ୍ରଦାନ କରୁଛି । ବରୋଦା ଅନୁଭୂତି କାର୍ଯ୍ୟକ୍ରମ ଜରିଆରେ ଆମେ ଏକ ସଂସ୍କୃତିଗଠନ କରିବା ଜାରି ରଖିଛୁ ଯାହା ସନ୍ତୁଳନ, ସହଯୋଗିତା ଓ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଉଛି ।" ବରୋଦା ଅନୁଭୂତି କାର୍ଯ୍ୟକ୍ରମ ହେଉଛି ବ୍ୟାଙ୍କ୍ ଅଫ୍ ବରୋଦାର ମାନବ ସମ୍ବଳ ବିଭାଗର ଏକ ପ୍ରମୁଖ କାର୍ଯ୍ୟକ୍ରମ ଯାହାର ଲକ୍ଷ୍ୟ ହେଉଛି କର୍ମଚାରୀ ସଂସ୍କୃତି, ମାନସିକ କଲ୍ୟାଣ ଓ କର୍ମ-ଜୀବନ ସନ୍ତୁଳନର ପ୍ରସାର କରିବା । ଏହା କର୍ମଚାରୀମାନଙ୍କୁ ପ୍ରତିଭାକୁସମୃଦ୍ଧ କରିବା, ଦଳଗତ କାର୍ଯ୍ୟକୁ ଉତ୍ସାହିତ କରିବା ଏବଂ ସାମଗ୍ରିକ କଲ୍ୟାଣରେ ଉନ୍ନତି ଆଣିବା ଭଳି କାର୍ଯ୍ୟକଳାପରେଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରୁଛି ।୨୦୨୫ ନଭେମ୍ବର ୪ରେ ପୁରସ୍କାର ବିତରଣ ସମାରୋହ ସହ ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଥିଲା ।




# ଦ.ଆଫ୍ରିକା ବିପକ୍ଷ ଟେଷ୍ଟ: ଦଳକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୫।୧୧(ଏଜେନ୍ସି): ଚଳିତ ମାସ ୧୪ ତାରିଖରୁ ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଘରୋଇ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି। ଏହି ଶୃଙ୍ଖଳା ପାଇଁ ବୁଧବାର ଭାରତୀୟ ଦଳ ଘୋଷଣା ହୋଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଆହତ ହୋଇଥିବା ରିଷଭ ପନ୍ତ ଭାରତୀୟ ଦଳକୁ ଫେରିଛନ୍ତି। ଜାତୀୟ ଦଳରେ ସାମିଲ ହେବା ପୂର୍ବରୁ ପନ୍ତକୁ ଫିଟନେସ ପରୀକ୍ଷା ଦେବାକୁ ପଡିଥିଲା। ଦ.ଆଫ୍ରିକା ଏ ବିପକ୍ଷ ୪ ଦିନିଆ ଟେଷ୍ଟ ଖେଳିଥିଲେ। ତେଣୁ ବିସିସିଆଇ ତାଙ୍କୁ ଘରୋଇ ଶୃଙ୍ଖଳା ପାଇଁ ଘୋଷଣା ହୋଇଥିବା ୧୫ ଜଣିଆ ଦଳରେ ସାମିଲ କରିଛି।

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଆହତ ହେବା ଯୋଗୁଁ ପନ୍ତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ସିରିଜରୁ ବାଦ ପଡିଥିଲେ। ଏବେ କିନ୍ତୁ ସେ ଦଳକୁ ଫେରିଛନ୍ତି। ଦଳକୁ ଫେରିବା ସହ ସେ ପୂର୍ବ ଭଳି ଭାରତୀୟ ଦଳର ଉପଅଧିନାୟକ ରହିବେ। ପନ୍ତଙ୍କ ଅନୁପସ୍ଥିତିରେ ରବିନ୍ଦ୍ର ଜାଡେଜା ୱେଷ୍ଟଇଣ୍ଡିଜ୍ ଶୃଙ୍ଖଳାରେ ଉପଅଧିନାୟକ ଥିଲେ। ଦ.ଆଫ୍ରିକା ବିପକ୍ଷ ଶୃଙ୍ଖଳା ପାଇଁ ପନ୍ତ ପ୍ରଥମ ୱିକେଟ୍ କିପର ଭାବେ ସ୍ଥାନ ପାଇଥିବା ବେଳେ ଧ୍ରୁବ ଜୁରେଲଙ୍କୁ ବ୍ୟାକ ଅପ୍ ଭାବେ ରଖାଯାଇଛି। ପ୍ରସିଦ୍ଧ କୃଷ୍ଣା ବାଦ ପଡିଥିବା ବେଳେ ଅକ୍ଷର ପଟେଲ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୨୪ରେ ଅକ୍ଷର ଭାରତ ପାଇଁ ଶେଷ ଟେଷ୍ଟ ଖେଳିଥିଲେ। ଏବେ ତାଙ୍କୁ ଜାଡେଜା ଓ ୱାଶିଂଟନ ସୁନ୍ଦର ଶେଷ ଟେଷ୍ଟ ଖେଳିଥିଲେ। ଏବେ ତାଙ୍କୁ ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ସହ ଦଳରେ ନିଆଯାଇଛି। ଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ସ୍ଥାନ ପାଇନଥିବା ଆକାଶଦୀପ ଭାରତୀୟ ଦଳକୁ ଫେରିଛନ୍ତି। ଭାରତ ବିପକ୍ଷ ଟେଷ୍ଟ ଖେଳିବା ପୂର୍ବରୁ ପଡୋଶୀ ପାକିସ୍ତାନ ସହ ମ୍ୟାଚ ଖେଳୁଛି।

ଭାରତ ଓ ଦ.ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ୧୪ରୁ ୧୮ ତାରିଖ ଯାଏ ଇଡେନଗାର୍ଡେନରେ ଖେଳାଯିବ। ଏହାପରେ ଦ୍ୱିତୀୟ ମ୍ୟାଚ ଗୌହାଟୀରେ ନଭେମ୍ବର ୨୨ରୁ ଆରମ୍ଭ ହେବ। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳିବେ।

**ଭାରତୀୟ ଟେଷ୍ଟ ଦଳ:** ଶୁଭମନ ଗିଲ (ଅଧିନାୟକ), ରିଷଭ ପନ୍ତ, ଜଶସ୍ୱୀ ଜୟଶ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ନୀତିଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ଆକାଶଦୀପ।




## ଜିଲ୍ଲା ଉପ କନିଷ୍ଠ କବାଡ଼ି ଖେଳାଳି ଚୟନ

ବ୍ୟାସନଗର, ୫।୧୧(ଜିପ୍ର): ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୭ ତାରିଖ ଶୁକ୍ରବାର ଦିବା ୨ ଘଟିକା ସମୟରେ ଜେ.କେ. ଆସୋସିଏସନ୍ ସହାୟତାରେ ଖଣ୍ଡିତର ସ୍ଥିତ କବାଡ଼ି ଖେଳ ପଡ଼ିଆ ଠାରେ ଜିଲ୍ଲା ଉପକନିଷ୍ଠ ଖେଳାଳୀ ଚୟନ କରାଯିବ । ଉକ୍ତ ଚୟନ ଶିବିରରେଯୋଗ ଦେବାକୁ ଇଚ୍ଛୁକ ଖେଳାଳୀ (ବାଳକ ବାଳିକା) ମାନଙ୍କ ବୟସ ତା-୩୦.୧୧.୨୦୨୫ ସୁଧା ୧୬ ବର୍ଷରୁ କମ୍ ବାଳକ ମାନଙ୍କ ଓଜନ ୬୦କେ.ଜି. ଏବଂ ବାଳିକା ମାନଙ୍କ ଓଜନ ୫୫ କେ.ଜି.ରୁକମ୍ ହୋଇଥିବା ଆବଶ୍ୟକ । ଉକ୍ତ ଚୟନ ଶିବିରରୁ ଚୟନ କରାଯାଇ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟ ଚୟନ ଶିବିରରେ ଯୋଗଦାନ କରିବେ। ଏଣୁସମସ୍ତ ଖେଳାଳୀ ମାନେ ଆଧାରକାର୍ଡ଼ ସହିତ ନିଜର ଦୁଇ ଗୋଟି ଫଟୋ ପ୍ରଦାନ କରି କବାଡ଼ି ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ନିକଟରେ ପଞ୍ଜୀକରଣ କରିବାକୁ ସାଧାରଣ ସଂପାଦକ ସଂବିତ ମହାନ୍ତି ସୂଚନା ଦେଇଛନ୍ତି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି